R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୫୧
ତିଥି : ପଞ୍ଚମୀ
୨୫ ନଭେମ୍ବର ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 51
25 November 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ନିଯୁକ୍ତି ମେଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ନୂତନ ଭାବେ ଚୟନୀତ ୧୨ଟି ବିଭାଗର
୭,୨୯୩ଜଣ ପ୍ରାର୍ଥୀଙ୍କୁ

## ନିଯୁକ୍ତିପତ୍ର ପ୍ରଦାନ ଓ ପ୍ରଶିକ୍ଷଣ

| | | | |
|---|---|---|---|
| ୨,୩୬୫<br>ସ୍ୱରାଷ୍ଟ୍ର ବିଭାଗ (ପ୍ରଶିକ୍ଷଣ) | ୨,୧୫୪<br>ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ୧,୭୫୦<br>ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ | ୬୭୨<br>ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ |
| ୧୧୭<br>କୃଷି ଓ କୃଷକ ସଶକ୍ତିକରଣ ବିଭାଗ | ୭୪<br>ଉଚ୍ଚଶିକ୍ଷା ବିଭାଗ | ୪୦<br>ମହାଧିବକ୍ତା (ଆଡଭୋକେଟ୍ ଜେନେରାଲ୍)ଙ୍କ କାର୍ଯ୍ୟାଳୟ | ୩୯<br>ସୂଚନା ଓ ଲୋକ ସମ୍ପର୍କ ବିଭାଗ |
| ୩୬<br>ଜଳ ସମ୍ପଦ ବିଭାଗ | ୧୭<br>ବାଣିଜ୍ୟ ଓ ପରିବହନ ବିଭାଗ | ୧୫<br>ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ | ୧୪<br>ଇସ୍ପାତ ଓ ଖଣି ବିଭାଗ |

**୨୫ ନଭେମ୍ବର ୨୦୨୫ । କଳିଙ୍ଗ ଷ୍ଟାଡିୟମ୍, ଭୁବନେଶ୍ୱର**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ । ଉଚ୍ଚଶିକ୍ଷା ବିଭାଗ
ମହାଧିବକ୍ତା (ଆଡଭୋକେଟ୍ ଜେନେରାଲ୍)ଙ୍କ କାର୍ଯ୍ୟାଳୟ । ସୂଚନା ଓ ଲୋକ ସମ୍ପର୍କ ବିଭାଗ । ଜଳ ସମ୍ପଦ ବିଭାଗ । ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ
ବାଣିଜ୍ୟ ଓ ପରିବହନ ବିଭାଗ । ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ । ଇସ୍ପାତ ଓ ଖଣି ବିଭାଗ । ସ୍ୱରାଷ୍ଟ୍ର ବିଭାଗ (ପ୍ରଶିକ୍ଷଣ)

**ଓଡ଼ିଶା ସରକାର**

OIPR: DSPL-373



୨୦୧୨ରେ ପଦ୍ମଭୂଷଣ ସହିତ ୧୯୯୦ରେ ନ୍ୟାସନାଲ ଫିଲ୍ମ ଆୱାର୍ଡ ଓ ୧୯୯୭ରେ ଲାଇଫ ଟାଇମ ଆଚିଭମେଣ୍ଟରେ ସମ୍ମାନିତ କରାଯାଇଛି ।

# ବିଦାୟ ହି-ମ୍ୟାନ୍

ଅଭିନେତା ଧର୍ମେନ୍ଦ୍ରଙ୍କ ଅବର୍ତ୍ତମାନରେ ଭାରତୀୟ ସିନେମା ଜଗତର ଏକ ଯୁଗର ଅନ୍ତ ଘଟିଛି । ବିଗତ ୬ ଦଶନ୍ଧିରୁ ଅଧିକ ଦିନ ଧରି ଦର୍ଶକଙ୍କ ହୃଦୟରେ ରାଜ କରୁଥିଲେ ହି-ମ୍ୟାନ । ଫିଲ୍ମ ଜଗତର ଯୁବପିଢିଙ୍କ ପାଇଁ ସେ ଥିଲେ ପ୍ରେରଣାର ଉତ୍ସ । ଅନେକଙ୍କ କ୍ୟାରିୟର ସେ ସାଜିଥିଲେ ଗାଇଡ ମାଷ୍ଟର ।



ବଲିଉଡର ଏକ ଅଧ୍ୟାୟର ଘଟିଛି ଅନ୍ତ । ଭାରତୀୟ ସିନେମାରେ ସୃଷ୍ଟି ହୋଇଛି ଏଭଳି ଏକ ଶୂନ୍ୟସ୍ଥାନ, ଯାହା ଆଗକୁ କେବେ ବି ପୂରଣ ହେବ ନାହିଁ । ବଲିଉଡ ହରାଇଛି ତାର ହି ମ୍ୟାନଙ୍କୁ ଯିଏ କେବଳ ରୋମାଣ୍ଟିକ ନୁହେଁ ଆକସନ୍ ଅନ୍ଦାଜରେ ମଧ୍ୟ ନିଜ ଫ୍ୟାନଙ୍କର ମନୋରଞ୍ଜନ ୬ ଦଶନ୍ଧି ଧରି କରିଥିଲେ । ଅନେକଙ୍କ ପାଇଁ ପ୍ରେରଣା ସାଜିଥିବା ଧର୍ମେନ୍ଦ୍ର ବଲିଉଡ ଇତିହାସର ଜଣେ ସ୍ୱର୍ଣ୍ଣିମ ପୁରୁଷ । ଯିଏ ପଞ୍ଜାବରୁ ଆସି ମାୟାନଗରୀର ବାଦଶାହ ପାଲଟି ଯାଇଥିଲେ ।

## ୧୪ ଦିନ ପରେ ପାଳିଥାନ୍ତେ ଜନ୍ମଦିନ

ନଭେମ୍ବର ୨୪ରେ ପରଲୋକ ଘଟିଛି ବଲିଉଡର ଦିଗଜ୍ ଅଭିନେତା ଧର୍ମେନ୍ଦ୍ରଙ୍କର । ଯାହାଙ୍କର ମୃତ୍ୟୁ ପୁରା ବଲିଉଡରେ ଆଣିଛି ଶୋକର ଛାୟା । ତେବେ ଆଉ ମାତ୍ର ୧୪ ଦିନ ପରେ ଅର୍ଥାତ ୮ ଡିସେମ୍ବର ଧର୍ମେନ୍ଦ୍ର ତାଙ୍କର ୯୦ ତମ ଜନ୍ମଦିନ ପାଳନ କରିଥାନ୍ତେ । ଏପରିକି ସୂଚନା ଅନୁସାରେ ପରିବାର ପକ୍ଷରୁ ତାଙ୍କ ଜନ୍ମ ଦିନ ପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇ ସାରିଥିଲା । ହେଲେ ସବୁ ପ୍ରସ୍ତୁତିରେ ବିରାମ ଲଗାଇ ଦୁନିଆକୁ ଅଲବିଦା କହିଛନ୍ତି ଧର୍ମେନ୍ଦ୍ର । ଜନ୍ମଦିନ ପାଳନ ପୂର୍ବରୁ ଦୁନିଆରୁ ଛାଡି ଆର ପାରକୁ ଚାଲିଯାଇଛନ୍ତି ସେ, ଯାହା ତାଙ୍କ ପରିବାର ସହିତ ତାଙ୍କ ପ୍ରଶଂସକଙ୍କୁ କଷ୍ଟ ଦେଇଛି ।



## ମୃତ୍ୟୁ ଦିନ ଶେଷ ଫିଲ୍ମ ପୋଷ୍ଟର

ଖୁବ କମ ଅଭିନେତାଙ୍କ କ୍ଷେତ୍ରରେ ଏଭଳି କିଛି ଘଟିଥାଏ କି ଯେଉଁ ଦିନ ମୃତ୍ୟୁ ହୁଏ ସେହି ଦିନ ତାଙ୍କ ଫିଲ୍ମର ପୋଷ୍ଟର ରିଲିଜ ହୁଏ । ହେଲେ ଏହି ସ୍ୱତନ୍ତ୍ର ଘଟଣା ଧର୍ମେନ୍ଦ୍ରଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି । ନଭେମ୍ବର ୨୪ରେ ତାଙ୍କର ମୃତ୍ୟୁ ଦିନ ସକାଳେ ହିଁ ତାଙ୍କର ଅଭିନୀତ ଶେଷ ଫିଲ୍ମ ଇକ୍କିଶର ମୋସନ ପୋଷ୍ଟର ରିଲିଜ ହୋଇଛି । ଧର୍ମେନ୍ଦ୍ରଙ୍କ ସ୍ୱରରେ ହିଁ ଏହି ମୋସନ ପୋଷ୍ଟରକୁ ପ୍ରସ୍ତୁତ କରାଯାଇଥିଲା ଯେଉଁଥିରେ ସେ ଫିଲ୍ମ ସମ୍ପର୍କରେ କଥା ହେଉଛନ୍ତି । ଫିଲ୍ମରେ ତାଙ୍କୁ ଅରୁନ କ୍ଷେତ୍ରପାଳଙ୍କ ବାପାଙ୍କ ଭୂମିକାରେ ଦେଖିବାକୁ ମିଳିବ । ଫିଲ୍ମଟି ଆସନ୍ତା ଡିସେମ୍ବର ମାସରେ ରିଲିଜ୍ ହେବା ନେଇ ଯୋଜନା ରହିଛି । କିଛି ସମୟ ମଧ୍ୟରେ ହିଁ ଏହି ମୋସନ ପୋଷ୍ଟରଟି ଖୁବ ଭାଇରାଲ ହୋଇଛି । ଏହି ଫିଲ୍ମରେ ଅମିତାଭ ବଚ୍ଚନଙ୍କ ନାତି ଅଗସ୍ତ୍ୟା ନନ୍ଦାଙ୍କୁ ଦର୍ଶକ ମୁଖ୍ୟ ଚରିତ୍ରରେ ଦେଖିବାକୁ ପାଇବେ । ଫିଲ୍ମର କାହାଣୀଟି ଦେଶର ସ୍ଥଳସେନାକୁ ନେଇ ନିର୍ମାଣ କରାଯାଇଛି ।


## ପରିବାର ପାଇଁ ଚର୍ଚ୍ଚାରେ

କେବଳ ଫିଲ୍ମ ପାଇଁ ନୁହେଁ ନିଜ ପରିବାର ପାଇଁ ମଧ୍ୟ ଅନେକ ସମୟରେ ଚର୍ଚ୍ଚାରେ ରୁହନ୍ତି ଧର୍ମେନ୍ଦ୍ର । ୧୯୫୪ରେ ମାତ୍ର ୧୯ ବର୍ଷରେ ଫିଲ୍ମ ଇଣ୍ଡଷ୍ଟ୍ରୀକୁ ଆସିବା ପୂର୍ବରୁ ସେ ପ୍ରକାଶ କୌରଙ୍କୁ ବିବାହ କରିଥିଲେ । ଯାହାଙ୍କର ଦୁଇ ପୁଅ ଓ ଦୁଇ ଝିଅ ରହିଛନ୍ତି । ଏହାପରେ ସେ ଫିଲ୍ମ ଇଣ୍ଡଷ୍ଟ୍ରୀରେ ପାଦ ଦେଇଥିଲେ । ଯାହାପରେ ତାଙ୍କର ପରିଚୟ ହୋଇଥିଲା ହେମା ମାଳିନୀଙ୍କ ସହିତ । ପରେ ଉଭୟଙ୍କ ବିବାହ ମଧ୍ୟ ହୋଇଥିଲା । ଉଭୟଙ୍କର ଦୁଇଟି ଝିଅ ମଧ୍ୟ ରହିଛନ୍ତି । ତେବେ ହେମାମାଳିନୀଙ୍କ ସହ ବିବାହ ପରେ ଧର୍ମଙ୍କୁ ନେଇ ଅନେକ ସମୟରେ ଉଭୟ ଚର୍ଚ୍ଚାରେ ରହିଛନ୍ତି ।



## ଫିଲ୍ମ ତାଲିକା

- ଶୋଲେ ଓ ସବନମ
- ଶାଦି
- ମେରା କସୁର କ୍ୟା ହେ
- ଚାନ୍ଦ ଔର ସୁରଜ
- ଆକାଶଦୀପ
- ମମତା
- ହକିକତ୍
- ଫୁଲ ଔର ପଥର
- ସତ୍ୟକାମ
- ଜୀବନ ମୃତ୍ୟୁ
- ମୀରା ଗାଓଁ ମେରା ଦେଶ
- ଶୋଲେ ଶୋଲେ
- ଚୁପକେ
- ଧରମ ବୀର
- ଗୁଲାମୀ
- ଅପନେ
- ୟମଲା ପଗଲା ଦିୱାନା
- ଖଲି ବଲି
- ରକି ଓ୍ୱର ରାନୀ କି ପ୍ରେମ କାହାନୀ
- ଇକ୍କିସ




## ଦିଲ୍ଲୀପ କୁମାର ଥିଲେ ପ୍ରେରଣା

୮ ଡିସେମ୍ବର ୧୯୩୫ରେ ପଞ୍ଜାବର ନସରାଲୀର ହେଡମାଷ୍ଟର କେବଲ କିସନ ଦେଓ୍ୱଲ ଓ ସନ୍ତବନ୍ତଙ୍କ ପୁତ୍ରଭାବେ ଜନ୍ମ ହୋଇଥିଲେ । ପିଲାଦିନ ନାଁ ରହିଥିଲା ଧରମ କେବଲ କୃଷ୍ଣ ଦେଓ୍ୱଲ । ସରକାରୀ ସ୍କୁଲରୁ ନିଜର ପାଠ ପଢା ଆରମ୍ଭ କରିଥିଲେ ଧର୍ମେନ୍ଦ୍ର । ତେବେ ଯେତେବେଳେ ଦଶମ ଶ୍ରେଣୀରେ ପାଠ ପଢୁଥିଲେ ସେତେବେଳେ ଦିଲ୍ଲୀପ କୁମାରଙ୍କ ଫିଲ୍ମ ସହୀଦ ଦେଖିବା ପରେ ହିରୋ ହେବା ପାଇଁ ଯେପରି ଶପଥ ନେଇଥିଲେ । ଏହାପରେ ଏକ ଟାଲେଣ୍ଟ ହଣ୍ଟ ଶୋ ଜିତିବା ପରେ ତାଙ୍କୁ ଦେବ ଆନନ୍ଦଙ୍କ ସହିତ ଲଞ୍ଚ ହେବାର ଅଫର ମିଳିଥିଲା । ମୁମ୍ବାଇରେ ହୋଇଥିବା ଫିଲ୍ମ ଫେୟାରର ଟାଲେଣ୍ଟ ହଣ୍ଟ ଶୋରେ ଭାଗ ନେଇଥିଲେ । ଏହି ଶୋର ବିଜେତାଙ୍କୁ ସେତେବେଳେ ହିନ୍ଦୀ ଫିଲ୍ମ ମିଳିବାର ପ୍ରଥା ଥିଲା । ତେବେ ଏହି ଶୋର ସମସ୍ତ ପ୍ରତିଯୋଗୀଙ୍କୁ ଦେବ ଆନନ୍ଦଙ୍କ ଫିଲ୍ମ ସେଟକୁ ନିଆଯାଇଥିଲା ଯେଉଁଠାରେ ଧର୍ମେନ୍ଦ୍ରଙ୍କୁ ଦେବ ଆନନ୍ଦ ଦେଖିବା ସହିତ ଫିଲ୍ମ ପାଇଁ ଅଫର ହୋଇଥିଲା ।

## ମନେରହିବେ 'ବୀରୁ'

୧୯୭୫ରେ ରିଲିଜ୍ ହୁଏ ଫିଲ୍ମ ଶୋଲେ । ଭାରତୀୟ ଫିଲ୍ମ ଇତିହାସରେ ଏହି ଫିଲ୍ମଟି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ଏହି ଫିଲ୍ମରେ ଧର୍ମେନ୍ଦ୍ର, ଅମିତାଭ ଓ ହେମାମାଳିନୀଙ୍କ ଅଭିନୟ ଆଜି ବି ଜୀବନ୍ତ । ସମସ୍ତ ପିଢିର ଦର୍ଶକ ଏହି ଫିଲ୍ମର ଫ୍ୟାନ ଭାବେ ଆଜି ବି ରହିଛନ୍ତି । ଆଜି ବି ଏହି ଫିଲ୍ମର କିଛି ଏଭଳି ଡାଇଲଗ ରହିଛି ଯାହାକୁ ଦର୍ଶକ ଆଜି ବି ଗୁଣଗୁଣେଇ ଥାଆନ୍ତି । ସଲିମ ଜାଭେଦ ଯୋଡିଙ୍କର ଏହି ଲେଖାକୁ ଧର୍ମେନ୍ଦ୍ରଙ୍କ ଅଭିନୟ ଜୀବନ୍ତ କରିଥିଲା । ଫିଲ୍ମଟି ଭାରତୀୟ ସିନେମାକୁ ପୁରା ବିଶ୍ୱରେ ପରିଚିତ କରାଇଥିଲା । ବୀରୁ ଓ ଜୟ ଯୋଡି ସବୁବେଳେ ଦର୍ଶକଙ୍କ ମନରେ ଜୀବନ୍ତ ରହିବ । ହେଲେ ଆଜି ଜୟକୁ ଛାଡି ବୀରୁ ଆରପାରିରେ ଯାହା ଉଭୟଙ୍କ ଫ୍ୟାନଙ୍କୁ ଖୁବ କଷ୍ଟ ଦେଇଛି ।



## ୨୦୦ ଟଙ୍କାରେ କରିଥିଲେ ଚାକିରି

ମୁମ୍ବାଇରେ ରହିବା ବେଳେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଡ୍ରିଲିଂ ଫାର୍ମରେ କାମ କରିଥିଲେ ଯେଉଥିରେ ସେ ୨୦୦ ଟଙ୍କାର ପାରିଶ୍ରମିକ ପାଉଥିଲେ । ଅନେକ ମାସ ବିଭିନ୍ନ ପ୍ରଡକସନ୍ ହାଉସ ଗୁଡିକ ବୁଲିବା ପରେ ଫିଲ୍ମ ଦିଲ୍ ଭି ତେରା ହମ ଭି ତେରେରେ ସୁଯୋଗ ମିଳିଥିଲା, ଯାହା ୧୯୬୦ରେ ରିଲିଜ ହୋଇଥିଲା । ଏହି ଫିଲ୍ମ ପାଇଁ ତାଙ୍କୁ ମାତ୍ର ୫୧ ଟଙ୍କା ଫିସ୍ ମିଳିଥିଲା । ପଇସା ବଞ୍ଚାଇବା ପାଇଁ ସେ ସେତେବେଳେ ନିର୍ଦ୍ଦେଶକ ଅର୍ଜୁନ ହିଙ୍ଗୋରାନୀଙ୍କ ଗ୍ୟାରେଜ୍‌ରେ ରହୁଥିଲେ । ତେବେ ପ୍ରଥମ ଫିଲ୍ମ ତାଙ୍କର ହିଟ ହୋଇଥିଲା ଏବଂ ତାଙ୍କୁ ଘରେଘରେ ପରିଚୟ ଦେଇଥିଲା ।



ଧର୍ମେନ୍ଦ୍ର ଓ ହେମାମାଳିନୀଙ୍କ ସହ ଝିଅ ଈଶା ଏବଂ ଅହାନା ।

## ରୋମାଣ୍ଟିକ୍‌ରୁ ହୋଇଥିଲେ ଆକ୍ସନ ହିରୋ



ନିଜ କ୍ୟାରିୟରରେ ସେ ୩୦୦ରୁ ଅଧିକ ଫିଲ୍ମରେ ଅଭିନୟ କରି ସେ ଏକ ଯୁଗର ସୃଷ୍ଟି କରିଥିଲେ । ୧୯୬୦ ରୁ ୭୦ ଦଶକ ଭିତରେ ଧର୍ମେନ୍ଦ୍ର ରୋମାଣ୍ଟିକ ହିରୋର ପରିଚୟ ପାଇଥିଲେ । ଏହାରି ଭିତରେ ୧୯୬୭ରେ ଫୁଲ ଔର ପଥର ଫିଲ୍ମ ରିଲିଜ୍ ହୋଇଥିଲା । ଏହି ଫିଲ୍ମରେ ଧର୍ମେନ୍ଦ୍ରଙ୍କୁ ପ୍ରଥମଥର ପାଇଁ ଆକସନ୍ ଫିଲ୍ମରେ ଦେଖିବାକୁ ମିଳିଥିଲା । ଏହି ଫିଲ୍ମପରେ ତାଙ୍କୁ ଆକସନ୍ ହିରୋ ବା ହି ମ୍ୟାନ୍‌ର ଆଖ୍ୟ ମିଳିଥିଲା । ଘରେଘରେ ରୋମାଣ୍ଟିକ ସହିତ ଆକସନ୍ ହିରୋ ଭାବେ ଦର୍ଶକଙ୍କ ହୃଦୟରେ ରାଜ କରିବା ଆରମ୍ଭ କରିଥିଲେ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୫୧
ତିଥି: ପଞ୍ଚମୀ
୨୫ ନଭେମ୍ବର ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 51
25 November 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ପରଲୋକରେ ଧର୍ମେନ୍ଦ୍ର

ନୂଆଦିଲ୍ଲୀ, ୨୪ ।୧୧ : ଦୀର୍ଘ ୬ ଦଶନ୍ଧୀ ଧରି ବଲିଉଡ୍ ଜଗତରେ ରାଜ୍ କରିଆସୁଥିବା ତଥା 'ହି ମ୍ୟାନ୍' ଭାବେ ପରିଚିତ ଲୋକପ୍ରିୟ ଅଭିନେତା ଧର୍ମେନ୍ଦ୍ରଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ହୋଇଥିଲା । ମୁମ୍ବାଇସ୍ଥିତ ତାଙ୍କ ଘରେ ଆଜି ସକାଳୁ ତାଙ୍କର ପରଲୋକ ହୋଇଯାଇଛି । ଏହି ଖବର ସିନେ ଜଗତରେ ଶୋକର ଛାୟା ଖେଳାଇଦେଇଛି । ଏହି ମାସରେ କିଛିଦିନ ପୂର୍ବରୁ ନିଃଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହେବାରୁ ସେ ବ୍ରିଜ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଧର୍ମେନ୍ଦ୍ରଙ୍କ ଶେଷ ଦର୍ଶନ ପାଇଁ ପୱନହଂସ ଶ୍ମଶାସନରେ ବହୁ ଅଭିନେତାଙ୍କ ଭିଡ ଦେଖିବାକୁ ମିଳିଥିଲା । ଅମିତାଭ ବଚ୍ଚନ, ରଣବୀର ସିଂହ, ସଲମାନ ଖାନ୍, ସଞ୍ଜୟ ଦତ୍ତ, ଅମିର ଖାନ୍, ହେମା ମାଳିନୀ, ସାହାରୁଖ୍ ଖାନ୍‌ଙ୍କ ସମେତ ବହୁ ନାମିଦାମୀ କଳାକାର ଉପସ୍ଥିତ ଥିଲେ ।

୬ ଦଶନ୍ଧୀ ଧରି ଧର୍ମେନ୍ଦ୍ର ଫିଲ୍ମ ଜଗତରେ ଅନେକ ପଦଚିହ୍ନ ଛାଡି ଦେଇଯାଇଛନ୍ତି । ତାଙ୍କର ଶେଷ ଚଳଚ୍ଚିତ୍ର ଇକିଶ ଆସନ୍ତା ଡିସେମ୍ବରରେ ମୁକ୍ତିଲାଭ କରିବ । ଧର୍ମେନ୍ଦ୍ରଙ୍କର ଦୁଇ ପତ୍ନୀ ପ୍ରକାଶ କୌର ଓ ହେମା ମାଳିନୀଙ୍କ ସମେତ ୬ ସନ୍ତାନ ଅଛନ୍ତି । ଧର୍ମେନ୍ଦ୍ରଙ୍କର ଦୁଇ ପୁଅ ସନି ଦେଓଲ, ବବି ଦେଓଲ, ଝିଅ ଇଶା ଦେଓଲ, ଆହାନା ଦେଓଲ, ବିଜେତା ଦେଓଲ ଓ ଅଜିତା ଦେଓଲ ଅଛନ୍ତି । ୧୯୬୦ ମସିହାରେ ଧର୍ମେନ୍ଦ୍ର ଭାରତୀୟ ସିନେମାନେ ଭାରତୀୟ ସିନେମାରେ ପ୍ରଥମେ ପାଦ ଥାପିଥିଲେ । ଦିଲ୍ ଭି ତେରା ହମ୍ ଭି ତେରେ ଫିଲ୍ମରେ ସେ କାର୍ଯ୍ୟ ଆରମ୍ଭ କରିଥିଲେ । ତାଙ୍କୁ ପଦ୍ମଭୂଷଣ ସମ୍ମାନରେ ୨୦୧୨ରେ ସମ୍ମାନୀତ କରାଯାଇଥିଲା । ତାଙ୍କ ଫିଲ୍ମ କ୍ୟାରିୟର ମଧ୍ୟରେ ବହୁ ହିଟ୍ ଫିଲ୍ମ ରହିଛି । ସୋଲେ, ୟାଦୋଁ କି ବାରାତ, ମେରା ଗାଓଁ ମେରା ଦେଶ୍, ପ୍ରତିଜ୍ଞା, ଛୁପ୍ କେ ଛୁପ୍‌କେ, ନୌକର ବିବି କା, ଫୁଲ୍ ଔର ପଥର,



■ ୬ ଦଶନ୍ଧି ଧରି ବଲିଉଡ୍‌ରେ କରିଥିଲେ ରାଜ୍
■ ବଲିଉଡ୍ ଜଗତରେ ଶୋକର ଛାୟା
■ ପୱନହଂସ ଶ୍ମଶାନରେ ଶେଷକୃତ୍ୟ
■ ୮୯ ବୟସରେ ଇହଧାମ ଛାଡ଼ିଲେ
■ ଶେଷ ଦର୍ଶନ ଲାଗି ଶ୍ମଶାନରେ ଅଭିନେତା ଅଭିନେତ୍ରୀଙ୍କ ଭିଡ଼
■ 'ହି-ମ୍ୟାନ୍' ଭାବେ ସୃଷ୍ଟି କରିଥିଲେ ସ୍ୱତନ୍ତ୍ର ପରିଚୟ

ସତ୍ୟକାମ୍, ଦିଲ୍ ନେ ଫିର ୟାଦ୍ କିୟା, ଜୁଗ୍ନୁନ୍, ଚାରସ, ଧରମବୀର, ଆଜାଦ୍, ଲୋହା, ହୁକୁମତ୍ ଭଳି ହିଟ୍ ଫିଲ୍ମ ରହିଛି । ଧର୍ମେନ୍ଦ୍ର ଯୁବପିଢ଼ୀ ପାଇଁ ବେଶ୍ ପ୍ରେରଣା ଥିଲେ । ଅନୁରାଗ ବସୁଙ୍କ ଫିଲ୍ମରେ ସେ ଏକ ରୋମାଣ୍ଟିକ୍ ହିରୋ ଭାବେ ନଜର ଆସିଥିଲେ । ଶେଷଥର ପାଇଁ ଫିଲ୍ମ ତେରି ବାତୋ ମେଁ ୟେସା ଉଲଝ ଜିୟା ପରଦାରେ ଦେଖିବାକୁ ମିଳିଥିଲା । ଅଧିକାଂଶ ଲୋକପ୍ରିୟ ଫିଲ୍ମ ସେ ଦେଇଥିବାରୁ ତାଙ୍କୁ ଫିଲ୍ମ ଫେୟାର ପୁରସ୍କାରରେ ଶ୍ରେଷ୍ଠ ଅଭିନେତା ପୁରସ୍କାର ମିଳିଥିଲା । (୯ ପୃଷ୍ଠାରେ)

## ଧର୍ମେନ୍ଦ୍ରଙ୍କ ବିୟୋଗ ସିନେ ଜଗତ ଲାଗି ବଡ କ୍ଷତି : ରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୪ ।୧୧ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ସୋସିଆଲ ମିଡ଼ିଆ ଏକ୍ସରେ ଧର୍ମେନ୍ଦ୍ରଙ୍କ ବିୟୋଗ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ପୂର୍ବତନ ଲୋକସଭା ସାଂସଦ ଓ ବିଶିଷ୍ଟ ଅଭିନେତା ଧର୍ମେନ୍ଦ୍ରଙ୍କ ବିୟୋଗ ଭାରତୀୟ ସିନେମା ପାଇଁ ଏକ ବଡ କ୍ଷତି । ସେ ଏକ ଲୋକପ୍ରିୟ ଅଭିନେତା ଥିଲେ ଏବଂ ବହୁ ଦଶନ୍ଧୀ ଧରି ତାଙ୍କ ଚଳଚ୍ଚିତ୍ର କ୍ୟାରିୟରରେ ଅନେକ ସ୍ମରଣୀୟ ଫିଲ୍ମ ଦେଇଛନ୍ତି । ଭାରତୀୟ ସିନେମାର ଏକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଭାବେ ସର୍ବଦା ଯୁବପିଢ଼ୀଙ୍କୁ ପ୍ରେରଣା ଯୋଗାଇଥିଲେ । ତାଙ୍କ ପରିବାର ଓ ବନ୍ଧୁଙ୍କ ପ୍ରତି ମୁଁ ସମବେଦନା ଜଣାଉଛି ।

## ଏକ ଯୁଗର ଅବସାନ ଘଟିଲା : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୪ ।୧୧ : ଅଭିନେତା ଧର୍ମେନ୍ଦ୍ରଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ସୋସିଆଲ ମିଡିଆରେ ସେ ଉଲ୍ଲେଖ କରିଛନ୍ତି ଯେ ଭାରତୀୟ ସିନେ ଜଗତର ଏକ ଯୁଗର ଅବସାନ ଘଟିଲା । ସେ ଏକ ଅନନ୍ୟ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ତାଙ୍କର ଅଭିନୟ ସବୁବେଳେ ଜୀବନ୍ତ ହେଉଥିଲା । ସରଳତା, ମାନବିକତା ଓ ସର୍ବଦା ଚଳଚଞ୍ଚଳ ତାଙ୍କର ବିଶେଷତ୍ୱ ରହିଥିଲା । ମୋର ଭାବନା ତାଙ୍କ ପରିବାର, ବନ୍ଧୁ ଓ ଫ୍ୟାନ୍‌ମାନଙ୍କ ପ୍ରତି ରହିଛି ।

## ନୂଆପିଢ଼ୀର କଳାକାରଙ୍କୁ ପ୍ରେରଣା ଯୋଗାଇବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪ ।୧୧ (ସବ୍ୟୁ) : ଚଳଚ୍ଚିତ୍ର ଅଭିନେତା ଧର୍ମେନ୍ଦ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକବ୍ୟକ୍ତ କରିଛନ୍ତି । ସୋସିଆଲ ମିଡ଼ିଆରେ ଶୋକବ୍ୟକ୍ତ କରି ସେ ଉଲ୍ଲେଖ କରିଛନ୍ତି ଯେ ଦୀର୍ଘ ଦଶନ୍ଧୀ ଧରି ସେ ତାଙ୍କ ଅଭିନୟ ଚାତୁରିରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ । ସେ ସର୍ବଦା ନୂଆ ପିଢ଼ୀର କଳାକାରଙ୍କ ପାଇଁ ପ୍ରେରଣା ଥିଲେ । ମୁଁ ତାଙ୍କ ପରିବାର ବର୍ଗଙ୍କ ପ୍ରତି ହୃଦୟରୁ ସମବେଦନା ଜଣାଉଛି । ତାଙ୍କ ଆତ୍ମାର ସଦ୍‌ଗତି କାମନା କରୁଛି ।

# କ୍ୟାବିନେଟ୍‌ରେ ୩ ପ୍ରସ୍ତାବକୁ ମଞ୍ଜୁରୀ

ଭୁବନେଶ୍ୱର, ୨୪ ।୧୧ (ସବ୍ୟୁ) : ଉଚ୍ଚମାଧ୍ୟମିକ (୧୦ ପ୍ଲସ୍ ୨) ସ୍ତର କିମ୍ବା ସମାନ ସ୍ତର ଅଧୀନସ୍ଥ ସେବା ଓ ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ ୨୦୨୨ର ସଂଶୋଧନ କରାଯାଇଛି । ଉପରୋକ୍ତ ପ୍ରସ୍ତାବ ସମେତ ରାଜ୍ୟ କ୍ୟାବିନେଟ୍‌ରେ ୩ ପ୍ରସ୍ତାବ ଅନୁମୋଦିତ ହୋଇଛି । ଏହାଛଡା ମନ୍ତ୍ରୀ ପରିଷଦ ବୈଠକରେ ଆଗାମୀ ବିଧାନସଭାର ଶୀତ ଅଧିବେଶନରେ ଆଗତ ହେବାକୁ ଥିବା ଅତିରିକ୍ତ ବଜେଟକୁ ଅନୁମୋଦନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ କ୍ୟାବିନେଟ୍ ଓ ମନ୍ତ୍ରୀ ପରିଷଦର ବୈଠକ ଅନୁଷ୍ଠିତ ହୋଇଥିଲା । ସୂଚନା ଅନୁଯାୟୀ ମନ୍ତ୍ରୀ ପରିଷଦ ବୈଠକରେ ଅତିରିକ୍ତ ବଜେଟ୍ ଲାଗି ପ୍ରାୟ ୧୦ ହଜାର କୋଟି ଟଙ୍କାର ବ୍ୟୟ ଅଟକଳକୁ (୯ ପୃଷ୍ଠାରେ)




### ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ
## ପୁଣି ସିବିଆଇରେ ୩ ପରୀକ୍ଷାର୍ଥୀ ହାଜର

ଭୁବନେଶ୍ୱର, (ସବ୍ୟୁ) : ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀର ସିବିଆଇ ତଦନ୍ତ କରୁଥିବା ବେଳେ ପରୀକ୍ଷାର୍ଥୀମାନଙ୍କୁ ପ୍ରଥମେ ଜେରା କରାଯାଉଛି । ପୂର୍ବରୁ ଦୁଇଦିନରେ ୧୦ଜଣ ପରୀକ୍ଷାର୍ଥୀଙ୍କୁ ଜେରା କରାଯାଇ ତାଙ୍କ ବୟାନ ରେକର୍ଡ ହୋଇଛି । ବ୍ରହ୍ମପୁର ଜେଲ୍‌ରେ ଥିବା ସବୁ ଦଲାଲଙ୍କୁ ଭୁବନେଶ୍ୱର ଝାରପଡା ସ୍ୱତନ୍ତ୍ର ଜେଲ୍‌କୁ ଅଣାଯିବ ବୋଲି ସୂଚନା ମିଳିଛି ।

ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୦ଜଣଙ୍କୁ ନୋଟିସ୍ କରାଯାଇଥିବା ବେଳେ ସୋମବାର ୩ଜଣ ହାଜର ହୋଇଥିଲେ । ତାଙ୍କୁ ଦିନତମାମ ଅଲଗା (୯ ପୃଷ୍ଠାରେ)

## ଚନ୍ଦକାରେ ଯୁବକଙ୍କୁ ହତ୍ୟା

ଭୁବନେଶ୍ୱର/ବାରଙ୍ଗ, (ସବ୍ୟୁ) : ଚନ୍ଦକା ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟା କରି ଗୋଡିବାରି ନିକଟ ରାସ୍ତାକଡରେ ପକାଇଦେଇ ହତ୍ୟାକାରୀ ଚମ୍ପଟ ହୋଇଯାଇଛନ୍ତି । ପୋଲିସ ଖବର ପାଇ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଦୁଇଜଣ ଅଟକ ଥିବା ସୂଚନା ମିଳିଛି ।


ଯାଜପୁର ଡୁବୁରୀ ଅଞ୍ଚଳର ଶତ୍ରୁଘ୍ନ ବେଉରା (୨୮) ଚନ୍ଦକା ଅଞ୍ଚଳର ଏକ ଟେଣ୍ଟହାଉସ୍‌ରେ ଗତ କିଛିଦିନ ହେବ କାମ କରୁଥିଲେ । କୌଣସି ସମ୍ପର୍କିତଙ୍କ ନିର୍ବନ୍ଧକୁ ଯାଉଛି ବୋଲି ମାଲିକଙ୍କୁ କହି ସେ ଯାଇଥିଲା । ସେ ଟେଣ୍ଟହାଉସ୍ (୯ ପୃଷ୍ଠାରେ)

# ବିଶ୍ୱରୁ ଯକ୍ଷ୍ମା ମୂଳପୋଛ ହେବ : ଆଇଏଲ୍‌ଏସ୍



ଭୁବନେଶ୍ୱର, ୨୪ ।୧୧ (ସବ୍ୟୁ): ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱର ଏବଂ ଜୀବନ ବିଜ୍ଞାନ ସଂସ୍ଥାନ ଆଇଏଲଏସ), ଭୁବନେଶ୍ୱର, ଜାତୀୟ ଗବେଷଣା ବିକାଶ ନିଗମ ସହିତ, ସବୟୁନିଟ୍ ଟୀକା ଇନ୍ ଆଡଭାଣ୍ଟ ଆଗେଷ୍ଟ ମାଇକୋବ୍ୟାକେଫରିୟମ ଟ୍ୟୁବରକ୍ୟୁଲୋସିସ୍ ବିରୁଦ୍ଧରେ ଶୀର୍ଷକ ଏକ ନୂତନ ଯକ୍ଷ୍ମା ଟୀକା ପ୍ରାର୍ଥୀର ପ୍ରଯୁକ୍ତିବିଦ୍ୟା (ଟ୍ରାନ୍ସଫର) ସ୍ଥାନାନ୍ତର ଏବଂ ଭବିଷ୍ୟତର ବାଣିଜ୍ୟକରଣ ପାଇଁ ଟେକ୍ଇନଭେନସନ୍ ଲାଇଫକେୟାର ଲିମିଟେଡ୍ ସହିତ ଏକ ଚତୁଃର୍ପାକ୍ଷିକ ଲାଇସେନ୍ସ ଚୁକ୍ତିନାମା ସୋମବାର ଅପରାହ୍ନରେ ସ୍ଥାନୀୟ ଆଇଏଲଏସାରେ ସ୍ୱାକ୍ଷର କରିଛନ୍ତି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ରିପୋର୍ଟ କରାଯାଇଥିବା ରିପୋର୍ଟ ଅନୁଯାୟୀ, ଯକ୍ଷ୍ମା (ଟିବି) ବିଶ୍ୱର ସବୁଠାରୁ ମାରାତ୍ମକ ସଂକ୍ରାମକ ରୋଗ ମଧ୍ୟରୁ ଗୋଟିଏ, । ଯାହା କେବଳ ୨୦୨୪ ରେ ୧.୨୩ ନିୟୁତ ଲୋକଙ୍କ ଜୀବନ ନେଇଛି ।୨୦୩୦ ସୁଦ୍ଧା ଯକ୍ଷ୍ମା ମହାମାରୀ ସମାପ୍ତ କରିବା ହେଉଛି ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ । ବିଶ୍ୱ ଏକ ଶତାବ୍ଦୀ ପୂର୍ବରୁ ବିକଶିତ ବାସିଲସ୍ କାଲମେଟ୍ ଗ୍ୟୁରିନ୍ ଟିକା ଉପରେ ନିର୍ଭର କରିଆସୁଛି, ଯାହା ମୁଖ୍ୟତଃ ଶିଶୁମାନଙ୍କୁ କେବଳ ସୀମିତ ସୁରକ୍ଷା ପ୍ରଦାନ କରେ ଏବଂ କିଶୋର ଏବଂ ବୟସ୍କମାନଙ୍କ ମଧ୍ୟରେ ଫୁସଫୁସ ଯକ୍ଷ୍ମା ରୋକିବାରେ ମୁଖ୍ୟତଃ ପ୍ରଭାବହୀନ । ଏହି ଗୁରୁତ୍ୱପୂର୍ଣ୍ଣ ଅପୂରଣୀୟ ଆବଶ୍ୟକତାକୁ ପୂରଣ କରିବା ପାଇଁ, ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ଭୁବନେଶ୍ୱରର ପ୍ରଫେସର ଆଶିଷ ବିଶ୍ୱାସ ଏବଂ ଭୁବନେଶ୍ୱରର ଜୀବନ ବିଜ୍ଞାନ ପ୍ରତିଷ୍ଠାନର ଡକଫର (୯ ପୃଷ୍ଠାରେ)



## ମୁଖ୍ୟମନ୍ତ୍ରୀଙ୍କ ୧୫ତମ ପାଳି ଅଭିଯୋଗ ଶୁଣାଣି

# ଲୋକଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗ ପ୍ରଦାନ ପାଇଁ ଆମେ ବଦ୍ଧପରିକର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୫ତମ ପାଳି। ଆଜି କେନ୍ଦୁଝରରୁ ସିଧାସଳଖ ଆସି ଭୁବନେଶ୍ୱର ୟୁନିଟ-୨ ଠାରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୮ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ମାଧ୍ୟମରେ ସାଧାରଣ ଲୋକଟିଏ ତା'ର ସମସ୍ୟା ଓ ଅଭିଯୋଗକୁ ସିଧାସଳଖ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇପାରୁଛି। ସରକାରଙ୍କ ପକ୍ଷରୁ ସମସ୍ତ ଅଭିଯୋଗ ଗୁଡ଼ିକୁ ସମାନ ଗୁରୁତ୍ୱ ଦେଇ ତା'ର ସମାଧାନ କରାଯାଉଛି। ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗର ଗୁରୁତ୍ୱକୁ



ଦେଖି ସିଧାସଳଖ ସମ୍ପୃକ୍ତ ଅଧିକାରୀଙ୍କୁ ମଧ୍ୟ ଏହାର ଆଶୁ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଉଛି।

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୪ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୨,୯୫୦ଟି ଅଭିଯୋଗ ମଧ୍ୟରୁ ୧୨,୩୭୧ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୯୬ ପ୍ରତିଶତ ଅଟେ । ବାକି ରହିଥିବା ୫୭୯ଟି ଅଭିଯୋଗ ପ୍ରକ୍ରିୟା ମଧ୍ୟରେ ରହିଛି । ଲୋକଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିୟମିତ ପ୍ରୟାସ ଯୋଗୁ ସରକାରଙ୍କ ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧି ପାଇଛି। ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ପ୍ରଥମେ ସକାଳେ ଆସି ବାହାରେ ଅପେକ୍ଷା କରିଥିବା ୩୪ଜଣ ଭିନ୍ନକ୍ଷମ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ।

ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗ ଏବଂ ସହାୟତା ପ୍ରଦାନ କରିବା ପାଇଁ ଆମେ ବଦ୍ଧପରିକର। ସେ ଆହୁରି କହିଥିଲେ ଆମର ଜିଲ୍ଲା ସ୍ତରରେ ମଧ୍ୟ ନିୟମିତ ଭାବେ ଜିଲ୍ଲାପାଳଙ୍କ ଦ୍ୱାରା ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଜିଲ୍ଲା ସ୍ତରରେ ଆସୁଥିବା ଅଭିଯୋଗ ଗୁଡ଼ିକୁ ସେଠାରେ ସମାଧାନ କରିବା ପାଇଁ ଜିଲ୍ଲାପାଳ ଓ ଏସ୍.ପି ମାନଙ୍କୁ ଗତ ଜିଲ୍ଲାପାଳ ଓ ଏସ୍.ପି. ସମ୍ମିଳନୀରେ ନିର୍ଦ୍ଦେଶ ଦିଆଯାଇଛି। ଏହା ଦ୍ୱାରା ଅଧିକାଂଶ ସମସ୍ୟାଗୁଡିକ ସ୍ଥାନୀୟ ପ୍ରଶାସନ ଦ୍ୱାରା ସମାଧାନ ହୋଇପାରିବ। ଲୋକମାନଙ୍କୁ ସେମାନଙ୍କର ସମସ୍ୟା ନେଇ ଭୁବନେଶ୍ୱର ଆସିବାକୁ ପଡିବ ନାହିଁ। ଆଜି ଆସିଥିବା ଅଭିଯୋଗକାରୀମାନଙ୍କ ମଧ୍ୟରେ ଜଣେ ମହିଳା ହିତାଧିକାରୀ ମୁଖ୍ୟମନ୍ତ୍ରୀଙ୍କ ଯୋଗୁଁ ତାଙ୍କର ଦୀର୍ଘ ଦିନର ସମସ୍ୟା ଦୂର ହୋଇଥିବାରୁ ସେ ସ୍ୱତନ୍ତ୍ର ଭାବେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

# ୧୧ଦଫା ଦାବିରେ ଅଙ୍ଗନବାଡି କର୍ମୀଙ୍କ ବିକ୍ଷୋଭ



ଭୁବନେଶ୍ୱର, (ସବ୍ୟୁ) : ୧୧ଦଫା ଦାବି ନେଇ ପ୍ରାୟ ୫୦ ହଜାର ଅଙ୍ଗନୱାଡି କର୍ମୀ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜି ଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସଂଘ ଡାକରାରେ ସାରା ଓଡ଼ିଶାର ସବୁ ଜିଲ୍ଲାରୁ କର୍ମୀମାନେ ଆସି ବିକ୍ଷୋଭରେ ସାମିଲ ହୋଇଥିବା ଦେଖାଯାଇଥିଲା । ଲୋୟର ପିଏମ୍‌ଜି ଅଙ୍ଗନବାଡି କର୍ମୀଙ୍କୁ ନେଇ ସମ୍ପୂର୍ଣ୍ଣ ଭରପୂର ଥିଲା । ସେମାନଙ୍କ ନାରାବାଜିରେ ଉଚ୍ଛୁଳି ପଡୁଥିଲା ପରିବେଶ ।

୧୧ଦଫା ଦାବି ମଧ୍ୟରେ ଅଙ୍ଗନବାଡି କର୍ମୀଙ୍କ ଦରମା ୧୮ ହଜାରକୁ ବୃଦ୍ଧି କରାଯିବା ସହ ସହାୟିକାଙ୍କ ଦରମା ୯ ହଜାର କରାଯାଉ । ଏଥିସହ ୫ ହଜାର ଟଙ୍କା ପେନସନ ଦିଆଯାଇ ତାଙ୍କୁ ସ୍ୱାସ୍ଥ୍ୟବୀମା ଆୟୁଷରେ ଅନ୍ତର୍ଭୁକ୍ତ କରାଯାଉ ବୋଲି ସେମାନେ ଦାବି କରିଛନ୍ତି । ଆହୁରି ମଧ୍ୟ ନୂଆ ମୋବାଇଲ, ଶିକ୍ଷୟିତ୍ରୀ ମାନ୍ୟତା ଭଳି ଅନେକ ଦାବିକୁ ନେଇ ୧୧ଦଫା ଦାବି ସମ୍ବଳିତ । ଅଙ୍ଗନବାଡି କର୍ମୀଙ୍କ ସଭାପତିଙ୍କ କହିବାନୁଯାୟୀ ପୂର୍ବବର୍ଷ ଡିସେମ୍ବର ୧୭ ତାରିଖରେ ଆମେ ବିକ୍ଷୋଭ କରିଥିଲୁ ସରକାର ପ୍ରତିଶ୍ରୁତି ଦେଇ ଦାବି ପୂରଣ କଲେନାହିଁ । ସେଥିପାଇଁ ଆମେ ବିଧାନସଭା ସମୟରେ ସରକାରଙ୍କୁ ମନେ ପକାଇ ଦେବାକୁ ଆସିଛୁ ।

## କଂଗ୍ରେସର ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

# କାର୍ଯ୍ୟରେ ଯୋଗଦେଲେ ସହପ୍ରଭାରୀ କୁସୁମ କୁମାର

ଭୁବନେଶ୍ୱର,(ସବ୍ୟୁ): ଯୁବବର୍ଗଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ପକ୍ଷରୁ ଦେଶବ୍ୟାପୀ ଆରମ୍ଭ ହୋଇଛି ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ । ଏହି ପରିପ୍ରେକ୍ଷୀରେ ଓଡ଼ିଶା ପିସିସି ଗଣମାଧ୍ୟମ, ଯୋଗାଯୋଗ ଓ ପ୍ରଚାର ବିଭାଗ ପକ୍ଷରୁ ସୋମବାର କଂଗ୍ରେସ ଭବନରେ ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଛି । ଏହାକୁ ଉଦଘାଟନ କରି ଓଡ଼ିଶା ପ୍ରଦେଶ କଂଗ୍ରେସର ନବନିଯୁକ୍ତ ସହପ୍ରଭାରୀ ତଥା ଏଆଇସିସି ସମ୍ପାଦକ ଜେଟି କୁସୁମ କୁମାର କହିଛନ୍ତି କଂଗ୍ରେସ ପକ୍ଷରୁ ଜାତୀୟ ମେଧା ଅନ୍ୱେଷଣ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ପ୍ରଖର ମୁଖପାତ୍ର, ଦକ୍ଷ ଉପସ୍ଥାପକ, ନିପୁଣ ଗଣମାଧ୍ୟମ ସଂଯୋଜକ ଓ ଗବେଷଣାତ୍ମକ ସମୀକ୍ଷକ ପାଇଁ ଇଚ୍ଛୁକ ଥିବା ଯୁବବର୍ଗ ମାନେ ଆବେଦନ କରିପାରିବେ । ରାଜ୍ୟର ଯେଉଁ ଯୁବକ- ଯୁବତୀମାନେ କଂଗ୍ରେସ ଦଳର ପାନେଲିଷ୍ଟ କିମ୍ବା ମୁଖପାତ୍ର ହେବାକୁ ଚାହୁଁଛନ୍ତି ସେମାନେ ବହୁ ସଂଖ୍ୟାରେ ଆବେଦନ କରି ଏଥିରେ ଭାଗ ନେବା ପାଇଁ ସେ ଆହ୍ୱାନ କରିଥିଲେ । ଅଂଶଗ୍ରହଣ ବା ଆବେଦନ କରିଥିବା ଯୁବକ-ଯୁବତୀ ମାନେ ପ୍ରଥମେ ଜିଲ୍ଲା ସ୍ତରରେ, ପରେ ରାଜ୍ୟ ଏବଂ ଶେଷରେ ଜାତୀୟ ସ୍ତରକୁ ଯିବେ ବୋଲି ସେ କହିଛନ୍ତି । କଂଗ୍ରେସର ଟ୍ୟାଲେଣ୍ଟ ହଣ୍ଟ ଅନୁଷ୍ଠାନିକ ଉଦଘାଟନ ସମ୍ମିଳନୀକୁ କଂଗ୍ରେସ ମିଡ଼ିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ସଭାପତିତ୍ୱ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ।



କାର୍ଯ୍ୟକ୍ରମରେ ପିସିସିର ଉପସଭାପତି ତଥା ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ଉପସ୍ଥିତିରେ ଓଡିଶା ସଂଯୋଜକ ସୁଦର୍ଶନ ଦାଶ କହିଲେ, କଂଗ୍ରେସର ନୀତି ଆଦର୍ଶରେ ଅନୁପ୍ରାଣିତ ଯୁବବର୍ଗଙ୍କ ପାଇଁ ଏକ ଅଭିନ ପ୍ରୟାସ ଦଳ ପକ୍ଷରୁ କରାଯାଇଛି । କାର୍ଯ୍ୟକ୍ରମର ସହ-ସଂଯୋଜକ ପ୍ରଶାନ୍ତ ଶତପଥୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ତାହା କହିଥିଲେ । ବୈଷୟିକ ସହାୟତା ସଂଯୋଜକ ତଥା ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଧନ୍ୟବାଦ୍ ଦେଇଥିବା ବେଳେ ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ ୱାର ରୁମ୍ ଅଧ୍ୟକ୍ଷ ମନୋରଞ୍ଜନ ଦାଶଙ୍କ ସମେତ ପିସିସି ମୁଖପାତ୍ର ବିଭୂତି ଭୂଷଣ ମହାପାତ୍ର, ସାମାଜିକ ଗଣମାଧ୍ୟମ ଉପାଧ୍ୟକ୍ଷ ସନ୍ତୋଷ ପ୍ରଧାନ ଓ ମିଡିଆ ପ୍ଲାନର ବିଭୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ

ପୁରୀ, (ସବ୍ୟୁ) : ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ସୋମବାର ସତ୍ୟବାଦୀ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା ।ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୫୫ ଗୋଟି ଅଭିଯୋଗ ମିଳିଥିଲା ।ସେଥିରୁ ୪୮ ଗୋଟି ବ୍ୟକ୍ତିଗତ, ୫ ଗୋଟି ଗ୍ରାମ ସମ୍ବନ୍ଧୀୟ,ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ୨ଟି ଅଭିଯୋଗ ରହିଥିଲା ।ତତକ୍ଷଣାତ ୨ ଗୋଟିର ସମାଧାନ କରାଯାଇଥିଲା ।

## ବୀରବନ୍ଧ ଗାଁରେ ଘରେ ପଶି ଆକ୍ରମଣ

# ୫ ଆହତ, ଆକ୍ରମଣକାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଏୟାରଫିଲ୍ଡ ଥାନା ଅନ୍ତର୍ଗତ ବୀରବନ୍ଧ ଗାଁର ଭୋଇସାହି ଗାଁରେ ଅଭିଯୋଗକାରିଣୀଙ୍କ ଘରେ ପଶି ଦୁର୍ବୃତ୍ତମାନେ ଛୁରିରେ ଆକ୍ରମଣ କରିଥିଲେ । ଗୋଟିଏ ପରିବାର ୫ଜଣ ଆହତ ହୋଇଥିବା ବେଳେ ପୋଲିସ ଆକ୍ରମରକାରୀ ଶଙ୍କର୍ଷଣ ପ୍ରଧାନ (୪୫)କୁ ଗିରଫ କରି କୋର୍ଟଚାଲାଣ କରିଛି । ସେ ବ୍ୟବହାର କରିଥିବା ଛୁରି ମଧ୍ୟ ହୋଇଥିବା ପୋଲିସ କହିଛି । ରବିବାର ରାତିରେ ବୀରବନ୍ଧରେ ମା'ଦକ୍ଷିଣ କାଳୀଙ୍କ ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ ହେଉଥିବା ବେଳେ ଅପେରା ମଞ୍ଚସ୍ଥ ହେଉଥିଲା । ସେଠାରେ ମଦପିଇ ଉଭୟଙ୍କ ମଧ୍ୟରେ ବାକ୍‌ବିତଣ୍ଡା ହୋଇଥିଲେ । ଭୋଇସାହି ପିଲାମାନେ ରାତିରେ ପ୍ରଧାନସାହି ଯୁବକଙ୍କ ଭୟରେ ଘରକୁ ପଳାଇ ଆସିଥିଲେ । ଶଙ୍କର ନେତୃତ୍ୱରେ ପ୍ରଧାନସାହି କେତେକ ଯୁବକ ତାଙ୍କୁ ପିଛା କରି କାର୍‌ରେ ଆସିଥିଲେ ।

କାର୍‌କୁ ଆହତ ହୋଇଥିବା ପରିବାରଙ୍କ ଗେଟ୍ ପାଖରେ ରଖି ୩/୪ଜଣ ଓହ୍ଲାଇଥିଲେ । ତାଙ୍କ ଗେଟ୍‌କୁ ଗୋଇଠା ମାରି ଭଙ୍ଗାରୁଜା କରିବା ସହ ଘର ଭିତରକୁ ଜୋର୍‌ଜବରଦସ୍ତ ପଶି ଆକ୍ରମଣ କରିଥିଲେ । ପିଲାଙ୍କୁ ଛୁରାମାଡ କରିବା ସମୟରେ ବାପ-ମା' ଧରିବାକୁ ଯିବାରୁ ସେମାନେ ଛୁରାମାଡରେ ଆହତ ହୋଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ରାତି ୩ଟାରୁ ଭୋଇସାହି ମହିଳାମାନେ ଏୟାରଫିଲ୍ଡ ଥାନାକୁ ଆସି ଧାରଣାରେ ବସି ରହିଥିଲେ । ଗଣମାଧ୍ୟମରେ ଘଟଣା ପ୍ରକାଶ ପାଇବା ସାଙ୍ଗକୁ ମହିଳାମାନେ ଧାରଣା ଦେବାରୁ ପୋଲିସ ଉପାୟଶୂନ୍ୟ ହୋଇ ଆକ୍ରମଣକାରୀ ଶଙ୍କରକୁ ଗିରଫ କରି କୋର୍ଟଚାଲାଣ କରିଛି । ଶଙ୍କର ନାମରେ ପୂର୍ବରୁ ବହୁ ଅପରାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛି । ଅନ୍ୟ ଅଭିଯୁକ୍ତଙ୍କୁ ନେଇ ବିଚାରବିମର୍ଷ କରାଯାଉଥିବା ପୋଲିସ କହିଛି । ଧାରଣା ଦେଇଥିବା ମହିଳାଙ୍କ କହିବାନୁଯାୟୀ ବୀରବନ୍ଧ ପଡ଼ିଆ ରାସ୍ତା ପାଖରେ କ୍ୟାବିନ ପକାଇବାକୁ ନେଇ ସେମାନଙ୍କ ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ହୋଇଥିଲା । ସେହି କ୍ୟାବିନଗୁଡିକ ସମ୍ପୂର୍ଣ୍ଣ ଉଠାଇ ଦେଲେ ଭୋଇସାହି ଓ ପ୍ରଧାନସାହି ମଧ୍ୟରେ ବିବାଦ ରହିବ ନାହିଁ ।

# ଦାଦା ବଟି ଆଦାୟ ଅଭିଯୋଗରେ ୪ ଗିରଫ

ପୁରୀ, (ସବ୍ୟୁ): ସ୍ଥାନୀୟ ଶ୍ରୀ ସେତୁ ନିକଟ ରାସ୍ତା ଦେଇ ଯାଉଥିବା ପଥିକ, ପର୍ଯ୍ୟଟକ, ବ୍ୟବସାୟୀଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ସେମାନଙ୍କ ଠାରୁ ଦାଦା ବଟି ଆଦାୟ ଅଭିଯୋଗରେ ଟାଉନ ଥାନା ପୋଲିସ ସୋମବାର ଦିନ ଚାରି ଜଣ ଅସାମାଜିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇ ଥିବା ଅଭିଯୁକ୍ତମାନେ ହେଲେ ଜଗନ୍ନାଥ ବଲ୍ଲଭ ମଠ ପାର୍କିଂ ସ୍ଥଳ ନିକଟରେ ଥିବା ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅଧୀନ ଲଣ୍ଠେଇ ସାହିର ରାମ ଚନ୍ଦ୍ର ପ୍ରଧାନ(୩୬), ଟାଉନ ଥାନା କୁମୁଟି ସାହିର ସାନୁ ଓରଫ ଦୁର୍ଗା ମାଧବ ଦାସ(୨୯), ଗୌଡବାଡ ସାହିର ଦିବାକର ପଣ୍ଡା(୨୮) ଓ ଜଗନ୍ନାଥ ପାର୍କିଂ ସ୍ଥଳରେ ରହୁଥିବା ଢେଙ୍କାନାଳ ଜିଲ୍ଲା ରୁଧଙ୍ଗ ଗ୍ରାମର ଧିର କୁମାର ନାୟକ(୨୯) । ପୋଲିସ ସୂଚନା ମୁତାବକ ଅଭିଯୁକ୍ତ ମାନେ ସୋମବାର ପୂର୍ବାହ୍ନ ୧୧ ଟା ସମୟରେ ମାରଣାସ୍ତ୍ର ଲୁହା ରଡ଼ ଦେଖାଇ ସ୍ଥାନୀୟ ବ୍ୟବସାୟୀ ଓ ସେହି ରାସ୍ତା ଦେଇ ଯାଉ ଥିବା ପର୍ଯ୍ୟଟକ ପଥିକଙ୍କ ଠାରୁ ବଟି ଆଦାୟ କରୁ ଥିଲେ। ଖବର ପାଇ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣି ଥିଲା। ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କୋର୍ଟ ଚାଲାଣ କରିଛି ବୋଲି କହିଛନ୍ତି ଟାଉନ ଥାନା ଆଇଆଇସି ଗୋକୁଳ ରଂଜନ ଦାସ ।

# ଶାଶ୍ୱତ ବରିଷ୍ଠ ନାଗରିକ ସଂଘ ର ମାସିକ ଆସର

ଭୁବନେଶ୍ୱର (ସବ୍ୟୁ): ସାଶ୍ୱତ ବରିଷ୍ଠ ନାଗରିକ ସଂଘ ପଟିଆର ମାସିକ ଆସର ଆଦୃଜ ଶିଶୁ ସଦନ ଗାଡକଣ ଠାରେ ସଂଘର ସଭାପତି ବିଜୟ ଦାସଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ବୈଠକରେ ପଣ୍ଡିତ ବିଶ୍ୱନାଥ ଶତପଥୀ, ମାନବିକତା, କର୍ମ ଉପରେ ଜୀବନର କାର୍ଯ୍ୟକାରିତା ସଂପର୍କରେ ବର୍ଣ୍ଣନା କରିଥିଲେ। ସଂଘର ବାର୍ଷିକ ଆସର (ବଣଭୋଜି) ଡିସେମ୍ବର ୨୪ତାରିଖରେ ଏକାମ୍ର ଉଦ୍ୟାନରେ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଅବସରରେ ସଂଘର ନିର୍ବାଚନରେ ସଭାପତି ଭାବେ ବିଜୟ ଦାସ, ଡ. ହେମନ୍ତ କୁମାର ଦାସ (ଉପସଭାପତି), ତାରାଚାନ୍ଦ ମହାନ୍ତ (ସଂପାଦକ), ସନ୍ତୋଷ ଚନ୍ଦ୍ର ପଣ୍ଡା (ଯୁଗ୍ମ ସଂପାଦକ), ବିଶ୍ୱନାଥ ଶତପଥୀ (ସହ-ସଂପାଦକ) ଓ କୈଳାଶ ନାଥ ଦାସ (କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏହା ବାଦ୍ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ୫ଜଣ ସଦସ୍ୟ ନିର୍ବାଚିତ ହୋଇଥିଲେ। ଉପଦେଷ୍ଟା ଭାବେ ଆଦିତ୍ୟ କୁମାର ମହାନ୍ତି ମନୋନିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ସଂଗଠନର ସଂପାଦକ ବାର୍ଷିକ ବିବରଣୀ ପାଠ କରିଥିଲେ। ସନ୍ତୋଷ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



## ବାଇକ ଚୋରି ଅଭିଯୋଗ

# ୨ ହାର୍ଡକୋର୍ ଅପରାଧି ଗିରଫ, ୪ ବାଇକ୍ ଜବତ

ପୁରୀ, (ସବ୍ୟୁ): ସହର ବିଭିନ୍ନ ସ୍ଥାନରେ କ୍ରମାଗତ ଭାବେ ବାଇକ୍ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ଟାଉନ ଥାନା ପୋଲିସ। ବାଇକ ଚୋରି ଅଭିଯୋଗରେ ପୋଲିସ ଦୁଇ ଜଣ ହାର୍ଡ କୋର୍ ଅପରାଧୀଙ୍କୁ ଗିରଫ କରିଛି କୋର୍ଟ ଚାଲାଣ କରିଛି । ଅପରାଧି ଦୁଇ ଜଣ ନଭେମ୍ବର ୨୩ ତାରିଖ ସକାଳେ ଥାନାରେ ଲିଖିତ ରୂପେ ଅଭିଯୋଗ କରି ଥିଲେ ଯେ ୨୨/୨୩ ତାରିଖ ବିଳମ୍ବିତ ରାତ୍ରରେ ତାଙ୍କ ଘର ସମ୍ମୁଖରେ ସେ ତାଙ୍କର ଏକ ବଜାଜ ପଲସର ମୋଟର ସାଇକେଲ ଯାହାର ରେଜିଷ୍ଟ୍ରେସନ୍ ନମ୍ବର ଓଡି ୧୩ - ୧୩୮୬କୁ ରଖି ଥିଲେ। ଅଭିଯୁକ୍ତ ଦୁଇ ଜଣ ବାଇକକୁ ଚୋରି କରି ଛନ୍ତି। ପୋଲିସ ଅଭିଯୁକ୍ତ ଦୁଇ ଜଣଙ୍କୁ ଥାନାକୁ ଆଣି ପଚରା ଉଚରା କରି ଥିଲା। ସେମାନେ ନିଜ ଦୋଷ ସ୍ୱୀକାର କରିଥିଲେ। କେବଳ ସେତିକି ନୁହେଁ ସେମାନେ ସହର ବିଭିନ୍ନ ଥାନା ସିଂହ ଦ୍ୱାର, ସମୁଦ୍ରକୂଳ, କୁମ୍ଭାରପଡ଼ା,



ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଖାକିମଠ ନୂଆ ସାହିର ରାଜା ଓରଫ ବୃନ୍ଦାବନ ଦାସ(୨୫) ଓ ଟାଉନ ଥାନା ଅନ୍ତର୍ଗତ ବାଲିସାହି ବରେହି ଲେନର ମନୋରଞ୍ଜନ ପଣ୍ଡା (୨୭) ଅଟନ୍ତି। ଅଭିଯୁକ୍ତ ଦ୍ୱୟଙ୍କ ଠାରୁ ପୋଲିସ ୩ ଗୋଟି ଚୋରି ବାଇକ୍ ଓ ଏକ ସ୍କୁଟି କବତ କରିଛି। ଅଭିଯୁକ୍ତ ଟାଉନ ଥାନା ଆଇଆଇସି ଗୋକୁଳ ରଂଜନ ଦାସଙ୍କ ସୁଚନା ମୁତାବକ ପୁରୀ ବାଲିସାହି, ଶ୍ୟାମାକାଳି ଲେନର ସଞ୍ଜୟ କୁମାର ମହାନ୍ତି ସକାଳୁ ଉଠି ଦେଖିଲେ ବାଇକ୍ ସେଠାରେ ନାହିଁ। ବହୁ ଖୋଜା ଖୋଜି କରି ଥିଲେ ମଧ୍ୟ ବାଇକକୁ ପାଇ ନ ଥିଲେ। ଏ ନେଇ ସେ ଟାଉନ ଥାନାରେ ଏକ ଲିଖିତ ଏତଲା ଦାଏର କରି ଥିଲେ। ସଞ୍ଜୟ ଙ୍କ ଅଭିଯୋଗ କ୍ରମେ ପୋଲିସ କେଶ ନମ୍ବର ୬୫୫/୨୫ କ୍ରମେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଥିଲା। ତଦନ୍ତ ସମୟରେ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଥିଲା ଗିରଫ ହୋଇ ଥିବା ତାଳବଣିଆ, ଜିଆରପି ଥାନା ଆଦି ଅଞ୍ଚଳରେ ବାଇକ୍ ଚୋରି ହୋଇ ଥିବା ଘଟଣାରେ ସଂଶ୍ଳିଷ୍ଟ ଅଛନ୍ତି। ରାଜା ନାମରେ ୧୪ ଗୋଟି ଅପରାଧିକ ମାମଲା ଥିବା ବେଳେ ସଞ୍ଜୟ ନାମରେ ୪ ଗୋଟି ମାମଲା ରହିଛି। ଅଭିଯୁକ୍ତ ଦୁଇ ଜଣଙ୍କ ନାମରେ ଟାଉନ ଥାନା କୁମ୍ଭାରପଡ଼ା ଥାନା, ତାଳବଣିଆ ଥାନା ଓ ସମୁଦ୍ର କୂଳ ଥାନାରେ ଚୋରି, ଡକାୟତି, ଲୁଟ ଓ ଦାଦା ବଟି ଆଦାୟ ଆଦି ସଙ୍ଗୀନ ଅପରାଧିକ ମାମଲା ରହିଛି।

## ଗୋରୁ ବୋଝେଇ କଣ୍ଟେନର ଜବତ
## ୨୩ ଗୋରୁ ଉଦ୍ଧାର, ୩ଗିରଫ

ଖୋର୍ଦ୍ଧା,(ସବ୍ୟୁ): ଶିଙ୍ଗଚଳ ଥାନା ପୁଲିସ ଏକ ଗୋରୁ ବୋଝେଇ କଂଟେନର କୁ ୧୬ ° ଜାତୀୟ ରାଜପଥ ର ଗଡଖୋର୍ଦ୍ଧା ଛକ ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରୁ ଜବତ କରିଛି। ଏଥିରୁ ପୁଲିସ ୨୩ ଗୋରୁ ଉଦ୍ଧାର କରିଛି। ତନ୍ମଧ୍ୟରେ ୧୦ଟି ବଳଦ, ୧୨ଟି ଗାଇ ଓ ଗୋଟିଏ ମଇଁଷି ରହିଛି। ଏହି ଘଟଣାରେ ପୁଲିସ ୩ଜଣଙ୍କୁ ଗିରଫ କରିଛି। ଏକ ଗୋରୁ ବୋଝେଇ କଂଟେନର ଯାଉଥିବା ଖବର ପାଇ ପୁଲିସ ଗଡଖୋର୍ଦ୍ଧା ଛକ ନିକଟ ପେଟ୍ରୋଲ ପମ୍ପ ସମ୍ମୁଖ ରେ ଅଟକାଇ ଯାଂଚ କରିଥିଲା। ଯାଂଚ ସମୟରେ ଚାଳକ ଗାଇ ପରିବହନ ସମ୍ବନ୍ଧୀୟ କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିବାରୁ ଚାଳକ ସହିତ ଅନ୍ୟ ୨ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଉକ୍ତ କଂଟେନର ଟି ମଧ୍ୟ ଜବତ କରାଯାଇଛି। କଂଟେନର ଟି ଆନ୍ଧ୍ରପ୍ରଦେଶର ରାଜହୁମାନ୍ଦ୍ରି ଠାରୁ କୋଲକାତାକୁ ଗାଇ କାଟିବା ଉଦ୍ଦେଶ୍ୟରେ ଯାଉଥିଲା ବୋଲି ପୁଲିସ ଜାଣିବାକୁ ପାଇଛି। ଉଦ୍ଧାର ବଳଦ, ଗାଇ ଓ ମଇଁଷିଙ୍କୁ ବୋଲାଗଡ଼ ଗୋଶାଳାରେ ଛଡାଯାଇଛି।

## ସମ୍ବଲପୁର ଚିଡ଼ିଆଖାନାର ଶ୍ରୀବୃଦ୍ଧି ପାଇଁ ଏନ୍‌କ୍ଲୋଜରର ଶିଳାନ୍ୟାସ

# ଚିଡ଼ିଆଖାନା' ହେବ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ଓ ଆକର୍ଷଣ କେନ୍ଦ୍ର : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁର ଚିଡ଼ିଆଖାନାର ନୈସର୍ଗିକ ସୁନ୍ଦରତା ଅତ୍ୟନ୍ତ ଆକର୍ଷଣୀୟ । ଏହାକୁ ଛୋଟରୁ 'ମିଡ୍ ସାଇଜ୍ ବା ମଧ୍ୟମ ଧରଣର ଚିଡ଼ିଆଖାନାରେ ବିକଶିତ କରିବା ପାଇଁ ଡବଲ ଇଞ୍ଜିନ ସରକାର ବିଗତ ଦିନମାନଙ୍କରେ ନିଷ୍ପତି ନେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫ କୋଟି ଟଙ୍କା ବ୍ୟୟବରାଦରେ ଏହି ଶ୍ରୀବୃଦ୍ଧି କାର୍ଯ୍ୟ ଆରମ୍ଭ କରାଯାଇଛି ବୋଲି ସୋମବାର ସମ୍ବଲପୁର ଚିଡ଼ିଆଖାନାରେ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ସମ୍ବଲପୁର ଚିଡ଼ିଆଖାନାର ବାଘ ଖୁଆଡ଼(ଏନକ୍ଲୋଜୋର), ମଗର ଖୁଆଡ଼ ଓ ଘଡ଼ିଆଳ ଖୁଆଡ଼ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସେ କହିଛନ୍ତି ଯେ 'ସମ୍ବଲପୁର ଜୁ' କୁ ଓଡ଼ିଶାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ ଓ ଆକର୍ଷଣ କେନ୍ଦ୍ର ଭାବେ ପରିଣତ କରିବା ଆମର ଲକ୍ଷ୍ୟ ରହିଛି । ଏହି 'ସ୍ମଲ୍ ଜୁ'କୁ 'ମିଡ୍ ସାଇଜ୍ ଜୁ'ରେ ପରିଣତ କରିବା ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ଆବଶ୍ୟକ ୩୫ ହେକ୍ଟର ଜମି ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ ବିଭାଗରୁ ଏକତ୍ରୀକରଣ ଆଣିବାକୁ ଯୋଜନା କରିଛନ୍ତି । ବର୍ତ୍ତମାନ ୭୦ରୁ ଅଧିକ ପଶୁପକ୍ଷୀ ଥିବା ଏହି ଚିଡ଼ିଆଖାନାରେ ଆଗାମୀ ଦିନରେ ଅଧିକ ପକ୍ଷୀଙ୍କ ରହିବା ପାଇଁ ବ୍ୟବସ୍ଥା କରାଯିବ । ଆଜିର



କରାଯାଇ ସମ୍ବଲପୁର ଜୁ' ଅଥରିଟି ଗଠନ ପାଇଁ ଯୋଜନା କରାଯାଉଛି । ବର୍ତ୍ତମାନ ଏହି ଚିଡ଼ିଆଖାନାରେ କଲରାପତରିଆ ବାଘ ଅଛନ୍ତି ଏବଂ ଦର୍ଶକମାନେ ଗ୍ଲାସ୍ ହାଉସ୍ ମାଧ୍ୟମରେ ସେମାନଙ୍କୁ ଦେଖିବାର ସୁଯୋଗ ପାଉଛନ୍ତି । ଏଠାରେ ନୂତନ ଗ୍ଲାସ୍ ଖୁଆଡ଼ ନିର୍ମାଣ ପରେ କର୍ତ୍ତୃପକ୍ଷ ଏଠାକୁ ଦୁଇ ଯୋଡ଼ା ବା ୪ଟି ରୟାଲ୍ ବେଙ୍ଗଲ ଟାଇଗର ପଦକ୍ଷେପ ଜୀବଜନ୍ତୁ ସଂରକ୍ଷଣ ଦିଗରେ ଆମର ଦୃଢ଼ ସଂକଳ୍ପର ପ୍ରତୀକ ଅଟେ । ପ୍ରାଣୀ ଉଦ୍ୟାନର ଉନ୍ନତିକରଣ ଦ୍ୱାରା ଏହା ଜାତୀୟ ସ୍ତରରେ ଏକ ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଗଣିତ ହେବ । ବାଘ, ମୁଗର ଏବଂ ଘଡ଼ିଆଳ ଭଳି ବିରଳ ଜୀବଜନ୍ତୁଙ୍କୁ ଦେଖିବା ପାଇଁ ଅନେକ ପର୍ଯ୍ୟଟକ ଆକୃଷ୍ଟ ହେବେ । ଶ୍ରୀ ପ୍ରଧାନ କହିଛନ୍ତି, ପ୍ରାଣୀ ଉଦ୍ୟାନ ହେଉଛି ପରିବେଶ ଶିକ୍ଷାର ଏକ ଖୋଲା ବିଦ୍ୟାଳୟ । ଛାତ୍ରଛାତ୍ରୀ ଏବଂ ସାଧାରଣ ଜନତା ଏହି ଏନକ୍ଲୋଜରଗୁଡ଼ିକ ମାଧ୍ୟମରେ ପ୍ରାଣୀ ଜଗତ ବିଷୟରେ ନିକଟରୁ ଜାଣିପାରିବେ । ନୂତନ ଭାବେ ନିର୍ମିତ ଏନକ୍ଲୋଜରଗୁଡ଼ିକ ଜୀବଜନ୍ତୁଙ୍କୁ ବଞ୍ଚାଇବାର ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି କରିବ । ଏହା ଦ୍ୱାରା ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଲେ ସ୍ଥାନୀୟ ବ୍ୟବସାୟ ଓ ଅର୍ଥନୀତି ମଜଭୁତ ହେବ । ଅନେକ ଯୁବବର୍ଗଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହା ସହ ସମ୍ବଲପୁର ଜିଲ୍ଲାର ହୀରାକୁଦ, ଦେବ୍ରିଗଡ଼, ଉଷାକୋଠୀ ଓ ଭୀମମଣ୍ଡଳୀର ରକ୍ ଆର୍ଟ ଅଞ୍ଚଳରେ ମଧ୍ୟ ପର୍ଯ୍ୟଟକଙ୍କ ସୁବିଧା ବୃଦ୍ଧି କରି ଜିଲ୍ଲାର ହସ୍ତତନ୍ତ, ବୟନଶିଳ୍ପ, କାରିଗରୀ, ଖାଦ୍ୟପେୟ ଏବଂ ମା' ସମଲେଶ୍ୱରୀଙ୍କ ମନ୍ଦିରକୁ ସୋକେସ୍ କରାଯିବାର ଯୋଜନା ରହିଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

# ପୃଥକ ଗଞ୍ଜେଇ ଚୋରା ଚାଲାଣ ଘଟଣା: ୯୩ କେଜି ଜବତ୍, ୪ ଗିରଫ

ଭଞ୍ଜନଗର, (ସବ୍ୟୁ): ଦିନକୁ ଦିନ ଗଞ୍ଜେଇ ଚୋରା ଚାଲାଣ ବଢୁଥିବା ଦେଖିବାକୁ ମିଳୁଛି । ଭଞ୍ଜନଗର ପୋଲିସ ଭିନ୍ନ ଦୁଇଟି ଗଞ୍ଜେଇ ଚୋରା ଚାଲାଣ ଘଟଣାରେ ୯୩ କେଜି ଗଞ୍ଜେଇ ଜବତ କରିବା ସହିତ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି । ଘଟଣାରୁ ପ୍ରକାଶଯେ, କନ୍ଧମାଳରୁ ଭୁବନେଶ୍ୱର ଅଭିମୁଖେ ଏକ ବୋଲେରୋରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ମୁଜାଗଡ ନିକଟରେ ଭଞ୍ଜନଗର ପୋଲିସର ଚଢାଉ କରି ଘଟଣା ସ୍ଥଳରୁ ବୋଲେରୋ ସହ ସେଥିରେ ଥିବା ୬୫ କେଜି ଗଞ୍ଜେଇ ଜବତ କରି ୨ ଚାଲାଣ କାରୀଙ୍କୁ ଗିରଫ କରିଛି । ଉଭୟ ଗିରଫ ଅଭିଯୁକ୍ତ ମାନେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଞ୍ଚଳର ବୋଲି ଜଣାପଡିଛି ।ଭଞ୍ଜନଗର ଥାନା କେସ ନଂ୧୨୪୭/୨୫ରେ ମାମଲା ରୁଜୁ କରି ୨ଚାଲାଣକାରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଜୀବନାନନ୍ଦ



ଜେନା ସୁଚନା ଦେଇଛନ୍ତି । ଗଞ୍ଜେଇ ଚାଲାଣକାରୀ ହେଲେ ଫିରିଙ୍ଗିଆ ଥାନା ଅନ୍ତର୍ଗତ କେଲାପଡାଗ୍ରାମର ଗଗନ କୁମାର ମୁଖୀ ଓ ଦିବ୍ୟରଂଜନ ଦିଗାଲ । ସେହିପରି କନ୍ଧମାଳରୁ ଦଶପଲ୍ଲା ଦେଇ ଭଂଜନଗର ଅଭିମୁଖେ କାର୍‌ରେ ଗଞ୍ଜେଇ ଧରି ଆସୁଥିବା ବେଳେ, ବ୍ରାହ୍ମଣବଞ୍ଜର ନିକଟରେ ଚଢ଼ାଉ କଲା ତାରାସିଙ୍ଗି ଥାନା ପୋଲିସ ।ସେମାନଙ୍କ ଠାରୁ ୨୮ କିଲୋ ଗଞ୍ଜେଇ ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ।ଥାନା ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ ଇନିସପେକଟର ସମୀର କୁମାର ବେହେରା, ଟିମ୍ ସହ ଲେମ୍ବେଇ, ତିଳିସିଙ୍ଗି, ତିନିଛକିଆ ପ୍ରଭୃତି ଅଞ୍ଚଳ ପେଟ୍ରୋଲିଂ ସାରି ଫେରୁଥିବା ବେଳେ, ବ୍ରାହ୍ମଣବଞ୍ଜର ନିକଟରେ ଏକ କାର୍‌କୁ ସନ୍ଦେହ କରି ଯାଞ୍ଚ କରି ସେଥିରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ । ଘଟଣା ସ୍ଥଳରୁ କାର୍ ସହ ୨୮ କିଲୋ ଗଞ୍ଜେଇ ଜବତ କରିବା ସହ, ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ଗିରଫ ଅଭିଯୁକ୍ତ ମାନେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଞ୍ଚଳର ସୁଜିତ କହଁର ଏବଂ ଚକ୍ରପତି କହଁର । ଏନେଇ ତାରାସିଙ୍ଗି ଥାନା କେଶ୍ ନମ୍ବର ୪୪୦/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ନେଇ, ଥାନାଧିକାରୀଣି ଶୁଭଲକ୍ଷ୍ମୀ ପୂଜାରୀ ସୂଚନା ଦେଇଛନ୍ତି ।

# ନିଖୋଜ ଥିବା ଓକିଲଙ୍କ କଙ୍କାଳ ସହ କାର୍ ପୋଖରୀରୁ ଉଦ୍ଧାର



ବାରିପଦା, (ସବ୍ୟୁ) : ନିଖୋଜ ଓକିଲଙ୍କ ମିଳିଲା କଙ୍କାଳ । ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ବାରିପଦା ସାରସକଣା ଝାରପୋଖରିଆ ଥାନା ଉପରବେଢ଼ା ଗାଁରେ । ତେବେ ତିନିମାସ ତଳୁ ଘରୁ ନିଖୋଜ ଥିବାନେଇ ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ ପରିବାର ଲୋକେ । ଖଡ଼ଗପୁରର ଯାଇ ତାଙ୍କ ସାଙ୍ଗକୁ ଛାଡି ଫେରୁଥିବାବେଳେ ଏହି ଅଘଟଣା ଘଟିଥିଲା ବୋଲି ପରିବାର ସୁତ୍ରରୁ ଜଣାପଡିଛି । ମୃତକ ଜଣଙ୍କ ହେଲେ ବିଶୋଇ ଅଞ୍ଚଳର ୪୨ବର୍ଷର ଓକିଲ ଗୁଲେଶ ଗୋଚ୍ଛାୟତ । ସୂଚନାନୁଯାୟୀ, ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅର୍ନ୍ତଗତ ସିଲଫୋଡି ଉପରବେଢା ଅଞ୍ଚଳର ପୋଖରୀରେ କାର ପଡିଥିବାର ଆଜି ସକାଳୁ ଦେଖିବାକୁ ପାଇଥିଲେ ଗାଁ ଲୋକେ । ସାରସକଣା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି କାରଟିକୁ ପାଣି ଭିତରୁ ଉଦ୍ଧାର କରିଥିଲେ । ପରେ କାର ପଛ ସିଟ୍‌ରେ ଗଳିତ ମୃତଦେହକୁ ଉଦ୍ଧାର କରି ପରିଚୟ ପାଇଥିଲେ । ଏନେଇ ଝାରପୋଖରିଆ ଥାନା ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

# ଗଞ୍ଜାମ ଜିଲ୍ଲାପାଳଙ୍କ ବଟେଶ୍ୱର ପୀଠ ପରିଦର୍ଶନ

## ଉନ୍ନୟନ କାର୍ଯ୍ୟ ନେଇ କମିଟି ସହ ଆଲୋଚନା ଡିପିଆର ପ୍ରସ୍ତୁତ ପାଇଁ ବିଡ଼ିଓଙ୍କୁ ପରାମର୍ଶ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ବ୍ଲକଅନ୍ତର୍ଗତ କଣ୍ଟିଆଗଡ଼ ନିକଟରେ ଅବସ୍ଥିତ ଥିବା ପ୍ରସିଦ୍ଧ ବଟେଶ୍ୱର ପୀଠକୁ ସୋମବାର ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ପରିଦର୍ଶନ କରିବା ସହ ଠାକୁର ଦର୍ଶନ କରିଥିଲେ । ଦର୍ଶନ ପରେ ମନ୍ଦିର ବିଭିନ୍ନ ଉନୟନ କିଭଳି ହୋଇଛି ।କଣ କଣ ସମସ୍ୟା ରହିଛି ଉପସ୍ଥିତ କମିଟି ସହ ଆଲୋଚନା କରିଥିଲେ । ଏହା ଏକ ପ୍ରର୍ଯ୍ୟଟନ ସ୍ଥଳି ହୋଇଥିବାରୁ ବହୁ ସଂଖ୍ୟକ ପ୍ରର୍ଯ୍ୟଟକ ଆସିଥାନ୍ତି । ତେଣୁ ମନ୍ଦିର ନିକଟରେ ରହିଥିବା ପାର୍କର ଉନ୍ନତି କରଣ ପାଇଁ ପ୍ରତିଶୃତି ଦେଇଥିଲା ବେଳେ ସେଠାରେ ଥିବା ବେଳାଭୂମି ସମେତ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯିବା ପାଇଁ



ଏକ ଡିପିଆର କରିବାକୁ ଉପସ୍ଥିତ ଥିବା ଗଞ୍ଜାମ ବିଡ଼ିଓଙ୍କୁ କହିଥିଲେ । ଉପଜିଲ୍ଲାପାଳ ଶିବାଶିଷ ବରାଳ, ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ପରିଚାଳନା କମିଟି କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ, ଉପସଭାପତି ଶବର ତରାଇ, ସମ୍ପାଦକ ରଞ୍ଜିତ କୁମାର ପଲାଇ, ଶିବରାମ ପଲେଇ, ନିରାକାର ଜେନାଙ୍କ ସହ ଜିଲ୍ଲାପାଳ ବିଭିନ୍ନ ଉନ୍ନୟନ କାର୍ଯ୍ୟ ନେଇ ଆଲୋଚନା କରିଥିଲେ । ଏଥିସହ ପାର୍କ, ରାସ୍ତାଘାଟ ଉନ୍ନତିକରଣ ଉପରେ ମଧ ଆଲୋଚନା କରିଥିଲେ ଜିଲ୍ଲାପାଳ । ପରେ ବଟେଶ୍ୱର ପୀଠ ନିକଟରେ ଥିବା ବଙ୍ଗୋପସାଗର ବେଳାଭୂମି ବୁଲି ଦେଖିଥିଲେ । ବେଳାଭୂମି କିଭଳି ଡେଭଲେମେଣ୍ଟ ହୋଇ ପାରିବ ତାର ଡିପିଆର ପ୍ରସ୍ତୁତ କରିବା ପାଇଁ ବିଡ଼ିଓଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏଠାକୁ ଆସୁଥିବା ପର୍ଯ୍ୟଟକ କେମିତି ଆକୃଷ୍ଟ ହେବେ ସେଥିପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ କହିଥିଲେ । ଏପରିକି ଜିଲ୍ଲାପାଳ ମନ୍ଦିର ପ୍ରସାଦ ସେବନ ମଧ୍ୟ କରିଥିଲେ । କମିଟି ପକ୍ଷରୁ ଆଜି ଗଞ୍ଜାମ ବ୍ଲକ ହେଉଥିବା ଅଭିଯୋଗ ଶୁଣାଣିରେ ଏହି ମନ୍ଦିର ଉନ୍ନତି ସମ୍ପର୍କରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୋଲାପଲ୍ଲୀ ଗ୍ରାମରେ ଦୁଇ ଜଣଙ୍କୁ ଆକ୍ରମଣ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ଥାନା ଅଧୀନ ଗୋଲାପଲ୍ଲୀ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଜଣଙ୍କୁ ଆକ୍ରମଣ ହୋଇଛି । ଆକ୍ରମଣରେ ଆହତ ହୋଇଥିବା ୨ ଜଣ ଗୋଲାପଲ୍ଲୀ ଗ୍ରାମର କେ. ଲାଛିକା ପାତ୍ର ଓ କେ. ରୁରାତ ପାତ୍ର ଉଭୟ ସଂପର୍କିୟ ଦାଦା ପୁତୁରା ବୋଲି ଜଣାପଡିଛି । ଗୁରତର ଅବସ୍ଥାରେ ଛତ୍ରପୁର ମେଡିକାଲରେ ସେମାନଙ୍କୁ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି । ଘଟଣା ସ୍ଥଳରେ ଛତ୍ରପୁର ପୁଲିସର ତଦନ୍ତ ଜାରି ରହିଛି କିଛି ଦିନ ହେବ ଦୁଇ ଗୋଷ୍ଠୀ ମଧ୍ୟରେ ବାଦ ବିବାଦ ଲାଗି ରହିଆସୁଥିଲା । ଆଜି ସକାଳୁ ଦାଦା ଓ ପୁତୁରା ଛେଳି ଚରାଇବା ପାଇଁ ପାହାଡ଼କୁ ଯାଇଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ କିଛି ଜଣ ଆସି ଗୋଲା କାଟି ଓ ହାମାର ଯୋଗେ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ସମ୍ପର୍କୀୟ ମାନେ ଛତ୍ରପୁର ମେଡିକାଲ ଆଣିଥିଲେ ଘଟଣାର ଖବର ପାଇଁ ଛତ୍ରପୁର ଏସଡିପିଓ ଏବଂ ଥାନା ଅଧିକାରୀ ପହଂଚି ତଦନ୍ତ କରୁଥିବା ବେଳେ ଅଭିଯୁକ୍ତ ମାନେ ଫେରାର ରହିଛନ୍ତି । କିଛି ଦିନ ତଳେ ଉଭୟ ଗୋଷ୍ଠୀ ମଧ୍ୟରେ ମଧ ମାରପିଟ ହୋଇଥିବା ବେଳେ ଛତ୍ରପୁର ଥାନାରେ ମାମଲା ରୁଜୁ ହୋଇଥିଲା ।ଆହତ ମାନଙ୍କଙ୍କୁ ଦେଖିବା ପାଇଁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଛତ୍ରପୁର ଡାକ୍ତରଖାନାରେ ପହଞ୍ଚିଥିଲେ । ଖବର ଲେଖା ହେଲା ମଧ୍ୟରେ ଥାନାରେ ମାମଲା କିଏ ଦେଇ ନଥିବା ସୂଚନା ମିଳିଛି ।

# ଅଧ୍ୟାପକଙ୍କ ଉଗ୍ର ଆଚରଣ ପ୍ରତିବାଦର ସମାଧାନ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ପିପୁଲ୍ସ କଲେଜର ଏନସିସି ଆର୍ମି ୱିଙ୍ଗ୍ ଲେଫଟନାଣ୍ଟଙ୍କ ଉଗ୍ର ଆଚରଣ ପ୍ରତିବାଦରେ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ କ୍ରୀଡାଛାତ୍ରଙ୍କ ଉତ୍ତେଜନାପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ ପରେ କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହାର ଶାନ୍ତିପୂର୍ଣ୍ଣ ସମାଧାନ ଘଟିଥିବା ଜଣାଯାଇଛି । ରବିବାର କଲେଜର କ୍ରୀଡା ପ୍ରାଙ୍ଗଣରେ ଏନସିସି ଦିବସ ପାଳନ ଅବସରରେ ଭଲିବଲ୍ ଖେଳାଭ୍ୟାସ ଯୋଗୁଁ କିଛିଟା ବିଶୃଙ୍ଖଳା ସୃଷ୍ଟି ହୋଇଥିଲା । ଏଥିରେ ବିରକ୍ତ ହୋଇ ଏନସିସି ଆର୍ମି ୱିଙ୍ଗ୍ ଲେଫଟନାଣ୍ଟ ଜଣକ ଖେଳାଳୀଙ୍କ ପ୍ରତି ଉଗ୍ର ଆଚରଣ ପ୍ରଦର୍ଶନ କରିଥିଲେ । ଏହାର ପ୍ରତିବାଦ କରିବାକୁ ଯାଇ ସୋମବାର ସକାଳେ କ୍ରୀଡା ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଓଡିଶା ଗବେଷଣା ସମ୍ମିଳନୀ-୨୦୨୫

## ଯୋଗ ଦେବେ ୧୭ ବିଶ୍ୱବିଦ୍ୟାଳୟର ୬୫୭ ଗବେଷକ

ବ୍ରହ୍ମପୁର, (ସବ୍ୟୁ): ରାଜ୍ୟ ଗବେଷଣା ମହାକୁମ୍ଭ କହୁଯାଉଥିବା ଓଡିଶା ଗବେଷଣା ସମ୍ମିଳନୀର ପଞ୍ଚମ ସଂସ୍କରଣ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆସନ୍ତା ୨୭ ତାରିଖ ଠାରୁ ଆରମ୍ଭ ହୋଇ ତିନି ଦିନ ଧରି ଚାଲିବ । ଏହି ସମ୍ମିଳନୀରେ ରାଜ୍ୟରେ ଥିବା ୧୭ଟି ବିଶ୍ୱବିଦ୍ୟାଳୟର ୬୫୭ ଜଣ ଗବେଷକ, ଅଧ୍ୟାପକ ଓ ଶିକ୍ଷାବିତ ଯୋଗ ଦେବେ । ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଆଣ୍ଡ ଇନୋଭେସନ ଫେଲୋସିପ ପ୍ରୋଗ୍ରାମ ଅଧିନରେ ଗବେଷଣା ବୃତ୍ତି ପାଉଥିବା ୨୫୭ ଜଣ ଗବେଷକଙ୍କ ସହ ଡିଏସଟି, ଏସଇଆରବି, ଆଇସିଏସଏସଆର, ବିଆରଏନଏସ, ଡିଏଇ, ଡିବିଟି ଆଦି ପ୍ରମୁଖ ଅନୁଷ୍ଠାନରୁ ଗବେଷଣା ବୃତ୍ତି ପାଉଥିବା ୪ଶହ ଗବେଷକ ଓ ଅଧ୍ୟାପକ ଯୋଗ ଦେଉଛନ୍ତି । ସମ୍ମିଳନୀରେ ଗବେଷଣା ସାରାଂଶ ସହ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଏବଂ ଏହାର ଉପଲବ୍ଧତା ସଂପର୍କରେ ବିସ୍ତୃତ ଆଲୋଚନା ସହ ବିଭିନ୍ନ ପେଟେଣ୍ଟ, ଷ୍ଟାର୍ଟଅପ ଇନୋଭେସନର ଉଦଘାଟନ ହେବାର କାର୍ଯ୍ୟକ୍ରମ ରହିଛି । ତିନି ଦିନ ଧରି ଚାଲିବାକୁ ଥିବା ଏହି ଗବେଷଣାତ୍ମକ ସମ୍ମିଳନୀରେ ୮ଟି ବୈଷୟିକ ଅଧିବେଶନ ସହ ରାଜ୍ୟରେ ଗେବେଷଣାର ଅଗ୍ରଗତି ସଂପର୍କରେ ସବିଶେଷ ଆଲୋଚନା ହେବ । ଏହାସହ ବିକଶିତ ଓଡିଶା ଓ ବିକଶିତ ଭାରତ ଗଠନରେ ଗବେଷଣାର ଦିଗ ଓ ଏହାର ସଫଳ ରୂପାୟନ ସଂପର୍କରେ ଶିକ୍ଷାବିତ, ବୈଜ୍ଞାନିକ, ଶିଳ୍ପ ସଂସ୍ଥାରେ କାର୍ଯ୍ୟରତ ବିଶେଷଜ୍ଞମାନେ ମିଳିତ ଭାବେ ବିଚାରବିମର୍ଶ କରିବେ । ଏଥିରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର କାର୍ଯ୍ୟରତ କୁଳପତି, ପୂର୍ବତନ କୁଳପତି, ଜାତୀୟସ୍ତର ବୈଷୟିକ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ, ପ୍ରମୁଖ ଶିଳ୍ପ ସଂସ୍ଥାର ବିଶେଷଜ୍ଞ ଓ ବୈଜ୍ଞାନିକଙ୍କ ମାନେ ଯୋଗ ଦେଉଛନ୍ତି । ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଉଭୟ ଉଦଘାଟନୀ ଓ ସମାପନ ଉତ୍ସବ ସହ ବିଭିନ୍ନ ବୈଷୟିକ ଅଧିବେଶନ ଆୟୋଜନ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିବା ବେଳେ ଷ୍ଟାଡିୟମରେ ଗବେଷଣା ସାରାଂଶକୁ ନେଇ ପୋଷ୍ଟର ପ୍ରଦର୍ଶନ କରାଯିବ । ସମ୍ମିଳନୀର ଉଦଘାଟନି ତଥା ସମାପନ ଉତ୍ସବରେ ଯୋଗ ଦେବା ପାଇଁ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍ଥାନୀୟ ବିଧାୟକ ତଥା ବିଣିଜ୍ୟ, ପରିବହନ, ଷ୍ଟିଲ ଓ ଖଣିଜ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ସ୍ଥାନୀୟ ସାଂସଦ ଡକଟର ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ଉଦ୍‌ଘାଟନି ଉତ୍ସବରେ ଯୋଗ ଦେବା ପାଇଁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ଅଗ୍ରଓ୍ୱାଲ, ହାଇଦ୍ରାବାଦ ସ୍ଥିତ କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଜେ ରାଓ, ଭାରତୀୟ ସମାଜ ବିଜ୍ଞାନ ଗବେଷଣା ପରିଷଦର ସଦସ୍ୟ ସଚିବ ପ୍ରଫେସର ଧନଞ୍ଜୟ ସିଂହ ପ୍ରମୁଖ ଯୋଗ ଦେବା ପାଇଁ ସମ୍ମତି ଦେଇସାରିଛନ୍ତି । ସେହିପରି ଉଦଯାପନୀ ଉତ୍ସବର ମୁଖ୍ୟ ଅତିଥିଭାବେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରାମର୍ଶଦାତା ପଦ୍ମଶ୍ରୀ ଏ.ପି. ଦାଶ ଯୋଗ ଦେବା ପାଇଁ ସମ୍ମତି ଜଣାଇଛନ୍ତି ।


## ଦ. ପୂ. ରେଳପଥ-ଟେଣ୍ଡର


ଟେଣ୍ଡର ନୋଟିସ୍ ନମ୍ବର: ଇ-ଟେଣ୍ଡର/୨୦୨୫/୩୯, ତାରିଖ ୨୧.୧୧.୨୦୨୫ । ଡିଭିଜନାଲ ରେଲୱେ ମ୍ୟାନେଜର (ଇଞ୍ଜିନିୟର), ଦ. ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଏବଂ ତାଙ୍କ ପକ୍ଷରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଆଇଟମ୍ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖରେ ୧୫.୦୦ ଘଣ୍ଟା ପୂର୍ବରୁ ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ: ଏସ୍.ଆଇ. ନମ୍ବର ଏବଂ ଟେଣ୍ଡର ନମ୍ବର କାର୍ଯ୍ୟର ବର୍ଣ୍ଣନା ଟେଣ୍ଡର ମୂଲ୍ୟ ଆୟ ଟଙ୍କା: (୧) ଇ-କେଜିପି-ପୂର୍ବ-୬୮-୨୦୨୫ ସହକାରୀ ଡିଭିଜନାଲ ଇଞ୍ଜିନିୟର/ସାନ୍ତ୍ରାଗାଛିଙ୍କ ଅଧିକାରକ୍ଷେତ୍ର ଅଧୀନରେ ସିନିୟର ସେକ୍ସନ୍ ଇଞ୍ଜିନିୟର/ପି.ୱେ/ସି/ସାନ୍ତ୍ରାଗାଛି ସେକ୍ସନରେ ୦୧.୧୦.୨୦୨୫ ରୁ ୩୦.୦୯.୨୦୨୭ ପର୍ଯ୍ୟନ୍ତ ବିବିଧ ପି.ୱେ (କୋନାଲ)/ଟ୍ରାକ୍ କାର୍ଯ୍ୟ ୨,୦୦,୦୦,୦୦୦/- ଟଙ୍କା ଓ ୨,୫୦,୦୦୦/- ଟଙ୍କା । (୨) ଇ-କେଜିପି-ପୂର୍ବ-୬୯-୨୦୨୫ ସହାୟକ ବିଭାଗୀୟ ଯନ୍ତ୍ରୀ/ସାନ୍ତ୍ରାଗାଛିଙ୍କ ଅଧିକାରକ୍ଷେତ୍ର ଅଧୀନରେ ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/ପୂର୍ବ/ସାନ୍ତ୍ରାଗାଛିଙ୍କ ବିଭାଗରେ ୦୧.୧୦.୨୦୨୫ ରୁ ୩୦.୦୯.୨୦୨୭ ପର୍ଯ୍ୟନ୍ତ ବିବିଧ ପି.ୱେ(କୋନାଲ)/ଟ୍ରାକ୍ କାର୍ଯ୍ୟ କରେ ୩,୫୦,୦୦,୦୦୦/- ଟଙ୍କା ୩,୨୫,୦୦୦/- ଟଙ୍କା । (୩) ଇ-କେଜିପି-ପୂର୍ବ-୭୦-୨୦୨୫ ସହାୟକ ବିଭାଗୀୟ ଯନ୍ତ୍ରୀ/ଶାଲିମାରଙ୍କ ଅଧିକାର କ୍ଷେତ୍ର ଅଧୀନରେ ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/ଡବ୍ଲୁ/ସାନ୍ତ୍ରାଗାଛିଙ୍କ ବିଭାଗରେ ୦୧.୧୦.୨୦୨୫ ରୁ ୩୦.୦୯.୨୦୨୭ ପର୍ଯ୍ୟନ୍ତ ବିବିଧ ପି.ୱେ (କୋନାଲ)/ଟ୍ରାକ୍ କାର୍ଯ୍ୟ କରୁଛି ଟଙ୍କା ୩,୫୦,୦୦,୦୦୦/- ଟଙ୍କା ୩,୨୫,୦୦୦/- । (୪) ଇ-କେଜିପି-ପୂର୍ବ-୭୧-୨୦୨୫ ସହକାରୀ ବିଭାଗୀୟ ଯନ୍ତ୍ରୀ/ଶାଲିମାରଙ୍କ ଅଧିକାର କ୍ଷେତ୍ର ଅଧୀନରେ ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/ଉଲୁବେରିଆଙ୍କ ବିଭାଗରେ ୦୧.୧୦.୨୦୨୫ ରୁ ୩୦.୦୯.୨୦୨୭ ପର୍ଯ୍ୟନ୍ତ ବିବିଧ ପି.ୱେ (କୋନାଲ)/ଟ୍ରାକ୍ କାର୍ଯ୍ୟ କରୁଛି ଟଙ୍କା ୩,୫୦,୦୦,୦୦୦/- ଟଙ୍କା ୩,୨୫,୦୦୦/- । (୫) ଇ-କେଜିପି-ପୂର୍ବ-୭୨୮-୨୦୨୫ ସହକାରୀ ବିଭାଗୀୟ ଯନ୍ତ୍ରୀ/ପାଂସକୁରାଙ୍କ ଅଧିକାର କ୍ଷେତ୍ର ଅଧୀନରେ ସିନିୟର ସେକ୍ସନ ଇଞ୍ଜିନିୟର/ପି.ୱେ/ପାଂସକୁରା ବିଭାଗରେ ୦୧.୧୦.୨୦୨୫ ରୁ ୩୦.୦୯.୨୦୨୭ ପର୍ଯ୍ୟନ୍ତ ବିବିଧ ପି.ୱେ(କୋନାଲ)/ଟ୍ରାକ୍ କାର୍ଯ୍ୟ କରେ ୪,୦୦,୦୦,୦୦୦/- ଟଙ୍କା ୩,୫୦,୦୦୦/- ଟଙ୍କା । (୬) ଇ-କେଜିପି-ପୂର୍ବ-୭୩-୨୦୨୫ ସହକାରୀ ବିଭାଗୀୟ ଯନ୍ତ୍ରୀ/ପାଂସକୁରାଙ୍କ ଅଧିକାର କ୍ଷେତ୍ର ଅଧୀନରେ ସିନିୟର ସେକ୍ସନ ଇଞ୍ଜିନିୟର/ପି.ୱେ/କୋଲାଘାଟ ବିଭାଗରେ ୦୧.୧୦.୨୦୨୫ ରୁ ୩୦.୦୯.୨୦୨୭ ପର୍ଯ୍ୟନ୍ତ ବିବିଧ ପି.ୱେ(କୋନାଲ)/ଟ୍ରାକ୍ କାର୍ଯ୍ୟ କରେ ୩,୦୦,୦୦,୦୦୦/- ଟଙ୍କା ୩,୦୦,୦୦,୦୦୦/- ଟଙ୍କା । ୩,୦୦,୦୦୦/- (୭) ଇ-କେଜିପି-ପଶ୍ଚିମ-୫୨-୨୦୨୫ ଝାଡ଼ଗ୍ରାମ - ଡକ୍ଲୁଡିଆ : ସହକାରୀ ବିଭାଗୀୟ ଯନ୍ତ୍ରୀ/ଝାଡ଼ଗ୍ରାମଙ୍କ ଅଧୀନରେ ଲେଭେଲ କ୍ରସିଂ ନମ୍ବର ୮୪ରେ ୦୧ ନମ୍ବର ସୀମିତ ଉଚ୍ଚତା ସବୱେ ନିର୍ମାଣ ୯,୧୦,୯୦,୧୯୬.୪୨ ଟଙ୍କା ୬,୦୫,୫୦୦/- ଛ (୮) ଇ-କେଜିପି-ଏଡବ୍ଲ୍ୟୁ-୪୯-୨୦୨୫ ସହକାରୀ ବିଭାଗୀୟ ଯନ୍ତ୍ରୀ/ବନ୍ଦୋବସ୍ତ/ଖଡ଼ଗପୁରଙ୍କ ଅଧୀନରେ ଖଡ଼ଗପୁରରେ ସୀମା ପ୍ରାଚୀର ଏବଂ ଲନ୍ ଏବଂ ବଗିଚା ବିକାଶ ସମେତ ଅଫିସର ବିଶ୍ରାମ ଗୃହ ସହ ପରିବହନ ବାସସ୍ଥାନ ନିର୍ମାଣ ୨,୨୬,୭୩,୧୬୯.୬୨ ଟଙ୍କା ୨,୬୩,୪୦୦/- । (୯) ଇ-କେଜିପି-ଏଡବ୍ଲ୍ୟୁ-୫୦-୨୦୨୫ ସହକାରୀ ବିଭାଗୀୟ ଯନ୍ତ୍ରୀ/ବନ୍ଦୋବସ୍ତ/ଖଡ଼ଗପୁର ଅଧୀନରେ ଖଡ଼ଗପୁରରେ ଅଫିସର କ୍ଲବର ବ୍ୟାଡମିଣ୍ଟନ ହଲର ସମ୍ପ୍ରସାରଣ ୭୪,୬୮,୨୮୫.୭୧ ଟଙ୍କା ୧,୪୯,୬୦୦/- ଟଙ୍କାର (୧୦) ଇ-କେଜିପି-ସାଉଥ୍-୬୧-୨୦୨୫ ସହକାରୀ ବିଭାଗୀୟ ଯନ୍ତ୍ରୀ/ବାଲେଶ୍ୱରଙ୍କ ଅଧୀନରେ ରାଣୀତାଲ, ଜାଳେଶ୍ୱର ରୋଡ୍, ଖଣ୍ଟାପଡ଼ା ଏବଂ ବାହାନଗାବଜାର ଷ୍ଟେସନରେ ପ୍ଲାଟଫର୍ମ ଏବଂ ଅନ୍ୟାନ୍ୟ ସୁବିଧାର ସମ୍ପ୍ରସାରଣ, ଉଚ୍ଚତା, ପୁନଃପ୍ରତିଷ୍ଠାକରଣ ପାଇଁ ବ୍ୟବସ୍ଥା ୨୦,୯୦,୯୭,୪୫୨.୫୫ ଟଙ୍କା ୧୧,୯୫,୫୦୦/- ଟଙ୍କା । (୧୧) ଇ-କେଜିପି-ଟ୍ରେଣ୍ଡ-୫୩-୨୦୨୫ ଡାଲିଛକ, ମାଦପୁର, ମିଦନାପୁର, ଝାଡ଼ଗ୍ରାମ, ଡକ୍ଲୁଡିଆ ଏବଂ ରଣାମିତ୍ରା: ବିଭାଗୀୟ ଯନ୍ତ୍ରୀ/ପଶ୍ଚିମ/ଖଡ଼ଗପୁରଙ୍କ ଅଧୀନରେ ଆରଇଏମ ସାଇଟିଂରେ ବୃଦ୍ଧି ସୁବିଧା ୧,୯୯,୫୮,୮୯୪.୧୩ ଟଙ୍କା ୨,୪୯,୮୦୦/- ଟଙ୍କା । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: ପ୍ରତ୍ୟେକ ପାଇଁ ୦.୦୦ । ଖୋଲିବାର ତାରିଖ: କ୍ର. ନଂ. ୧ ରୁ ୬ ପାଇଁ ୦୫.୧୨.୨୦୨୫ କ୍ର. ନଂ. ୭ ପାଇଁ ୦୯.୧୨.୨୦୨୫ କ୍ର. ନଂ. ୮ ଏବଂ ୯ ପାଇଁ ୧୧.୧୨.୨୦୨୫, କ୍ର. ନଂ. ୧୦ ପାଇଁ ୧୨.୧୨.୨୦୨୫ ଏବଂ ୧୫.୧୨.୨୦୨୫ ପାଇଁ ୧୧. କାର୍ଯ୍ୟ ସମାପ୍ତି ଅବଧି: ସୀ. ନଂ. ୧ ରୁ ୬ ପାଇଁ ୨୪ ମାସ ସୀ. ନଂ. ୭ ପାଇଁ ୧୮ ମାସ କ୍ର.ନଂ. ୮,୧୦ ଏବଂ ୧୧ ପାଇଁ ୧୨ ମାସ ଏବଂ କ୍ର. ନଂ. ୯ ପାଇଁ ୦୬ ମାସ । ବିଡିଂ ଆରମ୍ଭ ତାରିଖ: ୨୧.୧୧.୨୦୨୫ ରୁ ଏବଂ ୦୫.୧୨.୨୦୨୫ ପର୍ଯ୍ୟନ୍ତ, ୧ ରୁ ୬ ପାଇଁ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ ୨୫.୧୧.୨୦୨୫ ରୁ ଏବଂ ୦୯.୧୨.୨୦୨୫ ତାରିଖ ଦିନ ଅପରାହ୍ନ ୩ଟା ପର୍ଯ୍ୟନ୍ତ, ୨୭.୧୧.୨୦୨୫ ରୁ ଏବଂ ୧୧.୧୨.୨୦୨୫ ତାରିଖ ଦିନ ଅପରାହ୍ନ ୩ଟା ପର୍ଯ୍ୟନ୍ତ, ୮ ଏବଂ ୯ ପାଇଁ ୨୮.୧୧.୨୦୨୫ ରୁ ଏବଂ ୧୨.୧୨.୨୦୨୫ ତାରିଖ ଦିନ ଅପରାହ୍ନ ୩ଟା ପର୍ଯ୍ୟନ୍ତ, ୧୦ ପାଇଁ ୨୮.୧୧.୨୦୨୫ ରୁ ଏବଂ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ ଏବଂ ୧.୧୨.୨୦୨୫ ରୁ ଏବଂ ୧୧ ପାଇଁ ୧୫.୧୨.୨୦୨୫ ତାରିଖ ଦିନ ଅପରାହ୍ନ ୩ଟା ପର୍ଯ୍ୟନ୍ତ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ଆଶାୟୀ ବିଡରମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ । (PR-872)


# ଡ୍ରିମ୍‌ସରେ ଏମ୍‌ବିବିଏସ୍ ଭିତ୍ତି ପାଠ୍ୟକ୍ରମ ଉଦ୍‌ଯାପିତ

କଟକ, (ସ୍ୱପ୍ର) : ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲଥ୍ ସାଇନ୍ସ ଓ ହସ୍‌ପିଟାଲ ଏମ୍‌ବିଏସ୍ ୨୦୨୫-୨୬ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ଚାଲିଥିବା ସପ୍ତାହ ବ୍ୟାପୀ ଭିତ୍ତିଭୂମି ପାଠ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଛି । ପଦ୍ମିନୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ମୁଖ୍ୟପୁରୋଧା ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବା ଅବସରରେ କହିଲେ, ପିତାମାତା ଓ ସମାଜ ଜଣେ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଖରୁ ଅନେକ କିଛି ଆଶା କରନ୍ତି । ଏଣୁ ଜଣେ ଭଲ ମଣିଷ ଓ ପ୍ରତିଭାବାନ୍ ଡାକ୍ତର ହୋଇ ସେହି ଆଶା ପୂରଣ କରିବା ସହିତ ଈଶ୍ୱରଙ୍କ ଆଶୀର୍ବାଦ ଲାଭ ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର ଡା. ବିରଂଚି ନାରାୟଣ ମହାପାତ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବାବେଳେ ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ପ୍ରଫେସର ଡା. ଅର୍ପିତା ପ୍ରିୟଦର୍ଶିନୀ ପ୍ରମୁଖ ଡାକ୍ତରୀ ବୃତ୍ତିର ମହନୀୟତା ଉପରେ ଆଲୋକପାତ କରି ସମୟର ସଠିକ୍ ବିନିଯୋଗ ଓ ନିଷ୍ଠାପର ସାଧନା ଦ୍ୱାରା ଭବିଷ୍ୟତରେ ଦକ୍ଷ ଡାକ୍ତର ହୋଇ ଅଶେଷ ଗୌରବର ଅଧିକାରୀ ହେବାକୁ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ମୁଁ କାହିଁକି ଡାକ୍ତର ହେବି ଉପରେ ନିଜର ଅଭିମତ ଉପସ୍ଥାପନ କରିଥିଲେ । ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ, ଡାକ୍ତର, ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ବହୁଭାଷୀ କବିତା ପାଠୋତ୍ସବ ଓ ଆଲୋଚନା ଚକ୍ର

ବାରିପଦା, (ସବ୍ୟୁ) : ସ୍ଥାନୀୟ ଶହୀଦ ସ୍ମୃତି ଭବନ ପରିସରରେ ରୂପାନ୍ତର ସାଂସ୍କୃତିକ ଓ ସାମାଜିକ ସଂଗଠନ ପକ୍ଷରୁ ଆରମ୍ଭ ହୋଇଥିବା ବହୁଭାଷୀ ନାଟକ ମହୋତ୍ସବ ଅବସରରେ ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ ଏକ ବହୁଭାଷୀ କବିତା ପାଠୋତ୍ସବ ଓ ଓଡିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କିତ ଆଲୋଚନା ଚକ୍ର ପ୍ରତିଷ୍ଠାନର ସଭାପତି ଡାଃ ପାର୍ଥ ସାରଥୀ ଜେନାଙ୍କ ପୌରିହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରତିଶ୍ରୁତିର ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ, ଡଃ ନାରାୟଣ ପ୍ରସାଦ ବେହେରା ମୁଖ୍ୟଅତିଥି ଓ ଡଃ ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଭିନ୍ନ ଭାଷାରେ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଡଃ ବେହେରା ଓ ଡଃ ଚକ୍ରଙ୍କୁ ରୂପାନ୍ତର ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ଭାଗବତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।




## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଏସିବି ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୦୩
ଫୋନ୍ ନଂ.: ୯୪୩୭୦୬୪୭୧୬, ଇ-ମେଲ: sbi.03943@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିଗୁଡ଼ିକୁ ଦଖଲ ନେଇଛନ୍ତି । ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ଅନୁଯାୟୀ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୦୪.୧୨.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ**
**ଗାଡ଼ିଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ୦୪.୧୨.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ଘଟିକା**

| କ୍ର. ନଂ. | ଋଣଗ୍ରହୀତା/ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଗାଡି ଗୁଡ଼ିକର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଦ୍ୱିଜବର ମହାପାତ୍ର, ପିତା: ଗନ୍ଧର୍ବ ମହାପାତ୍ର, ସା: କସରଦା, ପୋ: ନିଆଳି, ଜିଲ୍ଲା: କଟକ / ଆକାଉଣ୍ଟ ନଂ. ୩୯୦୨୧୫୧୯୮୨୦ | Bolero Plus Ambulance Vehicle AC BS4, Regd. No.: OD-05AU-7414, Engine No.: GRK4M61893, Chassis No.: MA1XE2GRKK2M88150, Year of Manufacture- 12.2019 | ୦୧.୦୫.୨୦୨୫ ସୁଦ୍ଧା ୬,୨୧,୮୪୩.୦୦ + ଦେୟବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୨,୮୦,୦୦୦/- / ଟ.୨୮,୦୦୦/- / ଟ.୫,୦୦୦/- |
| ୨. | ଋଣଗ୍ରହୀତା: ଅନ୍ନପୂର୍ଣ୍ଣା ବେହେରା, ସା: ବେରୁଆଁ, ଝଂକୋର୍ଟ, ଜଗତସିଂହପୁର / ଆକାଉଣ୍ଟ ନଂ. ୩୮୪୩୬୬୧୯୪୮୦ | Bolero Plus Ambulance Vehicle AC BS4, Regd. No.: OD-21J-9079, Engine No.: GRK4C79433, Chassis No.: MA1XG2GRKKC91475, Year of Manufacture- 06.2019 | ୦୧.୦୫.୨୦୨୫ ସୁଦ୍ଧା ଟ.୫,୯୯,୦୪୩.୦୦ + ଦେୟବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୨,୪୦,୦୦୦/- / ଟ.୨୪,୦୦୦/- / ଟ.୫,୦୦୦/- |

ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ **PSB Alliance Pvt. Ltd.**ର ୱେବସାଇଟ୍ **(https://baanknet.com)** ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ **support.BAANKNET@psballiance.com** କୁ ଇମେଲ କରନ୍ତୁ। ଗାଡ଼ିର ବିବରଣୀ ଏବଂ ଗାଡ଼ିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: **https://baanknet.com** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ **PSB Alliance Pvt. Ltd.**, ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। **https://baanknet.com** ୱେବସାଇଟ୍‌ରେ ଗାଡ଼ି ଖୋଜିବାବେଳେ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବ୍ୟାଙ୍କର ଧାର୍ଯ୍ୟ ନିର୍ଦ୍ଦେଶ ଅନୁଯାୟୀ ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଏହାକୁ ଗାଡିର କ୍ରେତା ବହନ କରିବେ।

ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍:
https://sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://baanknet.com

ଗାଡିଗୁଡ଼ିକର ପାର୍କିଂ ସ୍ଥାନ: ସା/ପୋ: ରେକୁଆ, ରେକୁଆ କଲେଜ ନିକଟ, ଭାୟା: ନଳିବର, ଜଗତସିଂହପୁର

ଗାଡ଼ି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ମୋ. ୯୪୩୭୦୬୪୭୧୬

ସ୍ଥାନ : ଜଗତସିଂହପୁର, ତାରିଖ : ୨୪.୧୧.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ଶାଗୁଆନ ଗଣ୍ଡି ସହିତ ଟ୍ରାକ୍ଟର ଜବତ: ଚାଳକ ଗିରଫ

ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ବନଖଣ୍ଡ ମହାଗିରୋଡ ବନାଞ୍ଚଳ ହିନ୍ଦୋଳ ସେକ୍ସନ ରଙ୍ଗଥଳୀ ବିଟ୍ ତଥା ଦଦରାଘାଟି ଫାଣ୍ଡି ଅଧିନସ୍ଥ ମୋହନପଶି ଗ୍ରାମରୁ ବିଭାଗୀୟ ଲୋକରେ ଟ୍ରାକ୍ଟର ଯୋଗେ ଶାଗୁଆନ ଗଛ କଟାଯାଇ ଚାଲାଣ ହେଉଥିବା ବେଳେ ଗ୍ରାମବାସୀ ଗାଡ଼ିକୁ ଅଟକାଇ ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଅଭିଯୋଗ ମୁତାବକ ଦଦରାଘାଟି ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ବେହେରା ମୋହନପଶି ଗ୍ରାମ ଲିଙ୍ଗରାଜ ନାୟକଙ୍କ ଠାରୁ ବେଆଇନ ଭାବେ ଶାଗୁଆନ ଗଛ କାଟି ଟ୍ରାକ୍ଟର (ଓଡି ୦୬ କେ ୭୫୭୩) ଯୋଗେ ସୋମବାର ଚାଲାଣ କରୁଥିବା ଦେଖି ଗ୍ରାମର ପୁରୁଷ ଓ ମହିଳା ମାନେ ଉକ୍ତ ଟ୍ରାକ୍ଟରକୁ ଅଟକ ରଖି ସ୍ଥାନୀୟ ବନ ବିଭାଗକୁ ଖବର ଦେଇଥିଲେ। ଗ୍ରାମରେ ରଙ୍ଗଥଳୀ ବିଟ୍ ବନପାଳ ପାର୍ଥସାରଥୀ ପ୍ରଧାନ ଓ କର୍ମଚାରୀ ମାନେ ପହଞ୍ଚି ଶାଗୁଆନ ଗଣ୍ଡି ବୋଝେଇ ଟ୍ରାକ୍ଟରକୁ ଜବତ କରି ମହାଗିରୋଡ ବନାଞ୍ଚଳ କାର୍ଯ୍ୟାଳୟକୁ ନେଇଥିବା ବେଳେ ଚାଳକକୁ ଗିରଫ କରି ଅଦାଲତ ଚାଲାଣ କରାଯାଇଛି । ସେହିପରି ଭାବରେ ଗ୍ରାମବାସୀ ପକ୍ଷରୁ ଦିଆଯାଇଥିବା ଲିଖିତ ଅଭିଯୋଗ ଉପରେ ତଦନ୍ତ ଜାରି ରହିଛି ବୋଲି ବିଟ୍ ବନପାଳ ଶ୍ରୀ ପ୍ରଧାନ କହିଛନ୍ତି। ଫାଣ୍ଡି ଅଧିକାରୀ ପୂର୍ବରୁ ଅନେକ ଥର ଚୋରା ଶାଗୁଆନ ଗଛ କାଟି ନେଉଥିବା ବେଳେ ଆଜି ଧରାପଡ଼ିଛନ୍ତି। ଉକ୍ତ ଫାଣ୍ଡି ଅଧିକାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହିତ ଅନ୍ୟତ୍ର ବଦଳି କିମ୍ବା ନିଲମ୍ବିତ କରାଯାଉ ବୋଲି ଗ୍ରାମର କାଳନ୍ଦୀ ମଲ୍ଲିକ ଦାବି କରିଛନ୍ତି। ଏହି ସଂକ୍ରାନ୍ତରେ ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ବେହେରା କହିଛନ୍ତି କି ତାଙ୍କୁ ବଦନାମ କରିବା ପାଇଁ ଏହିପରି କରାଯାଇଛି,ଏହି ଚୋରା କାଠ ଚାଲାଣ ସହିତ କୈଣସି ସମ୍ପୃକ୍ତ ନାହିଁ।

## ଶୂନ୍ୟ ମୃତାହତ ପକ୍ଷ ପାଳନ ହେଉଛି : ଏପଟେ ରାସ୍ତାରେ ମୁଣ୍ଡ ଗଡୁଛି

ବଅଁରପାଳ ,(ସବ୍ୟୁ) :ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ହ୍ରାସ ଲକ୍ଷ୍ୟରେ ବାଣିଜ୍ୟ ପରିବହନ ବିଭାଗ ପକ୍ଷରୁ 'ଶୂନ୍ୟ ମୃତାହତ ପକ୍ଷ 'ପାଳନ କରାଯାଉଥିବା ବେଳେ ୧୪୯ ନମ୍ବର ଜାତୀୟ ରାଜପଥରେ ମୁଣ୍ଡ ଗଡୁଛି । ବଅଁରପାଳ ଠାରୁ ତାଳଚେର ୧୨ କିଲୋମିଟର ରାସ୍ତାରେ ପ୍ରତିଦିନ ଶହଶହ କୋଇଲା ଓ ଲୁହାପଥର ବୋଝେଇ ଭାରିଯାନ ଚଳାଚଳ କରୁଛି। ଫଳରେ କେନ୍ଦ୍ର ଓ ରାଜ୍ୟ ସରକାର ଏଥିରୁ କୋଟି କୋଟି ଟଙ୍କା ରାଜସ୍ୱ ପାଉଛନ୍ତି । ଏହା ପରେ ମଧ୍ୟ୧୪୯ନମ୍ବର ଜାତୀୟ ରାଜପଥ ମରାମତି କିମ୍ବା ସଂପ୍ରସାରଣ ହେଉ ନଥିବାରୁ ପ୍ରତିଦିନ ଦୁର୍ଘଟଣାର ଶିକାର ହେଉଛନ୍ତି ଜନସାଧାରଣ। ଏଭଳି ଏକ ହୃଦୟ ବିଦାରକ ଦୁର୍ଘଟଣା ଘଟିଛି ୧୪୯ ନମ୍ବର ଜାତୀୟ ରାଜପଥ ରିଲାଏନ୍ସ ପେଟ୍ରୋଲ ପମ୍ପ ସମ୍ମୁଖରେ । ସୂଚନା ଅନୁଯାୟୀ ବଅଁରପାଳ ଥାନା ଅନ୍ତର୍ଗତ ନୂଆହତା ଗାଁ ଜୋରାଗାଡିଆ ସାହିର ରାଜକିଶୋର ପରିଡା (୪୭) ଓ ଝିଅଥା ମିତାଲି ପରିଡ଼ା(୧୯) ଙ୍କୁ ବାଇକରେ ବସାଇ ପରଜଙ୍ଗ ବ୍ଲକ ବସୁଲେଇ ଗ୍ରାମକୁ ଯାଉଥିବା ସମୟରେ ୧୪୯ ନମ୍ବର ଜାତୀୟ ରାଜପଥ ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକ ପଛରୁ ଧକ୍କା ଦେଇ ରାଜକିଶୋରଙ୍କ ଉପରେ ଚଢ଼ି ଯିବାରୁ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ । ଝିଅ ମିତାଲିଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି । ଜାତୀୟ ରାଜପଥର ଶୋଚନୀୟ ଅବସ୍ଥା ସହିତ ବେପରୁଆ ଗାଡି ଚାଳନା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଯୋଗ କରି ସ୍ଥାନୀୟ ଜନସାଧାରଣ ଓ ପରିବାର ପକ୍ଷରୁ ରାସ୍ତାରୋକ କରାଯାଇଥିଲା । ଘଟଣା ସ୍ଥଳରେ ବଅଁରପାଳ ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ଏଠାରେ ପ୍ରକାଶ ଅମାନିଆଙ୍କ ବିରୋଧରେ ପରିବହନ ବିଭାଗର କୋଠର ଆଭିମୁଖ୍ୟ ୧୫ ରୁ ଆରମ୍ଭ ହୋଇଛି 'ଶୂନ୍ୟ ମୃତାହତ ପକ୍ଷ 'ର ପ୍ରଥମ ଚାରି ଦିନରେ ସଡକ ସୁରକ୍ଷା ନିୟମ ଉଲ୍ଲଂଘନ କରିଥିବା ତାଳଚେର ଆର୍ ଟିଓରେ ୭୪୧ ଓ ଅନୁଗୋଳ ଆର୍ ଟିଓରେ ୫୨୦ ଜଣଙ୍କ ନାମରେ ଇ-ଚାଲାଣ ହୋଇଛି । ବୁଦ୍ଧିଜୀବୀଙ୍କ ମତ ଚାଲାଣ କାଟିଲେ ଦୁର୍ଘଟଣା ହ୍ରାସ ପାଇବ ନାହିଁ ରାଜ୍ୟ ଓ ଜାତୀୟ ରାଜପଥ ଅବସ୍ଥା ଶୋଚନୀୟ ହୋଇପଡିଛି ଏହାର ମରାମତି ଓ ବେପରୁଆ ଗାଡି ଚାଳକ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଦୁର୍ଘଟଣା ହ୍ରାସ ପାଇବ ।

## ଗାଁ ମଝିରେ ୧୧ କେଭି ତାର ଟଣାକୁ ପ୍ରତିରୋଧ
# ଗ୍ରାମବାସୀଙ୍କ ଧାରଣା



ଓଡାପଡା,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ଅନ୍ତର୍ଗତ ତାଳଙ୍ଗା ଗ୍ରାମ ଠାରେ ଏକ ରାଇସ ମିଲ କୁ ବିଦ୍ୟୁତ ସଂଯୋଗ ନିମନ୍ତେ ଗ୍ରାମରେ ଥିବା ଟ୍ରାନ୍ସଫର୍ମରରୁ ୧୧ କେଭି ବିଦ୍ୟୁତ୍ ତାର ଗ୍ରାମ ମଝିରେ ଟାଣି ରାଇସ ମିଲ କୁ ନେବାକୁ ମିଲ ମାଲିକ ଉଦ୍ୟମ କରିବା ପରେ ଗ୍ରାମବାସୀ ଏହାକୁ ବିରୋଧ କରି ପ୍ରଶାସନିକ ଅଧିକାରୀ ଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଗତ ୧୭ ତାରିଖ ଦିନ ଓଡ଼ାପଡ଼ା ବ୍ଲକ ଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ।ଏ ସମ୍ପର୍କରେ ଗ୍ରାମବାସୀ ହିନ୍ଦୋଳ ବିଧାୟିକା ସିମାରାଣି ନାୟକ ଙ୍କୁ ଲିଖିତ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ବିଧାୟିକା ଢେଙ୍କାନାଳ ଜିଲ୍ଲାପାଳଙ୍କୁ ପଠାଇ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ଏହା ସତ୍ତ୍ୱେ ମିଲ ମାଲିକ ପୋଲିସ ସହାୟତାରେ ଯୋର ଜବରଦସ୍ତ ୧୧ କେଭି ବିଦ୍ୟୁତ୍ ତାର ଟାଣିବା ପାଇଁ ଉଦ୍ୟମ କରି୍ବା ପରେ ଆଜି ଗ୍ରାମବାସୀ ମାନେ ଏକତ୍ରିତ ହୋଇ ଗ୍ରାମରେ ଏକ ସଭା ଆୟୋଜନ କରିଥିଲେ। କୌଣସି ପରିସ୍ଥିତିରେ ଗ୍ରାମ ମଝିରେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ଟାଣିବାକୁ ଘୋର ବିରୋଧ କରିବା ସହିତ ଜୀବନ ଦେବୁ କିନ୍ତୁ ତାର ଟାଣିବାକୁ ଦେବୁନାହିଁ ବୋଲି ଶପଥ ନେଇଥିବା ଗ୍ରାମର ଅରବିନ୍ଦ ବେହେରା, ଗୋବିନ୍ଦ ବେହେରା, କାଳନ୍ଦୀ ସାହୁ, ଗୁରୁଚରଣ ସାହୁ, ବିକାଶ ସାହୁ, ସରୋଜିନୀ ସାହୁ ଙ୍କ ସହିତ ଗ୍ରାମବାସୀ ଙ୍କ ଠାରୁ ଜଣାପଡିଛି।

## ହିନ୍ଦୋଳ ମହାବିଦ୍ୟାଳୟରେ ପିଏମ ଉଷା ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଘାଟିତ

ହିନ୍ଦୋଳ,(ସବ୍ୟୁ) : ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ମହାବିଦ୍ୟାଳୟ ଖଜୁରିଆକଟା ରେ ପିଏମଉଷା ସପ୍ତଦିନ ଦକ୍ଷତା ବିକାଶ କର୍ମଶାଳା ଉଦଘାଟିତ ହୋଇ ଯାଇଅଛି । ଭାରତ ସରକାରଙ୍କ ଶିକ୍ଷା ବିଭାଗ ମନ୍ତ୍ରାଳୟ ଅନୁମୋଦିତ ପିଏମ୍‌ଉଷା ଓ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ଏବଂ ହିନ୍ଦୋଳ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଦକ୍ଷତା ବିକାଶ କର୍ମଶାଳାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ଧଳ ଉଦଘାଟନ କରିଥିଲେ। ବର୍ତ୍ତମାନ ସମୟରେ ପ୍ରତ୍ୟେକ ଛାତ୍ରଛାତ୍ରୀ ସେମାନଙ୍କର ଦକ୍ଷତାକୁ ତ୍ୱରାନ୍ୱିତ କରି ନିଜର ଅନ୍ତଃ ଦୃଷ୍ଟିକୁ ପରିପ୍ରକାଶ କରିବା ଉଚିତ ବୋଲି ଶ୍ରୀ ଧଳ ମତବ୍ୟକ୍ତ କରିଥିଲେ । କର୍ମଶାଳାରେ ମହାବିଦ୍ୟାଳୟର ପିଏମ୍‌ଉଷା ସଂଯୋଜକ ଦିଲ୍ଲୀପ କୁମାର ଗଡ଼ନାୟକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲା କର୍ମନିଯୁକ୍ତି ଓ ଦକ୍ଷତା ବିକାଶ ବିଭାଗ ମୁଖ୍ୟ ତତ୍ତ୍ୱମଶି ମହାପାତ୍ର ନିଜ ବକ୍ତବ୍ୟରେ ବର୍ତ୍ତମାନ ଯୁବ ସମାଜ କୃତ୍ରିମବୁଦ୍ଧିମତ୍ତା ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱଦେଇ ନିଜର ଭବିଷ୍ୟତ ପାଇଁ ସୁଚିନ୍ତିତ ମାର୍ଗ ବାହାର କରିବା ଦରକାର । ମୁଖ୍ୟବକ୍ତା ତଥା ମୁଖ୍ୟ ପ୍ରଶିକ୍ଷକ ଭାବେ ଅହମଦାବାଦ ସ୍ଥିତ ଭାରତୀୟ ଉଦ୍ୟମିତା ବିକାଶ ସଂସ୍ଥାର ଉପଦେଷ୍ଟା ଚିତ୍ତରଞ୍ଜନ ପଟ୍ଟନାୟକ , ଦକ୍ଷତା ବିକାଶ ଓ ବର୍ତ୍ତମାନର ଯୁବସମାଜ ଉପରେ ଏକ ଅନୁସନ୍ଧାନ ମୂଳକ ନିବନ୍ଧ ଉପସ୍ଥାପନା କରିଥିଲେ । ପ୍ରଶିକ୍ଷକ ଭାବେ ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ସୌମ୍ୟାନନ୍ଦ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି କର୍ମଶାଳାରେ ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟରୁ ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । ସଂଯୋଜକ ତଥା ପଦାର୍ଥ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଜୟନ୍ତ ନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେଛ ହିନ୍ଦୋଳ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା,କର୍ମଚାରୀ ଓ ଛାତ୍ର ଛାତ୍ରୀ ଏହି କର୍ମଶାଳାରେ ଯୋଗଦାନ କରିଥିଲେ ।

## ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ପ୍ରଦର୍ଶନୀ ମେଳା

ଢେଙ୍କାନାଳ,(ସବ୍ୟୁ) :ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ସ୍ତରୀୟ ଗଣିତ ଓ ବିଜ୍ଞାନ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଅଛି । ଶିଶୁବାଟିକା ଠାରୁ ଦଶମ ଶ୍ରେଣୀ ମଧ୍ୟରେ ବୈଜ୍ଞାନିକ ମନୋଭାବ ସହିତ ମୋଟ୍ ୮୧ ଜଣ ଛାତ୍ରଛାତ୍ରୀ ପ୍ରଦର୍ଶନୀରେ ଭାଗ ନେଇଥିଲେ । ଏହା ସହିତ ବର୍ଜ୍ୟବସ୍ତୁ ସମ୍ବନ୍ଧୀୟ କେତେକ ସୁନ୍ଦର ପ୍ରକଳ୍ପ ଆଣି ଉକ୍ତ ପ୍ରଦର୍ଶନୀର ଶୋଭା ବର୍ଦ୍ଧନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରି କୃତି ଛାତ୍ରଛାତ୍ରୀମାନେ ସେମାନଙ୍କର ଅଭିଜ୍ଞତା ସର୍ବ ସମ୍ମୁଖରେ ଜ୍ଞାପନ କରିଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହାୟତାରେ ଉକ୍ତ ଗଣିତ ଓ ବିଜ୍ଞାନ ପ୍ରଦର୍ଶନୀ ମେଳାକୁ ସମାପ୍ତ କରାଯାଇଥିଲା ।

## ଏନ୍‌ଏଚ୍ ୧୪୯ନଂ ଓ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଭେଟିଲା ବିଜେପି

ତାଳଚେର,(ସବ୍ୟୁ) : ତାଳଚେର ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା ଓ ସନ୍ଥପଡ଼ା ମଣ୍ଡଳ ସଭାପତୀ ସନ୍ତୋଷ ମହାନ୍ତି ବିଭିନ୍ନ ସମସ୍ୟାନେଇ ଅନୁଗୋଳ ଜିଲ୍ଲାପାଳଙ୍କୁ ଭେଟି ନିମ୍ନଲିଖିତ ଦାବି ଉପସ୍ଥାପନ କରିଛନ୍ତି। ତାଳଚେର ବାଇପାସ୍ ଠାରୁ ବଅଁରପାଳ ପର୍ଯ୍ୟନ୍ତ ଜାତୀୟ ରାଜପଥ ୧୪୯ନଂ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ପ୍ରତିଦିନ ଉକ୍ତ ରାସ୍ତାରେ କିଛି ନା କିଛି ଦୁର୍ଘଟଣା ଘଟି ମୃତାହତ ହେଉଛନ୍ତି। ଉକ୍ତ ରାସ୍ତାରୁ ତୁରନ୍ତ ଧୂଳି ଉଠାଇବା ସହ ରାସ୍ତା ମରାମତି କରିବାକୁ ଦାବି କରିଛନ୍ତି। ସନ୍ଥପଡ଼ା ନିକଟସ୍ଥ ପିକନିକ ସ୍ପଟ୍‌ର ପୁନରୁଦ୍ଧାର, ସନ୍ଥପଡ଼ା ନୂଆସାହି ବନ୍ଧ ଉପରେ ଯାଇଥିବା ୩୩କେଭି ତାରକୁ ଅନ୍ୟତ୍ର ହଠାଇବା ରେଙ୍ଗାଲୀ ଦକ୍ଷିଣ କେନାଲକୁ ପରିଷ୍କାର ପରିଚ୍ଛନ୍ନ କରିବା, ଚାଇଁପାଳ ଓଭରବ୍ରିଜର ଉଭୟପାର୍ଶ୍ୱରେ ଷ୍ଟ୍ରିଟ ଲାଇଟ୍ ଲାଗଇବା ଇତ୍ୟାଦି ଦାବି ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ର ପ୍ରଦାନ ବେଳେ ସରପଂଚ, ସହଦେବ ସାହୁ, ଶିବାନନ୍ଦ ଥମ୍ୱ, ପ୍ରଶାନ୍ତ ସାହୁ, ବିନୋଦ ସାହୁ, ସୂର୍ଯ୍ୟକାନ୍ତ ସାହୁ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

## ବ୍ରାହ୍ମଣୀ ନଦୀରେ ବୁଡି ମହିଳା ନିଖୋଜ

କାମାକ୍ଷାନଗର,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡ ତୁମୁସିଙ୍ଗା ଥାନା କନ୍ତିଓ ପୁଟସାହି ଗ୍ରାମ ନିକଟରେ ଥିବା ବ୍ରାହ୍ମଣୀ ନଦୀ ରେ ବୁଡି ମହିଳା ନିଖୋଜ ହୋଇଥିବାର ଜଣାପଡିଛି। ନିଖୋଜ ମହିଳା ଜଣକ ସୁଲୋଚନା ସାହୁ ହୋଇଥିବା ବେଳେ ତାଙ୍କ ସ୍ୱାମୀଙ୍କ ନାମ ପରମାନନ୍ଦ ସାହୁ ବୋଲି ଜଣାପଡିଛି। ସୂଚନା ଅନୁସାରେ ସୁଲୋଚନା ଆଜି ସକାଳୁ ବ୍ରାହ୍ମଣୀ ନଦୀ କୁ ଗାଧୋଇବାକୁ ଆସିଥିବା ବେଳେ ନିଖୋଜ ହୋଇ ଯାଇଥିଲେ ।ଘର କୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକ ଖୋଜାଖୋଜି କରିବାରୁ ନଦୀ କୁଳରେ ତାଙ୍କ ଚପଲ ରହିଥିବା ବେଳେ ତାଙ୍କର କୌଣସି ସନ୍ଧାନ ପାଇନଥିଲେ । ତେବେ ଗାଧୋଇବା ସମୟରେ ଗୋଡ଼ ଖସି ଯାଇ ସେ ନଦୀ ରେ ବୁଡିଯିବା ନେଇ ପରିବାର ଲୋକ କାମାକ୍ଷାନଗର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀ କନ୍ତିଓ ପୁଟସାହି ନଦୀ କୁଳ ରେ ପହଞ୍ଚି ସର୍ଚ୍ଚ ଅପରେସନ ଜାରି ରଖିଥିବା ବେଳେ ସଂଧ୍ୟା ହୋଇଯିବା କାରଣ ରୁ ସୁଲୋଚନା ଙ୍କ ସନ୍ଧାନ ପାଇନାହାନ୍ତି ।

# ନିଶାମୁକ୍ତ ଭାରତ ଏକମାତ୍ର ଲକ୍ଷ୍ୟ

ଢେଙ୍କାନାଳ,(ସବ୍ୟୁ) :ଆସାମ ରାଜ୍ୟର ଜଣେ ଯୁବକ ଭାରତକୁ ନିଶାମୁକ୍ତ କରିବା ଉଦ୍ଦେଶ୍ୟରେ ପଦଯାତ୍ରାରେ ବାହାରି ସୋମବାର ଢେଙ୍କାନାଳରେ ପହଞ୍ଚିଛନ୍ତି । ପରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସହ ସାକ୍ଷାତ କରିଥିବା ଜଣାପଡିଛି । ସୂଚନା ଅନୁସାରେ ଆସାମ ଶ୍ରୀ ଭୂମି ଜିଲ୍ଲାର ପ୍ରଦ୍ୟୁତ ଦେବଙ୍କ ପୁଅ ବଲ୍ଲବ ଦେବ (୨୫) ଜଣେ ଏନ୍‌ସିସି କ୍ୟାଡେଟ୍ ହୋଇଥିବା ବେଳେ ବାରତ ସେନାରେ ଯିବାକୁ ତାଙ୍କର ଇଚ୍ଛା ରହିଥିଲା । ହେଲେ ସେନାରେ ଭର୍ତ୍ତି ହୋଇ ନପାରିବା ଦୁଃଖ ତାଙ୍କ ମନରେ ରହିଥିଲା । ନିଜ ଦେଶ ପାଇଁ କିଛି କରିବାର ଇଚ୍ଛା ନେଇ ଯୁବ ପିଢୀଙ୍କୁ ନିଶାମୁକ୍ତ କରିବା ଉଦ୍ଦେଶ୍ୟରେ ଗତ ମେ ୨୫ ତାରିଖରୁ ଆସାମରୁ ଭାରତ ଭ୍ରମଣରେ ବାହାରିଥିଲେ । ଆସାମ, ବିହାର, ମେଘାଳୟ, ଝାରଖଣ୍ଡ, ୱେଷ୍ଟ ବେଙ୍ଗଲ ରାଜ୍ୟ ପଦଯାତ୍ରା କରିବା ପରେ ୨୦୬ ଦିନର ଯାତ୍ରାପରେ ଓଡିଶାର ଢେଙ୍କାନାଳ ଜିଲ୍ଲାରେ ପହଞ୍ଚିଛନ୍ତି । ଢେଙ୍କାନାଳରେ ପହଞ୍ଚିବା ପରେ ପ୍ରଥମେ ସେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଥିଲେ । ପରେ ସେ ଛତିଶଗଡ, ଏମ୍‌ପି, ୟୁପି, ଉତ୍ତରାଖଣ୍ଡ ଅଭିମୁଖେ ଯାତ୍ରା କରିବେ । ଏଥିପାଇଁ ତାଙ୍କୁ ୫ ରୁ ୬ ବର୍ଷ ସମୟ ଲାଗି । ୬ଟି ରାଜ୍ୟ ପଦଯାତ୍ରା କରିବା ବେଳେ ତାଙ୍କୁ ନିଶାଶକ୍ତ ବ୍ୟକ୍ତିମାନେ ଆଟାକ ମଧ୍ୟ କରିଥିବା କହିଛନ୍ତି । ଦେଶକୁ ନିଶାମୁକ୍ତ ପାଇଁ ସେ ଏକ ପଦଯାତ୍ରାରେ ବି ଭାରତ ଭ୍ରମଣ କରିହେବ । ୫୦ ବର୍ଷ ପରେ ବି ଲୋକ ତାଙ୍କୁ ଜାଣିବେ । ଦେଶକୁ ନିଶାମୁକ୍ତି ପାଇଁ ସେ ଏକ ପଦଯାତ୍ରାରେ ବାହାରିଥିଲେ । ଏଥିପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ତାଙ୍କ ପଦଯାତ୍ରା ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇଥିବା କହିଥିଲେ ।

# ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା କରଡାବାହାଲି (ଖ) ଗ୍ରାମର ସୁଭଦ୍ରା ଦାସ ଓ ତାଙ୍କ ସ୍ୱାମୀ ଅଶୋକ ଦାସଙ୍କୁ ସେହି ଗ୍ରାମର ବରୁଣ ଦାସ ଓ ତାଙ୍କ ପତ୍ନୀ ସୁଭଦ୍ରା ଦାସ ମିଶି ଦମ୍ପତଙ୍କୁ ଏକ ପଥର ସାହାଜ୍ୟରେ ଆକ୍ରମଣ କରିଥିବା ସୁଭଦ୍ରା ଠାକୁରଗଡ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭୀତିକରି ପୋଲିସ ନମ୍ବର ୩୧୬/୨୫ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ଜାତି ସମାଜର ବୈଠକକୁ ନେଇ ଅଶୋକ ଙ୍କ ସହ ସେହି ଗ୍ରାମର କନ୍ଦୁରୀ ଦାସ ଙ୍କ ମଧ୍ୟରେ ଆଲୋଚନା ହୋଇଥିବା ବେଳେ ହଠାତ ସ୍ୱାମୀସ୍ତ୍ରୀ ଆସି ଅଶୋକ ଓ ସୁଭଦ୍ରାଙ୍କୁ ଆକ୍ରମଣ କରିଥିଲେ । ଅନ୍ୟପଟ ରେ ବରୁଣ ଙ୍କର ଭଉଣୀ ସୁଭାସିନୀ ଦାସ ମଧ୍ୟ ଏକ ପାଲଟା ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଯେ ତାଙ୍କ ଭାଇ ବରୁଣ ଓ ତାଙ୍କ ଭାଉଜ ସୁଭଦ୍ରା ଘରେ ଥିବାବେଳେ ସମାଜ ବୈଠକରେ ଯୋଗ ଦେବା ପାଇଁ ବାହାରୁଥିବା ବେଳେ ଅଶୋକ ଦାସ ସେମାନଙ୍କୁ ମାଡ ମାରିଥିବା ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭୀତକରି ପୋଲିସ ନମ୍ବର ୩୧୭/୨୫ ରେ ଏକ ମାମଲା ରୁଜୁ କରିଛି ।

## ମା'ବନଦୁର୍ଗା ମନ୍ଦିରର ରତ୍ନମୁଦ ଉତ୍ସବ

ତାଳଚେର,(ସବ୍ୟୁ) : ତାଳଚେର ବ୍ଲକ କଣ୍ଠାଳ ପଂଚାୟତ ଅନ୍ତର୍ଗତ ତାଳବେଡ଼ା ଗ୍ରାମ ନିକଟରେ ମା' କନକ ଦୁର୍ଗାଙ୍କ ଭବ୍ୟ ମନ୍ଦିର ରତ୍ନମୁଦ ଉତ୍ସବ କାର୍ଯ୍ୟକ୍ରମ ମହାସମାରୋହ ଅନୁଷ୍ଠିତ ହୋଇଯାଇଛି। ସକାଳୁ ମହିଳାମାନେ ଶୁଦ୍ଧପୁତ ଭାବେ ପୂଜାର୍ଚ୍ଚନ ସହ ବ୍ରାହ୍ମଣୀ ନଦୀରୁ ଜଳସଂଗ୍ରହକରି ବିରାଟ ପଙ୍କ୍ତିଆରରେ କଳସଯାତ୍ରାରେ ମା'ଙ୍କ ମନ୍ଦିର ସ୍ଥଳକୁ ଆସିଥିଲେ। ଏହାପରେ ପୁରୋହିତ ପଣ୍ଡିତ ଗୌରୀମାଧବ ଆଚାର୍ଯ୍ୟ ଓ ମିଟୁଦାସ ଯଜ୍ଞ ଓ ଅନ୍ୟାନ୍ୟ କାର୍ଯ୍ୟକରି ରତ୍ନମୁଦ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରିଥିଲେ। ଏହି କାର୍ଯ୍ୟକ୍ରମ ଆଖପାଖ ଅଂଚଳର ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସ୍ଥାନୀୟ ସରପଂଚ ଯଶୋବନ୍ତି ବେହେରା, ସମିତି ମେମ୍ବର ସୁବର୍ଣ୍ଣ ସାହୁ, ସମାଜସେବୀ ସିଲୁ ସାହୁ, ପପୁ ସାହୁ, ରାଜକିଶୋର ସାହୁ, ସଞ୍ଜୟ ଶତପଥୀ, ରବି ଶତପଥୀ, ସୂର୍ଯ୍ୟନାରାୟଣ ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ସହ ସମାପନ କରିଥିଲେ ।

## ସତ୍ୟସାଇ ବାବାଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

ଛେଣ୍ଡିପଦା,(ସବ୍ୟୁ) :ଆଜି ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମମହୋତ୍ସବ ଅବସରେ ଛେଣ୍ଡିପଦା ସାଇ ମନ୍ଦିର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଶିବିର ରେ ୫୦ୟୁନିଟ ରକ୍ତ ସଂଗୃହିତ ହୋଇଛି। ଅନୁଗୋଳ ରକ୍ତ ଭଣ୍ଡାର ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିବାବେଳେ ଡାକ୍ତର ଯୋଗମାୟା ଦେହୁରୀ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

# ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର



ଢେଙ୍କାନାଳ,(ସବ୍ୟୁ) :ଶ୍ରୀ ସତ୍ୟସାଇ ବାବାଙ୍କର ପବିତ୍ର ୧୦୦ତମ ଜନ୍ମ ମହୋତ୍ସବ ଶ୍ରୀ ସତ୍ୟସାଇ ସେବା ସମିତି, ଢେଙ୍କାନାଳ ଅନୁକୂଲ୍ୟରେ ସାଇ ମନ୍ଦିର ପି.ଡବ୍ଲ୍ୟୁ.ଡି. କଲୋନୀ ଠାରେ ଆଧ୍ୟାତ୍ମିକ ବାତାବରଣ ଭିତରେ ପାଳିତ ହୋଇଯାଇଛି । ଏଥିପାଇଁ ସାରିଅଁ, ଶ୍ୟାମାଚରଣପୁର, ଗେଙ୍ଗୁଟିଆ, ମଙ୍ଗୁରୀ ତଥା ସୋଗରପଶି ଭଜନ ମଣ୍ଡଳୀରେ ବ୍ୟାପକ ସେବା କାର୍ଯ୍ୟକ୍ରମ କରାଯାଇଛି । ଜନ୍ମଦିନ ପ୍ରାତଃ ଘ.୪.୪୦ମି. ସମୟରେ ନଗରକୀର୍ତନ ରୁ ଆରମ୍ଭ କରି ଦିବ୍ୟ ପ୍ରଶାନ୍ତି ଧ୍ୱଜା ଉତୋଳନ, ଷୋଡ଼ଶ ଉପଚାର ପୂଜା, ହୋମ ଏବଂ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଏବଂ ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ପାତ୍ରଙ୍କ କରକମଳରେ ଉଦ୍ଘାଟିତ ହୋଇଥିଲା । ଏହି ଶିବିରରେ ୨୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଦିବା ଘ.୧୧.୩୦ମି.ରେ ନାରାୟଣ ସେବା, ବସ୍ତ୍ରଦାନ, ସମୂହ ପ୍ରସାଦସେବନ, ସାନ୍ଧ୍ୟ ଭଜନ, ୧୦୦ତମ ଜ୍ୟୋତି ପ୍ରଜ୍ୱଳନ ଭଜନ, ଜନ୍ମଦିନ କେକ୍ ଅର୍ପଣ, ସତ୍‌ସଙ୍ଗ ସହିତ ଶେଷରେ ଶ୍ରୀ ସତ୍ୟ ସାଇଙ୍କୁ ମଙ୍ଗଳ ଆଳତୀ ପ୍ରଦାନ ସହିତ କାର୍ଯ୍ୟକ୍ରମ ସାଙ୍ଗ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସମିତିର ଆବାହକ ତପନ ସାହୁ ପରିଚାଳନା କରିଥିଲେ ଏବଂ ସାହାଯ୍ୟ କରିଥିଲେ । ଅଭୟ ରାଉତ, ଶତ୍ରୁଘ୍ନ ମାଟି, ସୁବ୍ରତ ପ୍ରଧାନ, ଶ୍ରୀକାନ୍ତ ସାମଲ, ସାଇ ପ୍ରସାଦ ଶରଣ, ରଜତ ମହାପାତ୍ର, ନରହରି ବିଶ୍ୱାଳ, ଉମେଶ ପ୍ରସାଦ ଶରଣ, ସାଇ ପ୍ରସାଦ ଶରଣ, ପ୍ରଶାନ୍ତ ନାୟକ, ସାଇ ଆରିୟନ୍ ଅମ୍ରିତ, ମାୟାଧର ସେଠି, ଜାନକୀ ଦେଇ, ସଂଯୁକ୍ତା ସାମଲ, ବିଜୟ ଲକ୍ଷ୍ମୀ ସାହୁ, ସୁଚିତ୍ରା ବେହେରା, ସ୍ୱର୍ଣ୍ଣଲତା ମାଟି, ଏସ୍.ଏଲ୍.ରାଜ୍ୟମ୍, ସଂଧ୍ୟା ମିଶ୍ର, କମଳିନୀ ସେଠି, କାଂଚନ ବାଳା ସାହୁ, ଜୟଶ୍ରୀ ସିଂହ, ପ୍ରଭାତି ମିଶ୍ର, କାନନବାଳା ପତି, ପ୍ରମିଳା ମହାଳିକ ଏବଂ ସବିତା ସାହୁ, ବିରଂଚି ନାରାୟଣ ନାଥ, ନିତାଇ ପଟ୍ଟନାୟକ, ପ୍ରତିମା ପାଣିଗ୍ରାହୀ ଓ ଇତିଶ୍ରୀ ସିଂହଙ୍କ ସମେତ ବହୁ ସାଇଭକ୍ତ ଉପସ୍ଥିତ ଥିଲେ ।

# ମେରାମଣ୍ଡଳୀ ଚିକିତ୍ସାଳୟର ପୂର୍ବତନ ଆଟେଡାଣ୍ଟଙ୍କୁ କାରାଦଣ୍ଡ

ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ମେରାମଣ୍ଡଳୀ ସ୍ଥିତ ସରକାରୀ ଚିକିତ୍ସଳୟର ପୂବତନ ୱାର୍ଡଆଟେଣ୍ଡାଣ୍ଟଙ୍କୁ ନିଜର ଜାଲ ଶିକ୍ଷାଗତ ମାର୍କସିଟ ପ୍ରଦାନ କରିଥିବାରଅଭିଯୋଗରେ ଜିଲ୍ଲା ଭିଜିଲାନ୍ସ ସ୍ପେସାଲ ଜଜ ୩ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିବାର ଜଣାପଡିଛି । ମେରାମଣ୍ଡଳର ସରକାରୀ ଚିକିତ୍ସାଳୟରେ ବିଜୟ କୁମାର ପୃଷ୍ଟି ୱାର୍ଡ ଆଟେଣ୍ଡାଟ ଭାବରେକାର୍ଯ୍ୟ କରୁଥିଲେ। ସେ ଅଷ୍ଟମ ଶ୍ରେଣୀର ଜାଲ ଶିକ୍ଷାଗତ ପ୍ରମାଣ ପତ୍ରନମ୍ବର ପ୍ରଦାନ କରି ଚାକିରୀ କରିଥିବାରୁ ତାଙ୍କୁ ସିଡିଏମଓ ଚାକିରୀରୁ ବହିଷ୍କାରକରିଥିଲେ। ଏହି ମାମଲାଟି ଭିଜିଲାନ୍ସ ବିଭାଗରେ ବିଚାରାଧିନ ଥିବା ବେଳେ ଭିଜିଲାନ୍ସ ତରଫରୁ ଏକ ମାମଲା ରୁଜୁହୋଇ ତଦନ୍ତ ଚାଲିଥିଲା। ଏହି ମାମଲାଟି କଟକ ଭିଜିଲାନ୍ସ ଡିଭିଜନର ପୂର୍ବତନ ଅତିରିକ୍ତ ଏସପି ଗଣେଶ୍ୱର ସେଠୀ ତଦନ୍ତ କରୁଥିବା ବେଳେ ଏହି ମାମଲା ଢେଙ୍କାନାଳ ଭିଜିଲାନ୍ସ ଅଦାଲତରେ ବିଚରାଧିନ ଥିଲା। ଏହି ମାମଲାର ବିଚାର କରି ଭିଜିଲାନ୍ସ ସ୍ପେସାଲଜଜ ବିଜୟଙ୍କୁ ତିନି ବର୍ଷ ସଶ୍ରମ କାରାଦଣ୍ଡରେଦଣ୍ଡିତ କରିଥିବାର ଜଣାପଡିଛି। ଏହି ମାମଲା ସେସ୍ପାଲ ପିପି ହେମନ୍ତ କୁମାର ଖଟୁଆ ଏବଂ ଅନୁଜ୍ଞାନ ମହାନ୍ତି ପରିଚାଳନା କରୁଥିଲେ ।

# ଜାତୀୟ ବହୁଭାଷୀ ନାଟକ ମହୋତ୍ସବ ୩ୟ ସନ୍ଧ୍ୟା
# ଦର୍ଶକଙ୍କ ମନମୋହିଲା ଝାରସୁଗୁଡାର ନାଟକ ଲାଲ ପାଏନ



ବାରିପଦା, (ସବ୍ୟୁ) : ସ୍ଥାନୀୟ ସହୀଦ୍ ସ୍ମୃତି ଭବନରେ ରୂପାନ୍ତର ଅନୁଷ୍ଠାନ ଆନୁକୂଲ୍ୟରେ ୬ ଦିନିଆ ଜାତୀୟ ବହୁଭାଷୀ ନାଟକ ମହୋତ୍ସବର ୩ୟ ସନ୍ଧ୍ୟାରେ ମିରର ଥିଏଟର, ବେଲପାହାଡ, ଝାରସୁଗୁଡା ପ୍ରଯୋଜିତ ସମ୍ବଲପୁରୀ ନାଟକ 'ଲାଲ ପାଏନ ମଞ୍ଚସ୍ଥ ହୋଇଯାଇଛି । ଡଃ ସୁବାଷ ଚନ୍ଦ୍ର ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକରେ ସନ୍ତୋଷ ସାହୁ, ସୋନିଆଁ ବେହେରା, ଗୌରୀଶଙ୍କର କୁମ୍ଭାର, ଆଶିଷ ମହାନ୍ତି, ସରୋଜ ମିର୍ଦ୍ଧା ଲବ ପ୍ରଧାନ, ଅରଓ୍ୱାଜ ଖାନ, ବିନୟ ପ୍ରଧାନ, ଦିବ୍ୟ ରଞ୍ଜନ ସାହୁ, ସାହିଲ ସୁନା, ବର୍ଷାରାଣୀ ଧଳ, ଆୟୁଷୀ ପଟ୍ଟନାୟକ, ଭବେଶ ପ୍ରଧାନ, ସଞ୍ଜନା ମେହେର, ସାନିଆ ବେହେରା, ଖୁସି ଗୌର, ଯୋଗେଶ ସାହୁ, ତନୁଜା ମେହେର, ବିକାଶ କିସାନ ପ୍ରମୁଖ ଅଭିନୟ କରିଥିଲେ । ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତଙ୍କ କରୁଣ କାହାଣୀ ଉପରେ ଆଧାରିତ ନାଟକରେ କଳାକାରମାନଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା । ଆଜି ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଃ ପ୍ରମୋଦ ଶତପଥି, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ତଥା ମୟୂରଭଞ୍ଜ ସିଟିଜେନ ଫୋରମର ସମ୍ପାଦକ ଡଃ ଶ୍ୟାମ ସୁନ୍ଦର ଦାସ ଯୋଗଦେଇ ନାଟକ ମହୋତ୍ସବର ସଫଳତା କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂସ୍ଥାର, ନିର୍ଦ୍ଦେଶକ ପରେଶ ସାହୁ ଓ ସମ୍ପାଦକ ସତ୍ୟନାରାୟଣ ଦାସ ଉପସ୍ଥିତ ଥିଲେ । ଅପୂର୍ବା ସାହୁ ଓ ଶୁଭେନ୍ଦୁ ସାହୁ ମଞ୍ଚ ପରିଚାଳନା କରିଥିଲେ । ଆଜି ସକାଳେ ପ୍ରଥମେ ଯୋଗାସନ ଓ ପରେ ପରେ ସାହିତ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଆସନ୍ତାକାଲି ପାଥ, ଜାମସେଦପୁର ପ୍ରଯୋଜିତ ହିନ୍ଦୀ ନାଟକ 'କନ୍ୟାଦାନ ପରିବେଷିତ ହେବ ।

## ଗାଈ ଚରାଳିଙ୍କ ମୃତଦେହ ଉଦ୍ଧାର

ରେଙ୍ଗାଲି,( ସବ୍ୟୁ): କଣିହାଁ ବ୍ଲକ ରେଙ୍ଗାଳି ଥାନା କୁଲୁମା ଗ୍ରାମର ଗାଈ ଚରାଳି ମଙ୍ଗୁଲୁ ବେହେରା (୬୫) ଙ୍କର ମୃତଦେହ ଆଜି ଗ୍ରାମର ଏକ ପୋଖରୀରୁ ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର ହୋଇଛି । ରେଙ୍ଗାଳି ପୋଲିସ ସୂଚନା ଅନୁସାରେ କୁଲୁମା ଗ୍ରାମର ଗାଈଚରାଳି ମଙ୍ଗୁଲୁ ବେହେରା ଗତକାଲିଠାରୁ ଗାଈଚରାଇବାକୁ ଯାଇ ନିଖୋଜ ଥିଲେ । ଏନେଇ ମଙ୍ଗୁଲୁଙ୍କ ପୁଅ ସନୁ ବେହେରା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଆଜି ଗ୍ରାମ ନିକଟ ଏକ ପୋଖରୀରୁ ନିଖୋଜ ଗାଈଚରାଳିଙ୍କ ମୃତଦେହ କଣିହାଁ ଅଗ୍ନିଶମ ବିଭାଗ ଦ୍ୱାରା ଉଦ୍ଧାର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଡାକ୍ତରଖାନା କୁ ପଠାଇଦେଇଥିବା ନେଇ ଆଇଆଇସି ଜୟନ୍ତ ମହାନ୍ତି ସୂଚନା ଦେଇଛନ୍ତି ।

# ବାଲି ଚୋରା ଚାଲାଣ,ନକଲି କାଗଜପତ୍ରରେ ଅସଲି ପୋଲିସ ପ୍ରଭାବିତ





ଖମାର,(ସବ୍ୟୁ): ଦିନକୁ ଦିନ ବାଲି ଚୋରା ଚାଲାଣ ବଢିବାରେ ଲାଗିଛି । ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତା ସତ୍ତ୍ୱେ ବାଲି ମାଫିଆ ମାନେ ନୂଆଚାଲ୍ ଚଳାଇ ବାଲି ଚାଲାଣ କରି ଚାଲିଛନ୍ତି । ନକଲି କାଗଜ ପତ୍ରରେ ଅସଲି ପୋଲିସ ପ୍ରଭାବିତ ହେଇ ଚୋରା ବାଲି ଚାଲାଣ କରୁଥିବା ୫ଟି ହାଇୱା ଟ୍ରକ୍ ଜବତ କରିବା ପରେ ଛାଡ଼ିଦେଇଚି । ଏପରି ଏକ ଘଟଣା ଅନୁଗୁଳ ଜିଲ୍ଲା ଖମାର ଥାନାରେ ଗତ ୨୨ତାରିଖ ଶନିବାର ଦିନ ରାତିରେ ଘଟିଛି । ଅନୁସନ୍ଧାନରୁ ଜଣା ପଡ଼ିଛି ଯେ, ଖମାର ଥାନା ଗତ ଶନିବାର ରାତି ୧୧ଟା ମଧ୍ୟରେ ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ଥାନା କୁଲେଇ ଗ୍ରାମର ବେଆଇନ୍ ବାଲି ଘାଟରୁ ହାଇୱା ଟ୍ରକ ଓଡ଼ି ୩୫ ୭୧୦୩,ଓଆର ୧୯ଏମ ୦୯୦୫,ଓଡି୩୫ବି ୭୩୮୦,ଓଡି ୩୫ଏଚ ୮୪୭୩ ଓଡି୩୫୪ ୨୮୨୮କୁ ଚୋରା ବାଲି ଚାଲାଣ ନେଇ ଅଟକାଇ ରଖିବାକୁ ପଡ଼ିଥିଲା । ରାତାରାତି ବାଲି ମାଫିଆମାନେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡର ପାଣି ଗେଙ୍ଗୁଟିଆ ସରକାରୀ ଲିଜ୍ ବାଲି ଚାଲାଣ ସଂଗ୍ରହ କରିବାରେ ସଫଳ ହେଇଥିଲେ । ମାତ୍ର ପରିବହନ ପାସ ଅନୁଯାୟୀ ବାଲି ଗାଡ଼ି ଗୁଡ଼ିକ ଭାୟା ମହାବୀର ରୋଡ ଦେଇ କେନ୍ଦୁଝର ଜିଲ୍ଲାର ପୁରୁଲିଆ ଯିବା ପରିବର୍ତ୍ତେ ପରଜଙ୍ଗ ବ୍ଲକ କୁଲେଇ ଗ୍ରାମର ବେଆଇନ୍ ବାଲି ଘାଟରୁ ବାଲି ଭାୟା ଦାଦରାଘାଟି ଦେଇ ଖମାର୍ ଚାଲାଣ କରାଯାଉଥିବା ଜଣାପଡ଼ିଲା । ଯଦି ପାଣି ଗେଙ୍ଗୁଟିଆର ଘାଟରୁ ବାଲି ପରିବହନ ହେଉଥିଲା ତାହେଲେ ନିୟମ ଅନୁଯାୟୀ ସେଠାରେ ଲାଗିଥିବା ବାଧ୍ୟତାମୂଳକ ସିସି କ୍ୟାମେରା ଅବା ପରଜଙ୍ଗ ନିକଟସ୍ଥ ଟୋଲ ଗେଟ୍ ଫୁଟେଜ ଯାଞ୍ଚ କରିବା କଥା ଅଥବା ଖମାର ଦେଇ କେନ୍ଦୁଝରରେ ଅନ୍ ଲୋଡ ପରେ ବାଲି ଗ୍ରହଣକାରୀ ଅଜିତ କୁମାର ବାରିକଙ୍କ ସ୍ୱାକ୍ଷରିତ ଚାଲାଣ ପୋଲିସ ଦେଖିବା ପରେ ଗାଡ଼ି ଛାଡ଼ିବା ଉଚିତ୍ ଥିଲା ବୋଲି ସ୍ଥାନୀୟ ଅଞ୍ଚଳ ଲୋକ ପ୍ରତିନିଧି କହିଛନ୍ତି । କୌଣସି ଯାଞ୍ଚ ନକରି ଉତ୍କୋଚ ନେଇ ସେମାନଙ୍କୁ ଛାଡ଼ିଦେଇଚି ବୋଲି ଖାମାର ବଜାରରେ ଆଲୋଚନା ହେଉଛି । ପୋଲିସ ତରବରିଆ ଭାବେ ଆଇନର ଗଳାବାଟ ଖୋଜି ଖମାର ଥାନା ଠାରୁ ମାତ୍ର ୧କିମି ଦୂର୍ ଓଡ଼ଶ ଗ୍ରାମ ଓ ଆଖପାଖ ଗ୍ରାମରେ ଧାରାଯାଇଥିବା ଗାଡ଼ି ଗୁଡ଼ିକ ଖାଲି କରି ଛାଡି ଦେଇଥିଲା । ଯଦି ସେମାନେ କେନ୍ଦୁଝରରେ ଅନ୍ ଲୋଡ କରିଥାନ୍ତେ ତାହେଲେ ହୁଏତ ଖମାର ପୋଲିସ ଉପରେ ରାଜସ୍ୱ ଦେୟ ପ୍ରଜାଙ୍କ ଆସ୍ଥା ହେଇଥାନ୍ତା । ପୋଲିସର ଏହି କଳା କାରନାମା ପରେ ସାଧାରଣରେ ସେହି ୨୨ତାରିଖର ଖମାର ଓ ପରଜଙ୍ଗ ଟୋଲ ଗେଟ୍ ସିସି ଫୁଟେଜ ଯିବା ଆସିବା ସମୟକୁ ଓ କୁଲେଇ ନଦୀ ଘାଟରୁ ବାଲି ଚାଲାଣ ଘାଟକୁ ଖୋଦ୍ ଢେଙ୍କାନାଳ ଓ ଅନୁଗୁଳ ଏସପି କିମ୍ବା ଭିଜିଲାନ୍ସ ତଦନ୍ତ କରିବାକୁ ସାଧାରଣରେ ଦାବି ହେଇଛି ।

# ସତ୍ୟସାଇ ବାବାଙ୍କ ଶହେତମ ଜନ୍ମଜୟନ୍ତୀ



ତାଳଚେର,(ସବ୍ୟୁ) : ତିନିଦିନ ବ୍ୟାପି ତାଳଚେର ଜଗନ୍ନାଥମନ୍ଦିର ପରିସରରେ ସତ୍ୟସାଇ ବାବା ସମିତି ପକ୍ଷରୁ ଶହେତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସତ୍ୟସାଇ ସେବାସମିତି ତାଳଚେର ପକ୍ଷରୁ ବାବାଙ୍କ ଜନ୍ମଦିନକୁ ବିଭନ୍ନ ଢ଼ଙ୍ଗରେ ପାଳନ କରିଥିଲେ। ପ୍ରାତଃ ସମୟରୁ ଓଁକାରମ୍, ସୁପ୍ରଭାତ ଓ ବାବା ସତ୍ୟସାଇ ପାଲିଙ୍କି ଶୋଭାଯାତ୍ରା ମନ୍ଦିରୁ ବାହାରି ନଗର ସଂକିର୍ତନ କରାଯାଇ ସହର ପରିକ୍ରମା କରାଯାଇଥିଲା। ପରେ ସତ୍ୟସାଇ ବାବାଙ୍କ ଫଟୋଚିତ୍ରରେ ସତ୍ୟସାଇ ଷୋଳଶ ଉପଚାର, ଆଳତୀ ଓ ଏହାପରେ ନାରାୟଣ ସେବା କରାଯାଇଥିଲା। ସମିତି ପକ୍ଷରୁ ଲୋକଙ୍କୁ ପ୍ରସାଦ ସେବନ କମ୍ବଳ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଶହେତମ ଜନ୍ମଜୟନ୍ତୀ ଉପଲକ୍ଷେ ମନ୍ଦିର ପରିସରରେ ୧୦୦ଟି ଦୀପ ପ୍ରଜ୍ୱଳନ କରାଯାଇ ଦେବପାଠ ଓ ଭଜନ ପରିବେଷଣ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ବାବାଙ୍କ ଆଶିର୍ବାଦ ଭିକ୍ଷା ଗ୍ରହଣ କରିଥିଲେ। ସମିତିର ଆବାହକ କମଳଲୋଚନ ପତିଙ୍କ ତତ୍ତ୍ୱାବଧାନରେ ସମିତି ଅନୁଗୋଳ ଶାଖାର ଜିଲ୍ଲା ସଭାପତି ଦୁର୍ଗାପ୍ରସନ୍ନ ରଥ, ପଙ୍କଜ ଲୋଚନ ପତି, କୈଳାସ ଚନ୍ଦ୍ର ମହେଶ୍ୱର ମହାରଣା, ସାହୁ, ସାମ୍ବାଦିକ ଅକ୍ଷୟ ମହାରଣା, ସୁଚିତ୍ରା ସାହୁ ଓ ସାଇସେବା ସମିତିର ସମସ୍ତ କାର୍ଯ୍ୟକର୍ତାମାନେ ସାହାଯ୍ୟ ସହଯୋଗର ହାତ ବଢ଼ାଇଥିଲେ।

# ପ୍ରଶାନ୍ତ ଦାସଙ୍କ ପ୍ରଚ୍ଛଦ କବିତା ପୁସ୍ତକ ଲୋକାର୍ପିତ



ବାଲେଶ୍ୱର,(ସବ୍ୟୁ):କବି ପ୍ରଶାନ୍ତ ଦାସଙ୍କ କବିତା ପୁସ୍ତକ ପ୍ରଚ୍ଛଦ କବିତାର ଅର୍ପଣ ଉତ୍ସବ ସ୍ଥାନୀୟ ଆତିଥ୍ୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ୨୬ ଜଣ ପ୍ରତିଷ୍ଠିତ ଲେଖକଙ୍କ ପ୍ରକାଶିତ ପୁସ୍ତକ ଓ ପ୍ରଚ୍ଛଦକୁ ନେଇ ଲିଖିତ ଏହି ପୁସ୍ତକ ସହ ଏହାର ପ୍ରଚ୍ଛଦ କବିତା ପର୍ବକୁ ପିଏସ୍ବଇର ଆସୋସିଏଟ୍ ଡାଇରେକ୍ଟର ଡ. ହିମାଂଶୁ ପଣ୍ଡା ଉଦ୍ଘାଟନ କରିଥିଲେ। କବିଟିଏ ନିଜ କବିତାକୁ ଏକାଧିକବାର ପଢ଼ିଥାଏ, ଲେଖିଥାଏ। କବିମାନେ ହିଁ ମାନବ ସମାଜ ପାଇଁ ବୌଦ୍ଧିକ ବିଚାର ସାଇତି ରଖିଥାନ୍ତି ବୋଲି ଡ. ପଣ୍ଡା କହିଥିଲେ। ପ୍ରଚ୍ଛଦ କବିତା କବିଙ୍କ କଳ୍ପନା ଓ ଭାବନାର ଏକ ସୁନ୍ଦର ପରିପ୍ରକାଶ। ଏହି କବିତାଗୁଡ଼ିକ ନିଶ୍ଚୟ ପାଠକଙ୍କ ମନକୁ ଛୁଇଁବ ବୋଲି କଥାକାର ଗଙ୍ଗାଧର ବିଶ୍ୱାଳ କହିଥିଲେ । ପାଠକମାନେ ହିଁ କବିଙ୍କ ସୃଷ୍ଟିର ନିରପେକ୍ଷ ବିଚାରକ । ସବୁ ଦୃଷ୍ଟି କୋଣରୁ ଏହି ପୁସ୍ତକ ସମସ୍ତଙ୍କ ହୃଦୟକୁ ଛୁଇଁବ ବୋଲି ବରିଷ୍ଠ ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକ ଆଶାବ୍ୟକ୍ତ କରିଥିଲେ । ଏହି ଉତ୍ସବରେ କବି ଦାସଙ୍କ ପ୍ରଥମ କବିତା ପୁସ୍ତକ ଜରି ଗୋଟାଇବା ଝିଅ ଓ ଗଳ୍ପପୁସ୍ତକ ନୀଳମଣିଷର ପ୍ରଚ୍ଛଦ ଶିଳ୍ପୀ କେଶୁ ଦାସଙ୍କୁ ପ୍ରଚ୍ଛଦ କବିତା ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସାମ୍ବାଦିକ ଡ. ଜଗନାଥ ଖଟୁଆ କବିତା ସମ୍ପର୍କରେ ସୂଚନା ରଖିଥିଲେ । ଅନ୍ୟତମ ଅତିଥିଭାବେ କବି ଶ୍ରୀ ଦାସଙ୍କ ବଡ଼ ଭାଇ ସନ୍ତୋଷ ଦାସ ଉପସ୍ଥିତ ଥିଲେ । ଆବାହକ ବିପ୍ଳବ ଦାସ ମହାପାତ୍ର, ରାଜେଶ ଗିରି ଉତ୍ସବ କଥା ରଖିଥିବାବେଳେ କବି ମଧୁସୂଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଚ୍ଛଦ କବିତା ପୁସ୍ତକରେ ସ୍ଥାନିତ କବିତାଗୁଡ଼ିକ ଦୀପ୍ତି ଦାସ, ଗଙ୍ଗାଧର ବିଶ୍ୱାଳ, କୃଷ୍ଣ କୁମାର ମହାନ୍ତି, ଶ୍ରୀଦେବ, ସମରେନ୍ଦ୍ର ନାଥ ମହାପାତ୍ର, ଡ. ରାଧାରଞ୍ଜନ ପଟ୍ଟନାୟକ, ଉଦୟ ନାରାୟଣ ଦାସ, ସୈରିନ୍ଦ୍ରୀ ସାହୁ, ଡ. ହରିଶ୍ଚନ୍ଦ୍ର ବେହେରା, ନିବାରଣ ଜେନା, ସିତାଂଶୁ ଲେଙ୍କା, ଅଭୟ ଦାସ, ରଞ୍ଜନ ବାଗ, ଡ. ଦେବାଶିଷ ପାତ୍ର, ଉତ୍ପଳ ମହାନ୍ତି, ଡ. ଶୁଭଶ୍ରୀ ଲେଙ୍କା, ଜ୍ୟୋସ୍ନା ବିଶ୍ୱାଳ, ସତ୍ୟ ସାହୁ, ପ୍ରୀତିଲେଖା ଦାସ, ଶୁଭେନ୍ଦୁ ଦାସ, କ୍ଷୀରୋଦ ବିହାରୀ ବିଶ୍ୱାଳ, ଡ. ସନ୍ତୋଷ ନାୟକ, ସଞ୍ଜୟ ପଣ୍ଡା ,ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ପ୍ରଶାନ୍ତ ଦାସଙ୍କ ପ୍ରକାଶିତ ପୁସ୍ତକ ,ପ୍ରଚ୍ଛଦ ଉପରେ କବି ଦାସଙ୍କ ଦ୍ୱାରା ଲେଖା ହୋଇଛି ।

# ମୁଖ୍ୟମନ୍ତ୍ରୀଙ୍କୁ ବିପୁଳ ସମ୍ବର୍ଦ୍ଧନା

## ଖଣି ଲୁଟିଥିବା ବେପାରୀ ଓ ଅଧିକାରୀଙ୍କୁ ଜେଲ : ମୁଖ୍ୟମନ୍ତ୍ରୀ



କେନ୍ଦୁଝର (ଜିପ୍ର): କେନ୍ଦୁଝର ଜିଲ୍ଲା ଆଜି ସଙ୍କଟରେ ଥିବା ବେଳେ କେନ୍ଦୁଝରର ଅସ୍ମିତା ମଧ୍ୟ ସଙ୍କଟରେ ରହିଛି। କେନ୍ଦୁଝରକୁ ଲୁଟ କରିଥିବା ଅଣ ଓଡ଼ିଆ, ଅଣ କେନ୍ଦୁଝରିଆ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ମୋହନ ସରକାର ଛାଡିବେ ନାହିଁ । ସେମାନଙ୍କ ପାଇଁ ଝାରପଡା ଓ କେନ୍ଦୁଝର ଜେଲ ପ୍ରସ୍ତୁତ ହୋଇ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।କେନ୍ଦୁଝରର ପୁଅ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଦୁଇଦିନିଆ କେନ୍ଦୁଝର ଗସ୍ତରେ ଆସି ପହଞ୍ଚିଛନ୍ତି। ହଳିକପୁର ଯୋଗେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆସି ଆନନ୍ଦପୁର ଓ ପରେ ନିଜ ଗ୍ରାମ ରାଇକଳାରେ ଏକ ଫୁଟବଲ ପ୍ରତିଯୋଗିତା ଉଦଯାପନୀ ଉତ୍ସବରେ ଯୋଗ ଦେଇଥିଲେ । ରାତି ପ୍ରାୟ ୯ଟାରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରରେ ପହଞ୍ଚିଥିଲେ। ହଜାର ହଜାର ସମର୍ଥକ ତାଙ୍କୁ ମାଧପୁର ଠାରୁ ବିଶାଳ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ ହୋଇଥିଲା। ନୂଆପଡା ଉପ ନିର୍ବାଚନ ରେ ବିଜେପିର ବିଜୟ ପାଇଁ ମଙ୍ଗ ଧରିଥିବା ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରୁ ବିଜୟ ଏକତରଫା ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ହଜାର ହଜାର କେନ୍ଦୁଝରବାସୀ ଓ ବିଭିନ୍ନ ସଙ୍ଗଠନ ଉପସ୍ଥିତ ରହି ଶ୍ରୀ ମାଝୀଙ୍କୁ ଫୁଲତୋଡ଼ା ପ୍ରଦାନ କରିବା ସହ ଅଭିନନ୍ଦନ ଜଣାଇଥିଲେ।ସମ୍ବର୍ଦ୍ଧନା ସଭାରେ ଶ୍ରୀ ମାଝୀ କହିଲେ ଖଣି, ପାଣି ଓ ବୈତରଣୀର କେନ୍ଦୁଝର ଆଉ ଗରିବ ହୋଇ ରହି ନାହିଁ। କେନ୍ଦୁଝରର ସାମଗ୍ରିକ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । କେନ୍ଦୁଝରକୁ ଦେଶରେ ଏକ ନମ୍ବର ଜିଲ୍ଲା କରି ଗଢି ତୋଳିବୁ। କେନ୍ଦୁଝରକୁ ସୁନାର କେନ୍ଦୁଝର ଓ ସ୍ମାର୍ଟ କେନ୍ଦୁଝରରେ ପରିଣତ କରାଯିବ। ରାଜ୍ୟର ଦୁର୍ନୀତିଗ୍ରସ୍ତ ସରକାରର ପତନ ହେବା ପାଇଁ ଲୋକେ ନିଷ୍ପତ୍ତି ନେଇ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଡ଼ବଲ ଇଞ୍ଜିନ ସରକାର ଗଠନ ହୋଇଛି। କେନ୍ଦୁଝରର ଜଣେ ଆଦିବାସୀ ଲୋକଙ୍କୁ ରାଜ୍ୟର ନେତୃତ୍ୱ ନେବା ପାଇଁ ଆପଣମାନେ ଆଶୀର୍ବାଦ କରିଛନ୍ତି। ଆପଣଙ୍କ ଆଶୀର୍ବାଦକୁ ମୁଁ ଉଚିତ ସମ୍ମାନ ନିଶ୍ଚିତ ଦେବି।ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ଓ ଶପଥ ଗ୍ରହଣର ଏକଘଣ୍ଟା ମଧ୍ୟରେ କ୍ୟାବିନେଟ ନିଷ୍ପତ୍ତି କ୍ରମେ ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନାରେ ଭାଉଚର ପ୍ରଦାନ କରାଯାଇଛି। ବିଗତ ଦଶ ବର୍ଷରେ ଚାଷୀଙ୍କୁ ୧୦୦ ଟଙ୍କା ବୋନସ ବିଗତ ସରକାର ଦେଇ ପାରିନଥିବା ବେଳେ ମୋହନ ସରକାର ଚାଷୀଙ୍କ ଠାରୁ ୩୧୦୦ ଟଙ୍କାରେ କୁଇଣ୍ଟାଲ ପିଛା ଧାନ କ୍ରୟ କରିଛନ୍ତି।

# ବାଲ ବୈଜ୍ଞାନିକ ପ୍ରଦର୍ଶନୀ : ପ୍ରଦର୍ଶିତ ହେଲା ୧୨୮ ପ୍ରକଳ୍ପ

ମୋରଡା,(ସବ୍ୟୁ): ମୋରଡା ଗୋଷ୍ଠୀ ଶିକ୍ଷା ଅଧୀନ ମୋରଡା ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରଦର୍ଶନୀର ଉଦଘାଟନୀ ଉତ୍ସବ ମୋରଡା ବିଇଓ ବିଜୟ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ସ୍ୱତନ୍ତ୍ର ଅତିଥି ଭାବେ ଉତ୍ତର ଓଡିଶା କୋଳର ଉଚ୍ଚ ଶିକ୍ଷା ବିଭାଗ ଡେପୁଟି ଡାଇରେକ୍ଟର ହରେକୃଷ୍ଣ ପ୍ରଧାନ,ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷାଧିକାରୀ ଗୌତମ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ମୋରଡା ବିଆରସିସି ପୃଥ୍ୱୀନାଥ ବାସ୍କେ,ମୋରଡା ଏବିଇଓ ପାଲୁ ହାଁସଦା, ପୂର୍ବତନ ଡିଏସଏସ ଜଗନାଥ ସାହୁ, ଏସଏମସି ସଭାପତି ଚିତ୍ତ କୁମାର ମାହାନା, ସରପଞ୍ଚ ରବି ସିଂ,ଏଚ୍ଏସି ଶିକ୍ଷକ ସଙ୍ଘର ସଭାପତି ସୂର୍ଯ୍ୟକାନ୍ତ ସେଠୀ, ସାନମୁଣ୍ଡାଦଶ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିକୃଷ୍ଣ ପାତ୍ର, ମୋରଡା ବ୍ଲକ ସାଉନ୍ଡ ଭୋଲ୍ୟୁଣ୍ଟିୟର ପ୍ରାର୍ଥନା ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ପ୍ରଦର୍ଶନୀରେ ମୋଟ ୧୨୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ମୋରଡା ଆଦର୍ଶ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ର ସିଦ୍ଧିବିନାୟକ ମାହାନାଙ୍କ ସୋଲାର ସ୍ମାର୍ଟ ସିଟି ଡ୍ରାଇଭିଙ୍ଗ ମୋଡେଲ ଏବଂ ହଳଦୀପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ର ଜୀବନଜ୍ୟୋତି ସେନାପତିଙ୍କ ମୃତ୍ତିକା ବିହୀନ ଚାଷ ଆଦୃତ ହୋଇଥିଲା । ଉଦଯାପନୀ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପିଥନାଥ ସୋରେନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଉପଜିଲାପାଳ ଦୟାସିନ୍ଧୁ ପରିଡା ସମ୍ମାନିତ ଅତିଥିଭାବେ ମୋରଡା ବିଧାୟକ ଡ଼ା ନରେନ୍ଦ୍ର କୁମାର ଭଞ୍ଜ ପ୍ରତିନିଧି ପ୍ରଦୀପ ମହାନ୍ତି,ମୋରଡା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ସଂଗ୍ରାମ କେଶରୀ ପାତ୍ର, ଏବିଇଓ ଲକ୍ଷ୍ମୀଧର ମହାନ୍ତ, ପୁରଲାଧର ବାରିକ, ରବିକାନ୍ତ ସାହୁ,ସିଆରସିସି ଅମିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବିଭିନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟତ୍ରୀ ମାନେ ସହଯୋଗ କରିଥିଲେ ।

# ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ଫାଟକରେ ତାଲା

କେନ୍ଦୁଝର, (ଜିପ୍ର): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଡ଼ଥିର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟାକୁ ନେଇ ବିଦ୍ୟାଳୟ ଫାଟକରେ ସୋମବାର ତାଲା ପଡଛି । ଫଳରେ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ବିଦ୍ୟାଳୟ ବାହାରେ ଫାଟକ ସମ୍ମୁଖରେ ତଳେ ବସିଛନ୍ତି । ଅସନ୍ତୋଷ ଏବଂ ଉତ୍ତେଜନା ପ୍ରକାଶ ପାଇଛି । ଏ ବାବଦରେ ହାଟଡିହୀ ବିଇଓ ରାଜୀବ ଦଳେଇଙ୍କୁ ପଚାରିବାରୁ ଏପରି ଘଟଣା ସମ୍ପର୍କରେ ସେ ଜାଣି ନାହାଁନ୍ତି ବି କେହି ତାଙ୍କୁ ଜଣେଇ ନାହାଁନ୍ତି ବୋଲି କହିଛନ୍ତି । ତେବେ ଶିକ୍ଷକ ଅଭାବକୁ ନେଇ ବିଦ୍ୟାଳୟ ଫାଟକରେ ତାଲା ପଡିବା, ଛାତ୍ରୀଛାତ୍ରମାନେ ବାହାରେ ଖୋଲା ଆକାଶ ତଳେ ବସିବା ସମ୍ପର୍କରେ ଖୋଦ ବିଇଓ ଜାଣି ନ ପାରିବା ତାଙ୍କର ଦାୟିତ୍ୱ ଏବଂ କାର୍ଯ୍ୟ ଦକ୍ଷତାକୁ ପଦାରେ ପକାଇଛି। ଭାତ ହାଣ୍ଡିରୁ ଗୋଟେ ଭାତ ଚିପିବା ପରି ଏହି ବ୍ଲକ ଅଞ୍ଚଳରେ ଶିକ୍ଷାଦାନ ବ୍ୟବସ୍ଥା କିପରି ଅଛି ତାହା ସହଜେ ଉକ୍ତ ଘଟଣାରୁ ଅନୁମାନ କରି ହେବ । ସୂଚନା ଯୋଗ୍ୟ, ଏହି ବିଦ୍ୟାଳୟରେ ମୋଟ ୮ଟି ଶ୍ରେଣୀ ଏବଂ ଶିଶୁ ବାଟିକା ଅଛି। ୨୧୪ ଜଣ ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରୁଛନ୍ତି ।ପୂର୍ବରୁ ଏଠାରେ ୯ ଜଣ ଶିକ୍ଷକ ଥିଲେ। ଏବେ ୪ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଫଳରେ ଶିକ୍ଷାଦାନ ଠିକ ଭାବେ ହୋଇ ପାରୁନି। ଫଳରେ ଅଭିଭାବକ ଏବଂ ଗ୍ରାମବାସୀ ମାନେ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଛନ୍ତି।

# କଂଗ୍ରେସର ପାରିଷଦଙ୍କ ଗଣଧାରଣା

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ପୌରପାଳିକାର କାର୍ଯ୍ୟାଳୟ ଆଗରେ କଂଗ୍ରେସର ପାରିଷଦମାନଙ୍କର ଗଣଧାରଣା ଦେଇଥିଲେ। ଅଭିଯୋଗ ଥିଲା ପୌରପାଳିକାର ଅନିୟମିତତା ଓ ଏକଛତ୍ରବାଦ ଶାସନ ବିରୋଧରେ ଗଣଧାରଣା। ଏହି ଗଣଧାରଣାରେ ଭକ୍ତରଞ୍ଜନ ପଟ୍ଟନାୟକ,କାର୍ତ୍ତିକ ଖିଲାର,ସନ୍ତୋଷ ସାହୁ,ସୁନୀଲ ପାତ୍ର,ମଧୁସ୍ମିତା ସେଠୀ,ଆସନା ବିବି ବସିଥିଲେ। ଆହାର କେନ୍ଦ୍ର ସ୍ୱଚ୍ଛ ସହାୟକ ଗୋଷ୍ଠୀକୁ ବଦଳାଇ ଦାବୀ କରିଥିଲେ। କିଛି ପାରିଷଦମାନେ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁଙ୍କ ସହିତ ଆଲୋଚନା ପରେ ଉକ୍ତ ଧାରଣାକୁ ପ୍ରତ୍ୟାହାର କରିଥିଲେ। ଏହି ଧାରଣାରେ ବିଜୟ କୁମାର ମହାନ୍ତି,ସୁଶାନ୍ତ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ଥିଲେ।

# ସୁରକ୍ଷା ମାଗିବା ସହ ଥାନାରେ ଅଭିଯୋଗ ପଞ୍ଚାୟତ ସମିତି ଅଧ୍ୟକ୍ଷା

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ ବିଜେଡିରେ ଯୋଗଦାନ କରିବାକୁ ଦରଖାସ୍ତ କରିଥିବାରୁ ତାଙ୍କୁ ଘର ଉପରେ ପଥର ମାଡ କରାଯିବା ସହ ଧମକ ଦିଆଯାଇଥିବା ଅଭିଯୋଗ ରବିବାର ହୋଇଛି। ଅଭିଯୋଗ ଅନୁଯାୟୀ ବିଜେଡିରେ ଯୋଗଦାନ ପାଇଁ ଶ୍ରୀମତୀ ସେଠୀ ଦରଖାସ୍ତ କରିଥିଲେ। ଏହାପାଇଁ ଗତ ୨/୩ ଦିନ ହେବ ବିଜେଡ଼ିର କେତେକ ନେତା ତାଙ୍କୁ ଦଳ ନଛାଡିବା ପାଇଁ ବାଧ କରି ଆସୁଛନ୍ତି। ଏହାକୁ ପ୍ରତ୍ୟାଖ୍ୟାନ କରିବାରୁ ଗତ ଶନିବାର ରାତ୍ରରେ କେତେକ ଅସାମାଜିକ ଲୋକ ତାଙ୍କ ଘରକୁ ପଥର ମାଡ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏପରିକି ଦଳ ଛାଡିଲେ ଜୀବନରୁ ମାରି ଦିଆଯିବ ବୋଲି ଧମକ ଦେଇଥିଲେ ବୋଲି ଅଧ୍ୟକ୍ଷା ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗରେ କୌଣସି ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରାଯାଇ ନଥିବା ଜଣାଯାଇଛି। ଅଧ୍ୟକ୍ଷା ଓ ତାଙ୍କ ପରିବାରଙ୍କୁ ସୁରକ୍ଷା ପାଇଁ ଅଭିଯୋଗରେ ପୁଲିସକୁ ଅନୁରୋଧ କରାଯାଇଛି। ମାତ୍ର ଏହି ଅଭିଯୋଗ ଅନୁଯାୟୀ ମାମଲା ରୁଜୁ ହେବା ନେଇ କୌଣସି ନିଷ୍ପତ୍ତି ହୋଇନାହିଁ ବୋଲି ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ ମତ ଦେଇଛନ୍ତି। ବିଜେଡି ପକ୍ଷରୁ ସୋମବାର ଗଣମାଧ୍ୟମକୁ ସୂଚନା ଦିଆଯାଇ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ଦଳ ପରିତ୍ୟାଗ ନକରିବାକୁ ଅପିଲ କରାଯାଇଛି। ଏଭଳି ଅଭିଯୋଗକୁ ପ୍ରାୟୋଜିତ ଓ ମିଥ୍ୟା ବୋଲି ବିଜେଡି ପକ୍ଷରୁ ଦର୍ଶାଯାଇଛି। ସମ୍ପ୍ରତି ଚାଲିଥିବା ମିଶ୍ରଣ ପ୍ରସ୍ତୁତି ଘଟଣା ପରିପ୍ରେକ୍ଷୀରେ ଏହି ଅଭିଯୋଗ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି।

# ଓଭର ଲୋଡ୍ ଟ୍ରକ୍‌କୁ ଜବତ କଲେ ଜିଲ୍ଲାପାଳ

ନୀଳଗିରି,(ସବ୍ୟୁ): ସ୍ଥାନୀୟ ରାଜସ୍ୱ ବିଭାଗ ଯେଉଁ କାମ କରୁନଥିଲେ ରବିବାର ଦିନ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସେହି କାର୍ଯ୍ୟ କରି ଦେଖାଇଛନ୍ତି। ଜିଲ୍ଲାପାଳ ପଞ୍ଚଲିଙ୍ଗେଶ୍ୱର ରାସ୍ତାରେ ଯାଉଥିବା ବେଳେ ମିରିଗିଣି ନିକଟରେ ଦୁଇଟି ୧୨ଚକିଆ ଟ୍ରକକୁ ଓଭର୍ ଲୋଡ୍ କରିଥିବା ଦେଖି ଖବର ଦେବାରୁ ପୋଲିସ ଦୁଇଟି ଗାଡ଼ିକୁ ଜବତ କରି ନିଳଗିରି ଥାନାକୁ ଆଣିଛନ୍ତି। ସନ୍ଧ୍ୟାରେ ବାଲେଶ୍ୱର ଆର୍ ଟି ଓ ।ନାରେ ପହଞ୍ଚି ଟ୍ରକ ଦୁଇଟିର କାଗଜପତ୍ର ଯାଞ୍ଚ କରିଛନ୍ତି। ଓଭର ଲୋଡ୍ ପାଇଁ ଜୋରିମାନା ହୋଇଥିବାର ଜଣାପଡିଛି। ।

# ରାସ୍ତା ପାର୍ଶ୍ୱରୁ ପଟ୍ଟାମିସ୍ତ୍ରୀଙ୍କ ମୃତଦେହ ଜବତ

ବେତନଟୀ, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବାରିପଦାଚିତ୍ରଡା ରାଜ୍ୟରାଜପଥର ଭାଲିଆଡିହା ଠାରେ ରାସ୍ତା ପାର୍ଶ୍ୱରୁ ଜନୈକ ପଟ୍ଟାମିସ୍ତ୍ରୀଙ୍କ ମୃତଦେହ ଜବତକରି ତଦନ୍ତ ଆରମ୍ଭ କଲା ବେତନଟୀ ପୁଲିସ । ମୃତ ପଟ୍ଟାମିସ୍ତ୍ରୀ ଜଣକ ହେଉଛନ୍ତି ବାରିପଦା ସଦରଥାନା ଅଧୀନ ହେଁସେଲଡିହି ଗ୍ରାମର ମଙ୍ଗଲ ହେମ୍ବ୍ରର ପୁଅ କାଲାମିସ୍ତ୍ରୀ ଓରଫ କାଲା ହେମ୍ବ୍ରମ (୪୫) । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ମୁତାବକ କାଲା ରବିବାର ସକାଳେ ଭାଲିଆଡିହା କଲରାଫୁଲିଆ ମଝିରେ ବାରିପଦା– ଚିତ୍ରଡା ରାଜ୍ୟରାଜପଥ ପାର୍ଶରେ ବିଚରଣ କରୁଥିଲା । ଏହାପରେ ରାସ୍ତା ପାର୍ଶ୍ୱରେ କିଛି ସମୟ ବସିଥିବାର ମଧ୍ୟ ଲୋକେ ଦେଖୁଥିଲେ । ତେବେ ରାସ୍ତ ପାର୍ଶରେ କାଲା ଶୋଇ ରହିଥିବା ବେଳେ ଘଣ୍ଟାଘଣ୍ଟା ଧରି ନିଶ୍ଚଳ ହୋଇ ପଡିରହିଥିବାର ଦେଖି ସ୍ଥାନୀୟଲୋକଙ୍କ ମନରେ ସନ୍ଦେହ ହୋଇଥିଲା ପାଖକୁଯିବାପରେ କାଲାର ନିଃଶ୍ୱାସ ପ୍ରଶାସ ବନ୍ଦ ହୋଇଯାଇଥିବା ଏବଂ ମୁହଁରେ ପୋକମାଛି ବସିଥିବାର ଦେଖି ବେତନଟୀ ପୁଲିସକୁ ଖବର ଦେଇଥିଲେ। ଖବରପାଇ ବଡଜାମବଣି ଫାଣ୍ଡିଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ପାର୍ଶରେ ନିଶ୍ଚଳହୋଇ ପଡି ରହିଥିବା କାଲା ହେମ୍ବ୍ରମକୁ ଉଦ୍ଧାରକରି ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ସୁଦ୍ଧା ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ତଦନ୍ତକାରୀ ଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ବେଳେ ରବିବାର ବିଳମ୍ବ ହୋଇଯାଇଥିବାରୁ ସୋମବାର ଶବବ୍ୟବଚ୍ଛେଦ ହେବାନେଇ ତଦନ୍ତକାରୀ ଅଧିକାରୀ ଏଏସଆଇ ଶ୍ରୀଯୁକ୍ତ ମହାନ୍ତ ସୂଚନା ଦେଇଛନ୍ତି।

# ୱାରେଣ୍ଟି ଗିରଫ

ସୋର, (ସବ୍ୟୁ): ସୋର ବ୍ଲକ କେଦାରପୁର ପଞ୍ଚାୟତ କେଦାରପୁର ଗ୍ରାମର ଜଣେ ୱାରେଣ୍ଟିକୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। କେଦାରପୁର ଗ୍ରାମର ସନ୍ତୋଷ ପାତ୍ରଙ୍କ ନାମରେ ଟଙ୍କା ଠକେଇ ଅଭିଯୋଗରେ ସୋର ଜେଏମଏଫସି କୋର୍ଟରୁ ୫ ଟି ୱାରେଣ୍ଟ ଏବଂ ନୀଳଗିରି କୋର୍ଟରୁ ଦୁଇଟି ୱାରେଣ୍ଟ ସୋର ଥାନାକୁ ଆସିଥିଲା। ଫଳରେ ପୁଲିସ ୱାରେଣ୍ଟ ପାଇବା ପରେ ରବିବାର ମଧ୍ୟାହ୍ନରେ ସନ୍ତୋଷକୁ ଗିରଫ କରିଥିଲା। ।

# ଉପଖଣ୍ଡସ୍ତରୀୟ ଶିଶୁ ଉତ୍ସବ ସର୍ଗିଫୁଲ



କୁଳିଅଣା ,(ସବ୍ୟୁ): ମୟୁରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକ ଆସନଯୋଡ଼ା ପି ଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଉପଖଣ୍ଡ ସ୍ତରୀୟ ସର୍ଗି ଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୟୁରଭଞ୍ଜ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବାରିପଦା ଅତିରିକ୍ତ ଜିଲ୍ଲାପାଳ ଦୁଃଖ ବନ୍ଧୁ ନାୟକ, ସମ୍ମାନୀତ ଅତିଥି ଭାବେ କୁଳିଅଣା ବିଡ଼ିଓ ଜିତେନ୍ଦ୍ର ମୁର୍ମୁ, କୁଳିଅଣା ବିଇଓ ରଶ୍ମି ରଞ୍ଜନ ଗିରି , ବାରିପଦା ସଦର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠି, ପ୍ରଧାନ ଶିକ୍ଷକ ରଜତ କୁମାର ସାହୁ ମଂଚାସୀନ ହୋଇ ପିଲାମାନଙ୍କ ଲୁକାୟିତ ପ୍ରତିଭାକୁ ସର୍ଗିଫୁଲ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଲୋଚନକୁ ଆଣିବାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତ ବ୍ୟକ୍ତ କରିବା ସହ ସର୍ଗିଫୁଲ ଉତ୍ସବ ଓ ଭଲିବଲ ପତିଯୋଗିତା ଉଦଘାଟନ କରିଥିଲେ । ସେହି ପରି ସନ୍ଧ୍ୟାରେ ଉଦଯାପନୀ ଉତ୍ସବ କାର୍ଯ୍ୟକ୍ରମରେ ବାରିପଦା ସଦର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକାର୍ଯ୍ୟ ରେ ମୁଖ୍ୟ ଅତିଥି ବାରିପଦା ବିଧାୟକ ପ୍ରକାଶ ସୋରେନ ,ମୁଖ୍ୟ ବକ୍ତା ବାରିପଦା ଉପ ଜିଲ୍ଲାପାଳ ଦୟା ସିନ୍ଧୁ ପରିଡା , ସମ୍ମାନୀତ ଅତିଥି ଭାବେ ଏ ଡ଼ି ଡବ୍ଲୁ .ଓ. ମୟୁରଭଞ୍ଜ ଅଜୟ କୁମାର ଜେନା ପ୍ରଧାନ ଶିକ୍ଷକ ରଜତ କୁମାର ସାହୁ ମଞ୍ଚାସିନ ଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଅଂଶଗ୍ରହଣ କରି ଥିବା ବରିଷ୍ଠ ଓ କନିଷ୍ଠ ଛାତ୍ର ଛାତ୍ରୀମାନେ ନୃତ୍ୟ,ଗୀତ, ବିତର୍କ , ଚିତ୍ରାଙ୍କନ ,ସୁଜନ ଶିଳ ଲିଖନ, ଏକକ ଅଭିନୟ ଆଦି ୨୦ ଟି ପ୍ରତିଯୋଗିତା ରେ ଅଂଶଗ୍ରହଣ କରି ପ୍ରଥମ ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଥିବା ୬୦ ଜଣ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇ ଥିଲା । ଭଲିବଲ ପ୍ରତିଯୋଗିତା ରେ ବାଳକ ବିଭାଗରୁ ନଳଗୋଜା ହାଇସ୍କୁଲ ଓ ବାଳିକା ବିଭାଗରୁ କୁଜିଦିହୀ ବାଳିକା ଉଚ୍ଚ ବିଦ୍ୟାଳୟ କୁ ପୁରସ୍କୃତ କରାଯାଇଥିଲା ।

# ପଥର ବୋଝେଇ ଡମ୍ଫର ଜବତ

ସୋର, (ସବ୍ୟୁ): ସୋର ପୌର ପାଳିକା ଅନ୍ତର୍ଗତ ବରଫକଳ ଛକରୁ ଏକ ବେଆଇନ ପଥର ବୋଝେଇ ଡମ୍ଫରକୁ ଜବତ ହୋଇଛି । ରବିବାର ସନ୍ଧ୍ୟାରେ ସୋର ତହସିଲଦାର ଦୈତାରୀ ମଲ୍ଲିକ ବରଫକଳ ଛକରେ ବାଗୁଡ଼ି ପାହାଡରୁ ପଥର ବୋଝେଇ କରି ଆସୁଥିବା ଡମ୍ଫର ଗୁଡିକର କାଗଜପତ୍ର ଯାଞ୍ଚ କରୁଥିଲେ। ଏହି ସମୟରେ ଓଆର ୧୬ଡି ୬୧୫୫ ନମ୍ବର ବିଶିଷ୍ଟ ଡମ୍ଫର ବେଆଇନ ଭାବେ ପଥର ପରିବହନ କରୁଥିବା ଜାଣି ପାରି ଡମ୍ଫର ଟିକୁ ଜବତ କରି ସୋର ଥାନା ଜିମା ଦେଇଥିଲେ ।ଏହି ଚଢ଼ାଉ ହେଉଥିବା ଜାଣି ପାରି ଅନ୍ୟ ଗାଡି ଗୁଡିକ ରାସ୍ତା ବଦଳାଇ ଫେରାର ହୋଇଯାଇଥିଲେ।

# ତହସିଲଦାରଙ୍କ ଚଢ଼ାଉ ଜେସିବି ଜବତ

ସୋର,(ସବ୍ୟୁ):ସୋର ପୌର ପାଳିକା ଅନ୍ତର୍ଗତ ଟ୍ରେଜେରୀ କଲୋନୀରେ ବେଆଇନ ଭାବେ ପାହାଡ ମାଟିକୁ ଗଚ୍ଛିତ ରଖି ବ୍ୟବସାୟ କରୁଥିବା ବେଳେ ପ୍ରଶାସନ ପକ୍ଷରୁ ଛାଡ କରାଯାଇ ଏକ ଜେସିବିକୁ ଜବତ କରାଯାଇଛି। ସୋର ବ୍ଲକ ମହୁମୁହାଣ ପଞ୍ଚାୟତର ଖଞ୍ଜାମହାଲ ପଥର ଖାଦାନ ଦିର୍ଘ ଚାରିବର୍ଷରୁ ଅଧିକ ଦିନ ହେବ ସରକାରୀ ଭାବେ ବନ୍ଦ ହୋଇଛି। ମାତ୍ର ଦିନ ରାତି ସବୁ ସମୟରେ ଏଠାରେ ପଥର ଲୁଟ ଚାଲିଛି। ଏହି ପାହାଡରୁ ବାହାରୁ ଥିବା ପାହାଡ ମାଟିକୁ ମଧ୍ୟ ମାଫିଆ ମାନେ ଲୁଟି ନେଉଛନ୍ତି। ଏହି ପାହାଡ ମାଟିକୁ ଟ୍ରେଜେରୀ କଲୋନିରେ ଜଣେ ବ୍ୟକ୍ତି ବହୁ ମାତ୍ରାରେ ଗଚ୍ଛିତ ରଖି ବ୍ୟବସାୟ କରୁଥିବା ବେଳେ ସୋମବାର ମଧ୍ୟାହ୍ନରେ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ସୋର ତହସିଲଦାର ଚଢାଉ କରିଥିଲେ। ଛାଡ ହେଉଥିବା ଜାଣିପାରି ଟ୍ରାକ୍ଟର ଓ ଟ୍ରକ ଗୁଡିକ ଛତ୍ରଭଙ୍ଗ ଦେଇଥିବା ବେଳେ ଏକ ଜେସିବି ମେସିନକୁ ତହସିଲଦାର ଜବତ କରିଥିଲେ।

# ଚେନ୍ନାଇରେ ଛାତରୁ ଖସି ଦୁଇ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ସୋର, (ସବ୍ୟୁ): ଦୁଇ ଶ୍ରମିକ ସୁଦୂର ଚେନ୍ନାଇରେ ଦାଦନ ଖଟୁଥିବା ବେଳେ ଛାତରୁ ଖସି ପଡି ସୋର ଥାନା ଦାଣ୍ଡହରିପୁର ଗ୍ରାମର ଦୁଇ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦାଣ୍ଡ ହରିପୁର ଗ୍ରାମର ଶଶୀକାନ୍ତ ମଳିକ (୪୫), ବୀରେନ୍ଦ୍ର ମଳିକ (୩୫) ଏବଂ ଅରୁଣ ମଳିକ ଚେନାଇର ଏକ ସ୍କ୍ରାପ କମ୍ପାନୀରେ କାମ କରନ୍ତି। ଗତ ଶନିବାର ଦିନ ୩ ଜଣ ଯାକ ଏକ ବିଲଡିଂ ଉପରେ ଚଢି ବିଲଡିଂ ଭାଙ୍ଗୁଥିବା ବେଳେ ତିନି ମହଲାରୁ ଶଶୀକାନ୍ତ ଏବଂ ବୀରେନ୍ଦ୍ର ଅସାବଧାନତା ବଶତଃ ତଳକୁ ଖସି ପଡିଥିଲେ ଏବଂ ଅରୁଣ ସୌଭାଗ୍ୟ ବଶତଃ ଏକ ରଡ଼କୁ ଧରି ଝୁଲି ରହି ନିଜ ଜୀବନ ବଞ୍ଚାଇ ପାରିଥିଲେ। କିନ୍ତୁ ଶଶୀକାନ୍ତ ଏବଂ ବୀରେନ୍ଦ୍ର ତଳକୁ ଖସି ପଡିବା ପରେ ଉଭୟଙ୍କର ପ୍ରାଣବାୟୁ ଉଡିଯାଇଥିଲା। ସଙ୍ଗେ ସଙ୍ଗେ ଅନ୍ୟ ଶ୍ରମିକ ଏବଂ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଶୁଣିବା ପରେ ଉଭୟ ପରିବାରରେ ଶୋକର ଛାୟା ଖେଳି ଯାଇଥିଲା। ମେଡିକାଲରେ ଡାକ୍ତର ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପରେ ପରିବାର ଲୋକେ କମ୍ପାନୀ ମାଲିକଙ୍କ ସହାୟତାରେ ଆମ୍ବୁଲାନ୍ସରେ ଉଭୟଙ୍କ ମର ଶରୀରକୁ ଗ୍ରାମକୁ ଆଣିଥିଲେ। ସୋମବାର ଦିନ ଅପରାହ୍ନରେ ଉଭୟଙ୍କ ମର ଶରୀର ଗ୍ରାମରେ ପହଞ୍ଚିବା ପରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଥିଲା।ପରେ ଉଭୟଙ୍କ ମର ଶରୀରକୁ ଦୁଇଟି ସ୍ୱର୍ଗରଥରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ସମୟରେ ପଞ୍ଚାୟତର ସରପଞ୍ଚ ମୋନିକା ପରିଡା, ସମିତିସଭ୍ୟା ସାଇସ୍ମିତା ନାୟକଙ୍କ ସମେତ ଶତାଧିକ ଗ୍ରାମବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ପରିକ୍ରମା କରିବା ପରେ ଉଭୟଙ୍କ ଶବକୁ ଅନ୍ତିମ ସଂସ୍କାର କରାଯାଇଛି।

# ନର୍ଭେରମ ପାୱାର ଆଣ୍ଡ ଷ୍ଟିଲ କମ୍ପାନୀକୁ କଳିଙ୍ଗ ସୁରକ୍ଷା ସମ୍ମାନ

କେନ୍ଦୁଝର, (ସବ୍ୟୁ): କେନ୍ଦୁଝର ଜିଲ୍ଲାର ଯୋଡ଼ା ବ୍ଲକ ଅନ୍ତର୍ଗତ ଟୋନ୍ତ ଗ୍ରାମରେ ଅବସ୍ଥିତ ଏକ ଅଗ୍ରଣୀ ଶିଳ୍ପନୁଷ୍ଠାନ ନର୍ଭେରମ ପାଓର ଆଣ୍ଡ ଷ୍ଟିଲ କମ୍ପାନୀ ଦ୍ୱାରା ପରିଚାଳିତ ରୋଇଡ଼ା ୨ଲୁହାପଥର ଖଣିକୁ ପ୍ଲାଟିନମ ବର୍ଗରେ କଳିଙ୍ଗ ସୁରକ୍ଷା ସମ୍ମାନ୨୦୨୫ରେ ସମ୍ମାନୀତ କରାଯାଇଛି । ଭୁବନେଶ୍ୱର ସ୍ଥିତ ମେ ଫେୟାର ହୋଟେଲ ଠାରେ ଆଇକଇଏ ମଏସ ସଂସ୍ଥା ଦ୍ୱାରା ଗତ ୧୯ତାରିଖରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା ।କମ୍ପାନୀର ଉପସଭାପତି ସଦାନନ୍ଦ ରଣା ଏହି ସମ୍ମାନଗ୍ରହଣ କରିଥିଲେ । ଖଣି ଉପନିବନ୍ଧକ ସଞ୍ଜୟ କୁମାର ସାମଲ ଓ ମାନବ ସମ୍ବଳ ବିଭାଗର ସୌଭାଗ୍ୟ ବେହେରା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଏହି ପୁରସ୍କାର ପ୍ରଦାନ କରିଥିଲେ । ଦେଶର ପ୍ରାୟ ୧୨୦ଗୋଟି କମ୍ପାନୀ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

## ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପ୍ରତିଷ୍ଠା ଦିବସର ଉଦ୍‌ଯାପନୀ ସନ୍ଧ୍ୟା

# ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳଙ୍କ ନାଟକ ଗ୍ରନ୍ଥ ଉନ୍ମୋଚନ



ବାଲେଶ୍ୱର,(ସବ୍ୟୁ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ପାଞ୍ଚ ଦିନ ବ୍ୟାପୀ ଅନୁଷ୍ଠିତ ହୋଇ ଆସୁଥିବା ପ୍ରତିଷ୍ଠା ଦିବସର ଉଦ୍‌ଯାପନୀ ଉତ୍ସବ ସ୍ରଷ୍ଟା ନାଟ୍ୟାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପୌରୋହିତ୍ୟକରି ଅଭିନେତା ନିରଞ୍ଜନ ରାଉତ ୫ ଦିନ ଯାକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ଆକର୍ଷିତ କରିଆସିଥିବାରୁ ଏହାର ସଫଳତା ଆପେ ଆପେ ଜଣାପଡ଼ିଯାଉଛି ବୋଲି ସେ ବକ୍ତବ୍ୟ ରଖିଥିଲେ। ୫ ଦିନ ଯାକ କାର୍ଯ୍ୟକ୍ରମର ବିଷୟବସ୍ତୁକୁ ନେଇ ପ୍ରସ୍ତୁତ କରାଯାଇଥିବା ଏକ ସଂଗୀତକୁ କଲ୍ୟାଣୀ ନନ୍ଦ ଓ ଅର୍ଚ୍ଚନା କର ପରିବେଷଣ କରିଥିଲେ। ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳଙ୍କ ରଚିତ ଦୁଇ ଖଣ୍ଡ ନାଟକ ଗ୍ରନ୍ଥ ଆମେ ଆଧୁନିକ ଓ ମୃତ୍ୟୁ ପଥର ଯାତ୍ରୀକୁ ଉନ୍ମୋଚନକରି ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ସାମ୍ପ୍ରତିକ ସମୟରେ ରଚନା କରାଯାଉଥିବା ନାଟକ କିପରି ପ୍ରସ୍ତୁତ କରାଯାଉଛି ତାହାର ସୂଚନା ପ୍ରଦାନକରି କହିଥିଲେ। ନାଟ୍ୟକାର ଆଶିଷ୍ ଚକ୍ରବର୍ତ୍ତୀ ଦୀର୍ଘ ୫୦ ବର୍ଷ ଧରି ନାଟକ ସହିତ ତାଙ୍କର ସମ୍ପର୍କକୁ ବ୍ୟାଖ୍ୟା କରିବା ସଙ୍ଗେ ସଙ୍ଗେ ନାଟକ କେବଳ ରଚନା ମଧ୍ୟରେ ସୀମିତ ନରହି ମଞ୍ଚ, ଆଲୋକ, ଅଭିନୟ, ସଂଗୀତ ଏପରିକି ଶବ୍ଦ ଦ୍ୱାରା ନିଜକୁ ପ୍ରତିଷ୍ଠିତ କରିଥାଏ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଆଲୋଚକ ଡ. ଭାଗବତ ପ୍ରସାଦ ଦାସ ନାଟକୀୟ ଭାବରେ ତାଙ୍କର ଆଲୋଚନାକୁ ଦର୍ଶକମାନଙ୍କ ସମ୍ମୁଖରେ ପରିବେଷଣ କରିଥିଲେ। ସାଧାରଣ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ୫ଦିନ ବ୍ୟାପୀ କାର୍ଯ୍ୟକ୍ରମର ଧାରା ବିବରଣୀ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସ୍ୱାଧୀନତା ସଂଗ୍ରାମ ଓ ନିଶା ନିବାରଣକୁ ଭିତ୍ତିକରି ନାଟକ ରଚନା କରାଯାଇଥିବାରୁ ଆନନ୍ଦ ପ୍ରକାଶ କରିଥିଲେ। ଜ୍ଜୁମର ନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିବାବେଳେ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା –୨୦୨୫ ଉଦ୍‌ଯାପିତ



ଭଦ୍ରକ ,(ସବ୍ୟୁ): ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ତଥା ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି ।ମହୋତ୍ସବର ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସମାରୋହରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟ ଅତିଥି ଏବଂ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧୀରଞ୍ଜନ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଅଖିଳ ଭାରତୀୟ ଚିକିତ୍ସା ସଙ୍ଘ,ଓଡ଼ିଶା ସଭାପତି ଡା. ହରେକୃଷ୍ଣ ନାୟକ, ବରିଷ୍ଠ ଗୀତିକବି ସାଧୁ ଚରଣ ମହାପାତ୍ର, ରୋଟାରୀୟାନ ଅଧ୍ୟାପକ ଶେଖ ନାସିର ବକ୍ସ, ମହୋତ୍ସବର ଉପଦେଷ୍ଟା ଶିକ୍ଷାବିତ୍ ଗଗନ ବିହାରୀ ରାଉତ, ମନମୋହନ ସଂଗୀତ ପରିଷଦର ସମ୍ପାଦକ ତଥା ସଂଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ରବି ନାରାୟଣ ଖିଲାର ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ ସହ ଅତିଥି ପରିଚୟ, ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ସାଗତ ଭାଷଣ ଦେଇଥିଲେ ଏବଂ ଉପସଭାପତି ଡାକ୍ତର ଅନୀଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ଡା. ହରେକୃଷ୍ଣ ନାୟକଙ୍କୁ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା – ୨୦୨୫ ସମ୍ମାନ , ଗୀତିକବି ସାଧୁ ଚରଣ ମହାପାତ୍ର, କବି ଓ ସଂଗଠକ ନାରାୟଣ ଚନ୍ଦ୍ର ପାଢ଼ୀ ଏବଂ ସାହିତ୍ୟିକ ଓ କବି କୈଳାସ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଇରମ ମାଟିର ପ୍ରଖ୍ୟାତ ସାଧୀନତା ସଂଗ୍ରାମୀ କମଳା ପ୍ରସାଦ କରଙ୍କ ସ୍ମୃତିରେ ପ୍ରଦତ୍ତ 'ସଂଗ୍ରାମୀ କମଳା ପ୍ରସାଦ କର ସ୍ମୃତି ସମ୍ମାନ – ୨୦୨୫' ପ୍ରଦାନ କରାଯାଇଥିଲା ।ଏହି ଅଧିବେଶନ ପୂର୍ବରୁ ସେବା ନିବୃତ୍ତ କୃଷିବିତ ଅରୁଣ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଗୀତିକବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ନାଟ୍ୟଶ୍ରୀ ନିର୍ମଳ ରାଉତ, 'ରୂପ ରଂଗ' ସମ୍ପାଦକ , ଗୀତିକବି ରମାକାନ୍ତ ଦାସ, ବରିଷ୍ଠ କବି ବାବୁଲାଲ ଦାସ, କବି ଓ ନାଟ୍ୟନିର୍ଦ୍ଦେକ ସାରଥୀ ପଣ୍ଡା, ଶିକ୍ଷାବିତ୍ ଶୀତଳ ବେହେରା, ପ୍ରଧାନ ଶିକ୍ଷକ ରବି ନାରାୟଣ ମିଶ୍ର,କବୟିତ୍ରୀ ସୁରୁଚି ଦାଶ, ବୀଣାପାଣି ତ୍ରିପାଠୀ ଓ ପ୍ରାଧ୍ୟାପିକା ପ୍ରମୋଦା ପଣ୍ଡା ପ୍ରଭା ପ୍ରମୁଖ ବହୁ କବି ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ କବି, ଶିକ୍ଷକ ଗୟାଧର ଦାସ ଓ କବୟିତ୍ରୀ ମମତା ରାଣୀ ଦାଶ କବିତା ସଂଯୋଜନା କରିଥିଲେ ଏବଂ ବହୁ କବି ଓ କବୟିତ୍ରୀ ଗୀତିକବିତା ପାଠ କରିଥିଲେ।ଏହା ପରେ ପରେ ଭୂମି କନ୍ୟା ମହିଳା ସଂଗଠନ ତରଫରୁ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବ ସମ୍ମିଳନୀ




ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ସ୍ଥିତ ବେତନଟୀ ମହାବିଦ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଜିଲ୍ଲା ମହା ବିଦ୍ୟାଳୟ ପ୍ରମୁଖ କିଶୋର କୁମାର ମହାନ୍ତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ମୁଖ୍ୟ ଅତିଥି ଭାବେ ସଞ୍ଜୟ କୁମାର ଚୌଧୁରୀ ଯୋଗ ଦେଇ ଯୁବକ ମାନଙ୍କୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଚାରଧାରାରେ ଉଦବୁଦ୍ଧ ହୋଇ ନିଜ ନିଜ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାନ୍ତ ସମ୍ପର୍କ ପ୍ରମୁଖ ସର୍ବେଶର ବେହେରା ,ଅନ୍ୟତମ ଅତିଥି ଭାବେ ମୟୂରଭଞ୍ଜ ବିଭାଗ ପ୍ରଚାର ପ୍ରମୁଖତୁଷାର କାନ୍ତି ମହାନ୍ତ ଯୋଗ ଦେଇ ଭାରତର ଗୌରବମୟ ଇତିହାସ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ସମ୍ମିଳନୀରେ ବାପି ଭାଇ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବା ବେଳେ ଗଜେନ୍ଦ୍ର ଭାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସମ୍ମିଳନୀର ପ୍ରାରମ୍ଭରେ ପ୍ରଦର୍ଶିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅନୀଲ ଭାଇ ପରିଚାଳନା କରିଥିଲେ। ଯୁବକମାନଙ୍କ ମନରେ ଦେଶଭକ୍ତି ଭାବନା ଜାଗ୍ରତ କରିବା ପାଇଁ ଅନୁଷ୍ଠିତ ହୋଇଥିବା ଏହି ସମ୍ମିଳନୀରେ ୩୦୦ରୁ ଉର୍ଦ୍ଧ୍ୱ ଯୁବ ବନ୍ଧୁମାନେ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀଯୁକ୍ତ ସଞ୍ଜୟ କୁମାର ଚୌଧୁରୀଙ୍କ ଦ୍ୱାରା ସଂଙ୍କଳିତ ଲୋକ କାହାଣୀ ଜୀବନ ମନ୍ତ୍ର ପୁସ୍ତକ ଉନ୍ମୋଚନ କରାଯାଇଥିଲା । ସେହିପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୬ ଜଣ ଏବଂ ସମାଜ ସେବା ଓ ବୃକ୍ଷ ରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଗ୍ରିଆ ସ୍ଥିତ ବୀଣାପାଣି କ୍ଲବକୁ ସମ୍ବର୍ଦ୍ଧିତ କରାଯାଇଥିଲା।

(ଶ୍ରୀମଦ୍‌ଭଗବଦ୍ ଗୀତା ୧/୨୦)

**ଅର୍ଜୁନ-ବିଷାଦଯୋଗଃ**

**ସଞ୍ଜୟ ଉବାଚ**

**ଅଥ ବ୍ୟବସ୍ଥିତାନ୍‌ଦୃଷ୍ଟ୍ୱା ଧାର୍ତ୍ତରାଷ୍ଟ୍ରାନ୍ କପିଧ୍ୱଜଃ ।**
**ପ୍ରବୃତ୍ତେ ଶସ୍ତ୍ରସମ୍ପାତେ ଧନୁରୁଦ୍ୟମ୍ୟ ପାଣ୍ଡବଃ ।। ୨୦ ।।**

( ଏତସ୍ମିନ ସମୟେ ଶ୍ରୀକୃଷ୍ଣଂ ଅର୍ଜୁନଃ ବିଜ୍ଞପୟାମାସ ଇତ୍ୟାହ ଚତୁର୍ଭିଃ)- ହେ ମହୀପତେ (ରାଜନ୍) ! ଅଥ (ଅନନ୍ତରଂ) ଶସ୍ତ୍ରସମ୍ପାତେ (ବାଣାଦିକ୍ଷେପଣେ) ପ୍ରବୃତ୍ତେ (ଆରବ୍‌ଧେ) (ସତି) କପିଧ୍ୱଜଃ ପାଣ୍ଡବଃ (ଅର୍ଜୁନଃ) ଧାର୍ତ୍ତରାଷ୍ଟ୍ରାନ୍ (ଦୁର୍ଯ୍ୟୋଧନପ୍ରଭୃତାନ୍) ବ୍ୟବସ୍ଥିତାନ୍ (ଯୁଦ୍ଧୋଦ୍‌ଯୋଗେ ସ୍ଥିତାନ୍) ଦୃଷ୍ଟ୍ୱା (ଅବଲୋକ୍ୟ) ଧନୁଃ (ତ୍ରିଲୋକବିଖ୍ୟାତଂ ଗାଣ୍ଡୀବଂ) ଉଦ୍ୟମ୍ୟ (ଉତ୍ତୋଲ୍ୟ) ତଦା ହୃଷୀକେଶଂ (ଶ୍ରୀକୃଷ୍ଣଂ) ଇଦଂ ବକ୍ଷ୍ୟମାଣଂ ବାକ୍ୟଂ ଆହ (କଥିତବାନ୍) ।। ୨୦ ।।

# ଜି ୨୦ ଶିଖର ସମ୍ମିଳନୀ ଓ ଭାରତ

୨୦୨୫ର ଜି-୨୦ ଶିଖର ସମ୍ମିଳନୀ ସାରା ବିଶ୍ୱରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେବା ସହିତ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ପ୍ରସ୍ତାବ ମଧ୍ୟ ଗୁରୁତ୍ୱ ବହନ କରିଛି । ଗ୍ରୁପ୍ ଅଫ୍ ଟ୍ୱେଣ୍ଟିଜ (G-20) ହେଉଛି ପ୍ରକୃତରେ ୧୯ଟି ରାଷ୍ଟ୍ରର ଗୋଷ୍ଠୀ । ସେହି ରାଷ୍ଟ୍ରଗୁଡ଼ିକ ହେଲା ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚାଇନା, ଫ୍ରାନ୍ସ, ଜର୍ମାନୀ, ଭାରତ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, ରିପବ୍ଲିକ ଅଫ୍ କୋରିଆ, ମେକ୍ସିକୋ, ରୁଷିଆ, ସାଉଦି ଆରବ, ସାଉଥ ଆଫ୍ରିକା, ତୁର୍କୀ, ୟୁନାଇଟେଡ କିଙ୍ଗଡମ୍ ଓ ୟୁନାଇଟେଡ ଷ୍ଟେଟସ୍ ଅଫ୍ ଆମେରିକା ତଥା ୟୁରୋପିଆନ ୟୁନିଅନ ଓ ଆଫ୍ରିକାନ୍ ୟୁନିଅନ ପରି ଦୁଇଟି ଆଞ୍ଚଳିକ ସଂସ୍ଥା । ଏହି ଜି-୨୦ ଜରିଆରେ ରାଷ୍ଟ୍ର ମୁଖ୍ୟମାନେ ପରସ୍ପର ମଧ୍ୟରେ ଆର୍ଥନୀତିକ ଓ ସାମାଜିକ ତଥା ବିକାଶମୂଳକ ବିଷୟରେ ଆଲୋଚନା କରି ନିଷ୍ପତ୍ତି ନେବା ହେଉଛି ଏହି ଶିଖର ସମ୍ମିଳନୀର ଉଦ୍ଦେଶ୍ୟ ।

୨୦୨୫ରେ ଦକ୍ଷିଣ ଆଫ୍ରିକାର ଏହି ଶିଖର ସମ୍ମିଳନୀକୁ ଡେନ୍‌ମାର୍କ, ଇଜିପ୍ଟ, ଫିନ୍‌ଲ୍ୟାଣ୍ଡ, ଆୟାରଲ୍ୟାଣ୍ଡ, ନ୍ୟୁଜିଲ୍ୟାଣ୍ଡ, ନାଇଜେରିଆ, ନରୱେ, ପର୍ତ୍ତୁଗାଲ, ସିଙ୍ଗାପୁର, ସୁଇଜରଲ୍ୟାଣ୍ଡ ସମେତ ଦି ନେଦରଲ୍ୟାଣ୍ଡ ଓ ୟୁନାଇଟେଣ୍ଡ ଆରବ ଏମିରେଟସ୍‌ଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା ।

ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମାଫୋସାଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିଖର ସମ୍ମିଳନୀରେ ଯୁକ୍ତରାଷ୍ଟ୍ର ଆମେରିକାର ମନମାନିକୁ ତ ଖାତିର କରାଯାଇ ନାହିଁ । ଏହି ଶିଖର ସମ୍ମିଳନୀର ମିଳିତ ଘୋଷଣାପତ୍ର ଜାରି ନ କରିବାକୁ, ଆମେରିକାର ଚେତବାନୀକୁ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ଶ୍ରୀ ରାମାଫୋସା ମଧ୍ୟ ପ୍ରତ୍ୟାଖ୍ୟାନ କରିଛନ୍ତି ।

ଗତ ନଭେମ୍ବର ୨୨ ଓ ୨୩ (୨୦୨୫)ରେ ଜୋହାନ୍ସବର୍ଗରେ ଅନୁଷ୍ଠିତ ଏହି ଶିଖର ସମ୍ମିଳନୀ ପ୍ରଥମ ଥର ଲାଗି ଆଫ୍ରିକା ମହାଦେଶରେ ଅନୁଷ୍ଠିତ ହୋଇଛି । ମାତ୍ର ଦୁଇ ରାଷ୍ଟ୍ରର ମୁଖ୍ୟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଚାଇନାର ରାଷ୍ଟ୍ରପତି ଜିନ୍ ପିଙ୍ଗ ଏହି ଶିଖର ସମ୍ମିଳନୀରେ ଅନୁପସ୍ଥିତ ରହିବା ଘଟଣା ସାରା ବିଶ୍ୱକୁ ବିସ୍ମିତ କରିଛି । ସେ ଯାହା ହେଉ, ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଅଭିବୃଦ୍ଧିର ହାର ବିଷୟଟି ଉପରେ ପୁର୍ନବିଚାର କରିବା ଲାଗି ଯେପରି ଗୁରୁତ୍ୱାରୋପ କରିଛନ୍ତି, ତାହା ଉପସ୍ଥିତ ରାଷ୍ଟ୍ରର ମୁଖ୍ୟମାନଙ୍କୁ ସ୍ପର୍ଶ କରିଛି । ଏହାଛଡ଼ା ଡ୍ରଗ୍ସ (ନିଶାଦ୍ରବ୍ୟ କାରବାର) ଓ ଆତଙ୍କବାଦ ଉପରେ ରହିଥିବା ଆର୍ଥନୀତିକ ସମ୍ପର୍କକୁ ଛିନ୍ନ କରି ଅର୍ନ୍ତଜାତୀୟ ସ୍ତରରେ ଦୃଢ଼ ଭାବେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୋଦିଜୀଙ୍କ ପ୍ରସ୍ତାବକୁ ଅନ୍ୟ ରାଷ୍ଟ୍ରମାନେ ମଧ୍ୟ ସମ୍ମତି ପ୍ରଦାନ କରିଛନ୍ତି ।

ଜି-୨୦ ଶିଖର ସମ୍ମିଳନୀର ତୃତୀୟ ଅଧିବେଶନରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଜଟିଳ ପ୍ରଯୁକ୍ତିବିଦ୍ୟା ବିକାଶର ମୌଳିକ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ମଧ୍ୟ ଉଲ୍ଲେଖ କରିଥିଲେ ଯେ ଭାରତ କୃତ୍ରିମ ବୁଦ୍ଧିମତା ଅଭିଯାନ (A I Mission) ଜରିଆରେ ଉଚ୍ଚ ମାନର କମ୍ପ୍ୟୁଟିଙ୍ଗ ଦକ୍ଷତା ତିଆରି ପାଇଁ ପ୍ରସ୍ତୁତ ହେଉଛି । ଭାରତ ଆନୁକୂଲ୍ୟରେ ଆସନ୍ତା ୨୦୨୬ ଫେବୃଆରୀରେ ଭାରତରେ ହେବାକୁ ଥିବା କୃତ୍ରିମ ବୁଦ୍ଧିମତ୍ତାର ଶିଖର ସମ୍ମିଳନୀରେ ଯୋଗ ଦେବାକୁ ଜି-୨୦ ରାଷ୍ଟ୍ରମାନଙ୍କୁ ମୋଦିଜୀ ଅନୁରୋଧ କରିଥିଲେ । ହେବାକୁ ଥିବା ସେହି ଶିଖର ସମ୍ମଳନୀର ବିଷୟବସ୍ତୁ ରହିଛି, 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' (Welfare for all, Hapiness for all) ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମଧ୍ୟ ଜୋହାନ୍ସବର୍ଗର ଇଣ୍ଡିଆ, ବ୍ରାଜିଲ, ସାଉଥ ଆଫ୍ରିକା (IBSA) ରାଷ୍ଟ୍ରମୁଖ୍ୟମାନଙ୍କ ବୈଠକରେ ଯୋଗ ଦେଇଥିଲେ । ଏଥିରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମାଫୋସା ଓ ବ୍ରାଜିଲର ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଦା ସିଲଭା ମଧ୍ୟ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଥିଲେ ଯେ ତିନି ଗୋଟି ଗଣତାନ୍ତ୍ରିକ ରାଷ୍ଟ୍ର ଗୋଟିଏ ମଞ୍ଚରୁ ଏକତ୍ର ହୋଇ ଆର୍ଥିକ ପରିସ୍ଥିତି ସଂକ୍ରାନ୍ତରେ ଆଲୋଚନା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହିପରି ଜାତିସଂଘର ନିରାପତ୍ତା ପରିଷଦରେ ସଂସ୍କାର ଅଣାଯିବା ଆଜି ଆଉ ଇଚ୍ଛାଧୀନ ବ୍ୟାପାର ନୁହେଁ, ଏହା ହେଉଛି ସବୁଠାରୁ ବଡ଼ ଆବଶ୍ୟକତା । ସେ କହିଲେ ଯେ ଆମେମାନେ କେହି ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ନୁହନ୍ତି । ଏଥିରୁ ଜାତିସଂଘ ଯେ ସାରା ବିଶ୍ୱକୁ ପ୍ରତିନିଧିତ୍ୱ ଠିକ୍ ଭାବେ କରୁ ନାହିଁ, ଏ ବିଶ୍ୱାସ ହେଉଛି ବୋଲି ମୋଦିଜୀ ମଧ୍ୟ କହିଥିଲେ ।

**ସଙ୍କଳ୍ପ**

ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ, ବିଶ୍ୱହିତେ ହିନ୍ଦୁ, ପ୍ରତି ରକ୍ତବିନ୍ଦୁ ।

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଭ୍ରମ ସଂଶୋଧନ**

ତା ୨୪/୧୧/୨୦୨୫ ସମୟରେ ପ୍ରକାଶିତ ସମ୍ପାଦକୀୟରେ ଜୟପ୍ରକାଶ ନାରାୟଣଙ୍କ ଦେହାନ୍ତ ୧୯୨୯ ଅକ୍ଟୋବର ୮ ବୋଲି ପ୍ରକାଶ ପାଇଛି । ତାହା ୧୯୭୯ ଅକ୍ଟୋବର ୮ ହେବ । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

(ମୁଖ୍ୟ ସମ୍ପାଦକ)

# ସୂଚନା ଅଧିକାର ଆଇନର ୨୦ ବର୍ଷ

**ଡ. ସ୍ନେହାଶିଷ ସୁର**
**ଡ. ମୃଣାଳ ଚାଟାର୍ଜୀ**

୨୦୨୫ ଅକ୍ଟୋବର ମାସରେ ଆମ ଦେଶରେ ସୂଚନା ଅଧିକାର ଆଇନ୍ ଆରମ୍ଭ ହେବାର ଦୁଇ ଦଶକ ପୂର୍ଣ୍ଣ ହେଲା । ଭାରତରେ ଆଇନ ପ୍ରଣୟନର ଇତିହାସରେ ସୂଚନା ଅଧିକାର ଆଇନ୍ ଏକ ବିଶେଷ ସ୍ଥାନର ମାନ୍ୟତା ଦାବି କରେ । କାରଣ ଏହା ପଛରେ ଥିଲା ମେହନତି ମଣିଷମାନଙ୍କର ଦାବି । ରାଜସ୍ଥାନର ପ୍ରତ୍ୟକ ଇଲାକାରେ ଶ୍ରମିକ ଓ କୃଷକମାନେ ସରକାରଙ୍କଠାରୁ ସେମାନଙ୍କର ମଜୁରୀ କାଗଜ କଲମରେ ପାଉଛନ୍ତି ବୋଲି ଦର୍ଶାଯାଉଥିଲେ ମଧ୍ୟ – ଠିକ୍ ଭାବରେ ପାଉ ନଥିଲେ । ସେମାନେ ମଜୁରୀ ପାଉଛନ୍ତି କି ନାହିଁ ଠିକ୍ ଭାବରେ ତାହା ସମସ୍ତଙ୍କୁ ଜଣେଇବାର ଦାବି ଉଠେ ୧୯୮୦ ଦଶକର ମଝାମଝି । ଏ ଦାବିକୁ ଜନ ଆନ୍ଦୋଳନରେ ପରିଣତ କରିବାପାଇଁ ଆଗେଇ ଆସନ୍ତି ସାମାଜିକକର୍ମୀ ଅରୁଣା ରାୟ ଏବଂ ନିଖିଲ ଦେ'ଙ୍କର 'ମଜଦୁର କିଶାନ ଶକ୍ତି' ସଂଗଠନ । ଏ ଆନ୍ଦୋଳନ ଫଳରେ ସେମାନେ ନିଜର ମଜୁରୀ ଟଙ୍କା କେବଳ ନୁହଁ, ସେମାନଙ୍କ ଇଲାକାରେ ଉନ୍ନୟନ କ'ଣ ହେଇଛି ସେ କାମର ହିସାବ ମାଗିବା ଏବଂ ହିସାବ ପାଇବା ଯେ ତାଙ୍କର ଅଧିକାର ଦରିଦ୍ର ଲୋକମାନେ ସେ ଦାବି ଉତ୍ଥାପନ କରନ୍ତି ।

୧୯୮୯ରେ ବିଶ୍ୱନାଥ ପ୍ରତାପ ସିଂହ ପ୍ରଧାନମନ୍ତ୍ରୀ ହେବା ପରେ ସୂଚନା ଅଧିକାର ଆଇନର ଆବଶ୍ୟକତାକୁ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବରେ ରେଖାଙ୍କିତ କରନ୍ତି । ୨୦୦୪ ମସିହା ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ଦଳ ସେମାନଙ୍କର ନିର୍ବାଚନୀ ଇସ୍ତାହାରରେ କହନ୍ତି ଯେ ସେମାନେ କ୍ଷମତାକୁ ଆସିଲେ ସୂଚନା ଅଧିକାର ଆଇନ୍ ପ୍ରଣୟନ କରିବେ । ସେମାନେ କ୍ଷମତାକୁ ଆସିଲେ ଏବଂ ୨୦୦୫ ମସିହା ୧୫ ଜୁନ ସଂସଦରେ ଏହି ଆଇନ ପାଶ୍ ହେଲା । ସେହି ବର୍ଷ ଅକ୍ଟୋବର ୧୨ ତାରିଖ ଦିନ ଏ ଆଇନ୍ ଲାଗୁ ହେଲା ।

ବିଭିନ୍ନ ଅଦାଲତ ଏହା ପୂର୍ବରୁ ନାନା ସମୟରେ ସମ୍ବିଧାନର ବାଖ୍ୟା କରି କହିଥିଲେ ଯେ ତଥ୍ୟ ଓ ସୂଚନା ଜାଣିବା ନାଗରିକ ଅଧିକାର ଅନ୍ତର୍ଭୁକ୍ତ । ତେବେ ଏହି ଆଇନ୍ ଆସିବା ପରେ ସୂଚନା ଜାଣିବାର ଅଧିକାର ଅଲଗା କରି ସ୍ୱୀକୃତ ହେଲା । ତା'ର ପଦ୍ଧତି ଏବଂ ପ୍ରଣାଳୀ ର୍ନିଦ୍ଦିଷ୍ଟ ହେଲା ।

ଏ ଆଇନର ଉଦ୍ଦେଶ୍ୟ ହେଉଛି ପ୍ରଶାସନରେ ସ୍ୱଚ୍ଛତା ଏବଂ ଦାୟ ବଦ୍ଧତା ଆଣିବା । ନିର୍ବାଚିତ ଜନପ୍ରତିନିଧିମାନେ ସଂସଦରେ ପ୍ରଶ୍ନକରି ଯାହା ଜାଣିପାରିବେ, ଜଣେ ସାଧାରଣ ଲୋକ ମଧ୍ୟ ଏ ଆଇନ୍ ବଳରେ ସରକାରଙ୍କଠୁ ତାହା ଜାଣିବାର ଅଧିକାର ପାଇଲେ । ଏ ଆଇନର ଆଶ୍ରୟ ନେବା ପାଇଁ ଅଦାଲତ ଯିବାକୁ ପଡିବ ନାହିଁ । ଯେକୌଣସି ପ୍ରଶାସନିକ କର୍ତ୍ତୃପକ୍ଷ ସରକାରୀ, ଅର୍ଦ୍ଧସରକାରୀ ସ୍ୱାୟତ୍ତସାୟିତ ସଂସ୍ଥା ଏବଂ ଯେଉଁସବୁ ସଂସ୍ଥା ପ୍ରଧାନତଃ ସରକାରୀ ଅର୍ଥରେ ପରିଚାଳିତ ହୁଏ, ଏ ଆଇନ ଅଧୀନରେ ନାଗରିକମାନଙ୍କଠାରୁ ପ୍ରଶ୍ନ ପାଇଲେ ନିର୍ଦ୍ଧାରିତ ସମୟ ଭିତରେ ଉତ୍ତର ଦେବାପାଇଁ ବାଧ୍ୟ । ନଦେଲେ ଆଇନ୍ ଅନୁସାରେ ନିର୍ଦ୍ଦିଷ୍ଟ ଉର୍ଦ୍ଧ୍ୱତନ କର୍ତ୍ତୃପକ୍ଷଙ୍କ ପାଖରେ ଏବଂ ତଥ୍ୟ କମିଶନ ପାଖରେ ଆବେଦନ କରିହୁଏ । ପ୍ରଶ୍ନକର୍ତ୍ତାଙ୍କୁ ପ୍ରଶ୍ନ କରିବାର କୌଣସି କାରଣ ଉଲ୍ଲେଖ କରିବାପାଇଁ ପଡେନାହିଁ । ସୂଚନାର ଯେଉଁ ସଂଜ୍ଞା ତା' ଭିତରେ ଫାଇଲ ନୋଟିଂ, ଲଗବୁକ୍ ଏସବୁ କିଛି ରଖା ହେଇଛି । ଏ ଆଇନ ବଳରେ ବେଶ୍ କିଛି ସୂଚନା ଜନସାଧାରଣଙ୍କୁ ଉପଲବ୍ଧ ହେଇଛି, ପରିକ୍ଷାର୍ଥୀଙ୍କୁ ପରୀକ୍ଷା ଖାତା ଦେଖେଇବା କ୍ଷେତ୍ରରେ ଏ ଆଇନ ସହାୟକ ହେଇଛି । ସରକାରୀ କର୍ମଚାରୀମାନଙ୍କର ବ୍ୟକ୍ତିଗତ କିଛି ତଥ୍ୟ ଏବଂ ତୃତୀୟ ପକ୍ଷ ବା ବେସରକାରୀ ସଂସ୍ଥାର କିଛି ତଥ୍ୟ ପାଇବା କଥା ମଧ୍ୟ ଏ ଆଇନରେ ରହିଛି । ଏ ଆଇନରେ କୁହାଯାଇଛି ଯେ ନିର୍ଦ୍ଦିଷ୍ଟ ସମୟ ଭିତରେ ତଥ୍ୟ ନଦେଲେ ସରକାରୀ କର୍ମୀଙ୍କୁ ଜୋରିମନା ହେଇପାରେ । ଏକଥା ମଧ୍ୟ ଏ ଆଇନରେ ରହିଛି ଯେ, ଗୋପନୀୟତା ଆଇନ୍ ଏବଂ ସୂଚନା ଅଧିକାର ଆଇନ ଭିତରେ ଯଦି ଦ୍ୱନ୍ଦ ଦେଖାଯାଏ ତେବେ ସୂଚନା ଅଧିକାର ଆଇନ୍ ହିଁ ପ୍ରାଧାନ୍ୟ ପାଇବ । ଦେଖିବାପାଇଁ ଗଲେ ଗଣତନ୍ତ୍ରର ନିଆଁ ଏ ଆଇନ ମଜଭୁତ କରିଛି । ଏ ଆଇନ ଯୋଗୁଁ ଦୁର୍ନୀତି କମ୍ ହେବାକଥା । କିନ୍ତୁ ଗତ ୨୦ ବର୍ଷ ଭିତରେ ସୂଚନା ଅଧିକାର ଆଇନ ସାଧାରଣ ଲୋକଙ୍କ ପାଇଁ ଯେତିକି ଲାଭକାରୀ ହେବ ବୋଲି ଆଶା କରାଯାଉଥିଲା-ତାହା ହୋଇ ପାରି ନାହିଁ । ତଥ୍ୟ କମିଶନରମାନଙ୍କ ପଦର ମାନ, ବେତନ, ସ୍ୱାଧୀକାର ଏବଂ କାର୍ଯ୍ୟକାଳର ମିଆଦ କ୍ରମଶଃ କମିଛି । ତଥ୍ୟ କମିଶନର ନିୟୋଗରେ କେନ୍ଦ୍ର ତଥା ବିଭିନ୍ନ ରାଜ୍ୟରେ ଅବସରପ୍ରାପ୍ତ ସରକାରୀ ଅଧିକାରୀମାନଙ୍କୁ ହିଁ ବେଶୀ ନିଆଯାଇଛି ଯେଉଁମାନେ ସବୁବେଳେ ଗୋପନୀୟତାର ଶପଥ ନେଇଛନ୍ତି ଏବଂ ସରକାରଙ୍କର ଦୃଷ୍ଟିଭଙ୍ଗୀକୁ ପ୍ରାଧାନ୍ୟ ଦେଇଛନ୍ତି । ଆଇନର ପ୍ରୟୋଗ କ୍ଷେତ୍ରରେ ଦେଖାଗଲା ଯେ ଜନ ସୁବିଧା ବଦଳରେ ସରକାରୀ କର୍ମଚାରୀମାନେ ସେମାନଙ୍କର ଚାକିରି ବିଭିନ୍ନ ବିଷୟ ନେଇ ଅଧିକ ଆବେଦନ କରୁଛନ୍ତି । ଅନେକେ ଏ ଆଇନରେ ସୁଯୋଗ ନେଇ ବିଭିନ୍ନ ଅପ୍ରାସଙ୍ଗିକ ପ୍ରଶ୍ନ କରୁଛନ୍ତି । ସବୁ ରାଜ୍ୟରେ ସୂଚନା କମିଶନରେ ଶୂନ୍ୟପଦ ଆଉ ଜମିରହିଥିବା ଆବେଦନର ସଂଖ୍ୟା ବଢୁଛି । ଭାରତର ବିଭିନ୍ନ ରାଜ୍ୟରେ ସୂଚନା କମିଶନ ପାଖରେ ୪ ଲକ୍ଷରୁ ଅଧିକ ଆବେଦନ ବାକିଆ ପଡ଼ିଛି ଏହା ଭିତରେ ମହାରାଷ୍ଟ୍ର, କର୍ଣ୍ଣାଟକ ଆଉ ତାମିଲନାଡୁରେ ସବୁଠୁ ଅଧିକ ବାକିଆ ରହିଛି ।

ଅନେକ ରାଜ୍ୟରେ କେବଳ ରାଜଧାନୀ ଛଡା ଅନ୍ୟତ୍ର ସୂଚନା କମିଶନ ନାହିଁ । ସରକାରଙ୍କୁ ଯାହା ବିବ୍ରତ କରିପାରେ ଏମିତି ତଥ୍ୟ ଏଡେଇ ଯିବା ଅନେକ କ୍ଷେତ୍ରରେ ଦେଖାଯାଉଛି । ତା' ଉପରେ ଏକାଧିକ ଏ ଆଇନରେ ସଂଶୋଧନ କରାଯାଇଛି ଏବଂ ନୂଆ ନୂଆ ଆଇନ ଆଣି ସୂଚନା ଅଧିକାର ଆଇନକୁ କିଛିଟା ଅନ୍ତତଃ ଦୁର୍ବଳ କରିଦିଆ ଯାଇଛି । ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ଆଇନ୍ ସହିତ ଆହୁରି କେତୋଟି ସୂଚନା ପ୍ରଯୁକ୍ତିର ଆଇନ୍ ବହୁ ତଥ୍ୟକୁ ବ୍ୟକ୍ତିଗତ ଭାବରେ ଚିହ୍ନିତ କରିଦେଇଛନ୍ତି ଏବଂ ତା' ଫଳରେ ସୂଚନା ଅଧିକାର ଆଇନରେ ସେ ତଥ୍ୟ ଦେଇ ହେବ ନାହିଁ ବୋଲି ନିଦାନ ଦେଇଛନ୍ତି ।

ଦୁଃଖର କଥା ଯେଉଁସବୁ ସମାଜ ସଚେତନ ନାଗରିକ ସୂଚନା ଅଧିକାର ଆଇନକୁ କାମରେ ଲଗେଇ ବିଭିନ୍ନ ଦୁର୍ନୀତିର ପରଦା ହଟେଇବାର ପ୍ରଚେଷ୍ଟା କରିଥିଲେ, ସେମାନଙ୍କ ଉପରେ କ୍ରମଶଃ ଆକ୍ରମଣ ହେଇଛି । କମନୱେଲ୍‌ଥ ହ୍ୟୁମାନ ରାଇଟ୍ସ ଇନିସିଏଟିଭ୍ ସଂସ୍ଥା ପକ୍ଷରୁ କୁହାଯାଏ ଯେ ପ୍ରାୟ ଶହେ ଜଣକୁ ହତ୍ୟା କରାଯାଇଛି । ଅଢେଇଶହ ଉପରକୁ ସାମାଜିକ କର୍ମୀ ଶାରୀରିକ ଭାବରେ ଆକ୍ରାନ୍ତ ହେଇଛନ୍ତି । ଭାରତରେ ହୁଇସିଲ୍ ବ୍ଲୋୟର ବା ଯେଉଁମାନେ ଦୁର୍ନୀତିର ପର୍ଦ୍ଦାଫାଶ କରନ୍ତି, ସେମାନଙ୍କୁ ନିରାପତ୍ତା ଦେବାକୁ ଆଇନ୍ ପ୍ରସ୍ତାବିତ ହୋଇଥିଲା ୨୦୧୧ରେ । ପାରିତ ହୋଇଛି ୨୦୨୪ରେ । କିନ୍ତୁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ । ଏ ଆଇନରେ ଯେଉଁମାନେ ଦୁର୍ନୀତିର ତଥ୍ୟ ସାମ୍ନାକୁ ଆଣନ୍ତି ସେମାନଙ୍କୁ ନିରାପତ୍ତା ଦେବାର କଥା କୁହାହେଇଛି ।

ଏ ଦୁଇ ଦଶକ ଭିତରେ ସୂଚନା ଅଧିକାର ଆଇନ୍ ଯେଉଁ ଲକ୍ଷ୍ୟ ନେଇ ଆରମ୍ଭ କରାଯାଇଥିଲା ତାହା ଶହେ ପ୍ରତିଶତ ପୂରଣ କରିବାରେ ସକ୍ଷମ ହେଇନାହିଁ । ତେବେ ଏ ଆଇନ୍ ଭିତରେ ସମ୍ଭାବନା ରହିଛି । ତେଣୁ ଦୁଇଦଶକ ପୂର୍ତ୍ତିପରେ ସୂଚନା ଅଧିକାର ଆଇନକୁ ପୁଣିଥରେ ଶକ୍ତିଶାଳୀ କରି ତୋଳିବାର ଆବଶ୍ୟକତା ରହିଛି । ନହେଲେ ସାଧାରଣ ମଣିଷର କ୍ଷମତାୟନ ପ୍ରକ୍ରିୟା ଅସମ୍ପୂର୍ଣ୍ଣ ରହିଯିବ ଆଉ ଗଣତନ୍ତ୍ର ଦୁର୍ବଳ ହେଇପଡିବ ।

**ଏ ଦୁଇ ଦଶକ ଭିତରେ ସୂଚନା ଅଧିକାର ଆଇନ୍ ଯେଉଁ ଲକ୍ଷ୍ୟ ନେଇ ଆରମ୍ଭ କରାଯାଇଥିଲା ତାହା ଶହେ ପ୍ରତିଶତ ପୂରଣ କରିବାରେ ସକ୍ଷମ ହେଇନାହିଁ । ତେବେ ଏ ଆଇନ୍ ଭିତରେ ସମ୍ଭାବନା ରହିଛି । ତେଣୁ ଦୁଇଦଶକ ପୂର୍ତ୍ତିପରେ ସୂଚନା ଅଧିକାର ଆଇନକୁ ପୁଣିଥରେ ଶକ୍ତିଶାଳୀ କରି ତୋଳିବାର ଆବଶ୍ୟକତା ରହିଛି । ନହେଲେ ସାଧାରଣ ମଣିଷର କ୍ଷମତାୟନ ପ୍ରକ୍ରିୟା ଅସମ୍ପୂର୍ଣ୍ଣ ରହିଯିବ ଆଉ ଗଣତନ୍ତ୍ର ଦୁର୍ବଳ ହେଇପଡିବ ।**

**ଡ. ମୃଣାଳ ଚାଟାର୍ଜୀ, ପ୍ରଫେସର, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାସ୍ କମ୍ୟୁନିକେସନ (IIMC), ସଞ୍ଚାର ମାର୍ଗ, ଢେଙ୍କାନାଳ-୭୫୯୦୦୧, ଓଡ଼ିଶା**
**ମୋ-୯୧ ୯୪୩୭୦ ୨୬୧୯୪**
www.mrinalchatterjee.com

# ଉପକାରୀ ପାନର ଇତିବୃତ୍ତ

**ସ୍ମୃତିରେଖା ମହାକୁଡ଼**

ବହୁ ପ୍ରାଚୀନ କାଳରୁ ପାନ ଆମର ଦୈନନ୍ଦିନ ଜୀବନ ଯାତ୍ରା ସହିତ ଓତଃପ୍ରୋତ ଭାବରେ ଜଡ଼ିତ । ଖ୍ରୀଷ୍ଟପୂର୍ବ ତିନିହଜାର ବର୍ଷ ପୂର୍ବର ଅଥର୍ବ ବେଦରେ ଏହା ସମ୍ବନ୍ଧରେ ସୂଚନା ମିଳେ । ଆଜି ମଧ୍ୟ ଘରକୁ କେହି ଅତିଥି ଆସିଲେ ଅବା ରାସ୍ତାରେ କେହି ପରିଚିତଙ୍କ ସହ ଭେଟ ହେଲେ ପାନ ଖଣ୍ଡେ ଯଚାଯାଏ । ଖାଇସାରିଲା ପରେ ପାନ ଖଣ୍ଡେ ଚୋବାଇବା ଅନେକ ଲୋକଙ୍କର ଅଭ୍ୟାସ ଥାଏ । ଅଧିକାଂଶ ବ୍ୟକ୍ତିଙ୍କର ପାନ ଖାଇବା ନିଶା ଅଟେ । ସେଥିପାଇଁ ଲୋକ ମୁଖରେ ଏକ ପ୍ରବାଦ ଶୁଣାଯାଏ ।

**ଋପାନବିଡ଼ି ନୁହେଁ ଛୋଟିଆ ନିଶା**
**ଜଣା ପଡ଼େ ନାହିଁ ଟାଣେ ପଇସା।'**

ପାନ ଏକ ଅଷ୍ଟ୍ରିକ ଶବ୍ଦ । ସଂସ୍କୃତ ଗ୍ରନ୍ଥରେ ପାନ, ନାଗବଲ୍ଲଭ, ଭୁଜଙ୍ଗବଲ୍ଲୀ, ନାଗଲତା, ନାଗଜିହ୍ୱା ପ୍ରଭୃତି ନାମରେ ଖ୍ୟାତ । ପାନର ବିଜ୍ଞାନ ସମ୍ମତ ନାମ ହେଲା ପାଇପର ଅରଟାନମ୍ । ଭାରତର ବିଭିନ୍ନ ସ୍ଥାନରେ ପାନକୁ ପାନୋ, ତାମ୍ବୁଳ, ସପଶିରା, ବିଟେଲି, ନାଗବେଲ, ତାମାଲପା ଇତ୍ୟାଦି ନାମରେ ଅଭିହିତ କରାଯାଏ । ବର୍ତ୍ତମାନ ଭାରତ, ପାକିସ୍ତାନ, ବର୍ମା, ଶ୍ରୀଲଙ୍କା, ସିଙ୍ଗାପୁର, ଫିଲିପାଇନ୍‌ସ, ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁ ସମୂହ, ଫିଜି, ଚୀନ୍, ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ, ଥାଇଲାଣ୍ଡ, ପୂର୍ବ ଓ ଦକ୍ଷିଣ ଆଫ୍ରିକା, ଆରବ, ଉପସାଗରୀୟ ଦେଶ ନେପାଳ, ଭୁଟାନ, ଦକ୍ଷିଣ ପୂର୍ବ ଏସିଆ, ମଧ୍ୟପ୍ରାଚ୍ୟ ଦେଶ ସମୂହ, ଆମେରିକା, ଅଷ୍ଟ୍ରେଲିଆ ୟୁରୋପ ପ୍ରଭୃତି ଦେଶମାନଙ୍କରେ ପାନର ପ୍ରଚଳନ ଦେଖିବାକୁ ମିଳେ । ମଧ୍ୟ ଓ ପୂର୍ବ ମାଲୟେସିଆ ହେଉଛି ପାନର ଉତ୍ପତ୍ତିସ୍ଥଳ ବୋଲି ବିଜ୍ଞାନୀମାନେ ମତ ଦିଅନ୍ତି ।

ଭାରତରେ ପଶ୍ଚିମବଙ୍ଗ, ଓଡ଼ିଶା, ତାମିଲନାଡୁ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ବିହାର, ଆସାମ, ରାଜ୍ୟମାନଙ୍କରେ ପାନଚାଷ ହୋଇଥାଏ । ତେବେ ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ପାନଚାଷ ସବୁଠାରୁ ବେଶୀ ହେବାର ଦେଖାଯାଏ । ଭାରତରେ ପ୍ରାୟ ଅଶୀ ପ୍ରଜାତିର ପାନଚାଷ ହୁଏ । ସେଥି ମଧ୍ୟରୁ ପ୍ରାୟ ୩୦ ପ୍ରଜାତିର ପାନ ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ଉତ୍ପନ୍ନ କରାଯାଏ । ଏହି ପ୍ରଜାତି ମଧ୍ୟରେ ରହିଛି ସାଚି, ମିଠା, କଡ଼ି, ବନାରସୀ, ମୁଡ଼ି, ମୁଖାଇ ପ୍ରଭୃତି । ପାନଗଛ ସପୁଷ୍ପକ, ଦୀର୍ଘଜୀବି, ଦୁର୍ବଳ କାଣ୍ଡଯୁକ୍ତ ଲତାଜାତୀୟ ଉଦ୍ଭିଦ ।

ଏହା ଦ୍ୱିବୀଜପତ୍ରୀ ଅନ୍ତର୍ଗତ ପାଇପେରାସି ପରିବାରର ଗୋଟିଏ ଗଛ । ପାନପତ୍ର ଚାଷ ଖୁବ୍ ଯନ୍ ସହକାରେ କରାଯାଏ । ଅତ୍ୟଧିକ ତାପମାତ୍ରା ସହ୍ୟ କରିପାରୁନଥିବା ଏହି ଲତା ସାଧାରଣତଃ ବଢ଼ିବାକୁ ୪ରୁ ୬ମାସ ସମୟ ନିଏ । ଶ୍ରୀଜଗନ୍ନାଥ ଚେତନାରେ ପାନର ପ୍ରଚଳନ କେବେଠାରୁ ଆରମ୍ଭ ହୋଇଛି, ତାହାର ଠିକ୍ ଇତିହାସ କିମ୍ବା ବିଧିବଦ୍ଧ ରେକର୍ଡ଼ ନାହିଁ । ମହାପ୍ରଭୁଙ୍କ ପରମ୍ପରା ଓ ରୀତିନୀତିରେ ପାନର ଚଳଣୀ ବା ପ୍ରଚଳନ ସମ୍ବନ୍ଧରେ ଅନେକ ଘଟଣା ଓ ଲୋକମୁଖରେ ପ୍ରଚଳିତ କାହାଣୀମାନ ଶୁଣିବାକୁ ମିଳେ । ବିଭିନ୍ନ ପାରିବାରିକ ଉତ୍ସବ ହେଉ ଅବା ଦୈନନ୍ଦିନ ଚଳଣିରେ ଆମ ଓଡ଼ିଆମାନେ ବିଭିନ୍ନ ପ୍ରକାର ପାନ ସେବନ ପରି ଶ୍ରୀମନ୍ଦିରରେ ମଧ୍ୟ ଏହା ପ୍ରତିଫଳିତ ହୋଇଥାଏ । କେତେକଙ୍କ ମତରେ ମହାପ୍ରଭୁ ଯେବେଠାରୁ 'ଭୈରବ ଓ ପୀଠାଧିଶ୍ୱରୀ ମା' ବିମଳା ଭୈରବୀ ରୂପେ ଗୃହୀତ ହେଲେ, ସେ ସମୟରୁ ପାନର ପ୍ରଚଳନ ହୋଇଅଛି । ଆଜି ମଧ୍ୟ ପ୍ରତିଦିନ ଭୋଜନ ପରେ ମହାପ୍ରଭୁଙ୍କୁ 'ବିଡ଼ିଆ ମଣୋହି' କରାଯାଉଛି । ଚନ୍ଦନଯାତ୍ରାରେ ମହାପ୍ରଭୁ ଚାପ ଉପରେ ବସି ଉଭୟ ଦିନ ଓ ରାତି ୮୦ ଖଣ୍ଡ ବିଡ଼ିଆ ପାନ ସେବନ କରନ୍ତି । ଚନ୍ଦନ, ଜାଇଫଳ, ଲବଙ୍ଗ, ଅଳେଇଚକୁ ନେଇ ବିଡ଼ିଆ ପାନ ପ୍ରସ୍ତୁତ କରାଯାଏ । ଏହାଛଡ଼ା ପ୍ରତ୍ୟେକ ଦିନ ଶ୍ରୀମନ୍ଦିରରେ ସକାଳ ଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପ ଓ ବଡ଼ ସିଂହାର ଓ ପହୁଡ଼ ନୀତିରେ ବିଡ଼ିଆ ପାନ ଅର୍ପଣ ହୋଇଥାଏ । ପ୍ରତ୍ୟେକ ଦିନ ପ୍ରତି ଧୂପରେ ୮ ଖଣ୍ଡ ଚଉତା ବିଡ଼ିଆ, ପହୁଡ଼ ସମୟରେ ୧୬ଖଣ୍ଡ ଖିଲି ବିଡ଼ିଆ ପାନ ଲାଗି ହୋଇଥାଏ ।

ଆୟୁର୍ବେଦ ଶାସ୍ତ୍ରାନୁସାରେ ପାନର ବ୍ୟବହାର ଖାଇବା ପରେ କରାଯାଏ । ଏହା ଯେ ସଉକରେ ଖିଆଯାଏ, ତାହା ନୁହେଁ ଶରୀର ପ୍ରତି ଏହାର ଅନେକ ଉପକାର ରହିଛି । ଖାଦ୍ୟ ପରେ ପାନ ଚୋବାଇଲେ ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ । ଗ୍ରାସନଳୀର ସଂକୋଚନ ଓ ପ୍ରସାରଣ ମଧ୍ୟ ବଢ଼ିଥାଏ । ପାନ ବାୟୁନାଶକ । ଏହା ଦାନ୍ତରୋଗ, ଚର୍ମରୋଗ, ଶିରପୀଡ଼ା, ଶ୍ଳେଷାରୋଗ ପାଇଁ ଅବ୍ୟର୍ଥ ଔଷଧ ଅଟେ । ପାନରସରୁ ପ୍ରସ୍ତୁତ ତେଲ ଫୁସ୍‌ଫୁସ୍ ଓ ଡିପ୍‌ଥେରିଆ ରୋଗରେ ବ୍ୟବହାର କରାଯାଏ । ପାନପତ୍ରରେ ପୁରୁଣା ଗାଈଘିଅ ଗରମ କରି ବ୍ୟଥା ସ୍ଥାନରେ ଲଗାଇଲେ ବ୍ୟଥାର ଉପଶମ ହୋଇଥାଏ । ପୂର୍ବରୁ ଚୀନ୍‌ରେ ଏହାକୁ ଔଷଧ ଭାବେ ବ୍ୟବହାର କରୁଥିଲେ । ଏହି ପତ୍ର ଆମ ପାଟିରେ ଥିବା ହଜମକାରୀ ଲାଳର କାର୍ଯ୍ୟକାରିତା ବଢ଼ାଏ । ଏଥିରେ ଅନେକ ମାଇକ୍ରୋନ୍ୟୁକ୍ଲିଏଣ୍ଟ ଯେପରି ଥାୟାମିନ୍ କେରୋଟିନ୍ ରାଇବୋଫେଲୋମିନ୍ ଆଦି ରହିଛି । ଯାହା ଆମ ପାକସ୍ଥଳୀ ପି.ଏଚ୍ ସ୍ତରକୁ ନିୟନ୍ତ୍ରଣ ରଖେ । ଆମ ମାଢ଼ିକୁ ସୁସ୍ଥ ରଖିବା ସହ ମୁଖ ବ୍ୟାକ୍ଟେରିଆକୁ ପ୍ରତିରୋଧ କରିବା ସହିତ କ୍ଷତ ଶୁଖାଇବା ଗୁଣ ମଧ୍ୟ ରହିଛି । ପାନପତ୍ରକୁ ଖାଲି ଚୋବାଇ ଖାଇବା ଦ୍ୱାରା ଆସ୍ଥମା, ଶ୍ୱାସ ଜନିତ ସମସ୍ୟା ପାଇଁ ଫଳପ୍ରଦ ହୋଇଥାଏ । କ୍ୟାଟୋରୋଜ ଓ ଡାୟାଷ୍ଟେଜ୍ ପରି ଉପାଦେୟ ଏନ୍‌ଜାଇମ୍ ରହିଛି ଯାହା ଗ୍ୟାଷ୍ଟ୍ରିକ୍ ସମସ୍ୟାକୁ ଠିକ୍ କରେ । ଏହାଛଡ଼ା ଲାଇସିଲ୍, ହିଷ୍ଟଡିନ୍ ପରି ଦରକାରୀ ଆମିନୋ ଏସିଡ୍ ରହିଛି ଯାହା ଶରୀର ପାଇଁ ଉପକାରୀ ହୋଇଥାଏ । ଏହା ମଧ୍ୟ ଫଙ୍ଗସ୍ ଜନିତ ସଂକ୍ରମଣକୁ ରୋକିବାର ଅନେକ ଗୁଣ ରହିଛି । ଏଣୁ ଏହା ବିଭିନ୍ନ ଚର୍ମ ଔଷଧରେ ବ୍ୟବହାର ହୋଇଥାଏ । ମୁଖ୍ୟତଃ ଏସିଆର ଲୋକମାନେ ଏହାର ବ୍ୟବହାର ଅଧିକ କରନ୍ତି । ଇଣ୍ଡୋନେସିଆ ଓ ଥାଇଲାଣ୍ଡ୍‌ରେ ପାଣିରେ ପକାଇ ମୁଖଶୋଧନ ପାଇଁ ଏହା ଦିଆଯାଏ । ମାଲେସିଆରେ ଦାନ୍ତ ସମ୍ବନ୍ଧୀୟ ସମସ୍ୟା ତଥା ଆଣ୍ଠୁଗଣ୍ଠି ରୋଗ ଉପଶମ ପାଇଁ ପତ୍ରକୁ ବ୍ୟବହାର କରାଯାଏ । ପାନପତ୍ରରେ ଜୈବ ସକ୍ରିୟ ପଦାର୍ଥ ଔଷଧ ଶିଳ୍ପ ପାଇଁ ଅତ୍ୟନ୍ତ ଆବଶ୍ୟକ ।

ରସାୟନବିତ୍‌ମାନେ ପାନରୁ ବ୍ୟବସାୟିକ ଭିତ୍ତିରେ ରଙ୍ଗ, ମଦିରା, ଲଜେନ୍ସ, ପ୍ରସାଧନ ସାମଗ୍ରୀ ପ୍ରଭୃତି ପ୍ରସ୍ତୁତ କରିବାର କୌଶଳ ବାହାର କରିଛନ୍ତି । ଅବ୍ୟବହୃତ ପାନକୁ ଗୋଖାଦ୍ୟ ରୂପେ କିମ୍ବା ସବୁଜ ସାର ରୂପେ ବ୍ୟବହାର କରାଯାଇଥାଏ । ପାନ ଗବେଷକମାନଙ୍କ ମତରେ ମସଲାବିହୀନ ତଟକା ସବୁଜ ପାନ ଚୂନ ଲଗାଇ ଖାଇଲେ ଗାଈ କ୍ଷୀର ଭଳି ପୁଷ୍ଟି ମିଳିଥାଏ । ସେମାନଙ୍କ ମତରେ ଛଅଟି ଚୂନଯୁକ୍ତ ବଡ଼ ପାନପତ୍ର ୧୦ ଆଉନ୍ସ ଗାଈ କ୍ଷୀର ସହିତ ସମାନ । ପ୍ରତି ଏକଶତଗ୍ରାମ ପାନପତ୍ରରୁ ୬.୧ ଗ୍ରାମ୍ ଶର୍କରା, ୩.୧ ଗ୍ରାମ୍ ପ୍ରୋଟିନ୍, ୦.୮ ଗ୍ରାମ୍ ଫ୍ୟାଟ୍, ୨.୩ ଗ୍ରାମ୍ ଖଣିଜ ପଦାର୍ଥ, ଭିଟାମିନ୍-ଏ ୫୭୬୦ ମାଇକ୍ରୋଗ୍ରାମ୍, ଭିଟାମିନ୍-ସି ୦.୫ ମିଲିଗ୍ରାମ୍ ଏବଂ ପ୍ରାୟ ୪୪ କିଲୋ କ୍ୟାଲୋରୀ ଶକ୍ତି ମିଳିଥାଏ । ୮୫ ଶତକ ଜଳଯୁକ୍ତ ପାନପତ୍ର ରସରୁ ଏକ ପ୍ରକାର ତେଲ ପ୍ରସ୍ତୁତ କରାଯାଏ । ସେହି ତେଲରେ ଫେନଲ୍ ଓ ଟାରପିନ୍ ଜାତୀୟ ପଦାର୍ଥ ରହିଥାଏ । ପାନର ଅନେକ ଉପାଦେୟତା ସତ୍ତ୍ୱେ ଏଥିରେ ଚୂନ, ସୁପାରୀ, ଧଣିଆ, ପାନମହୁରୀ, ଜୁଆଣି, ଲବଙ୍ଗ, ଅଳେଇଚ ପ୍ରଭୃତି ବ୍ୟତୀତ ଅନେକ ପସନ୍ଦ ମୁତାବକ ଜର୍ଦ୍ଦା, ଦୋକ୍ତା ଓ ନାନା ରକମର ରାସାୟନିକ ପଦାର୍ଥ ମିଶାଇ ଏହାର ଉପକାରୀ ଗୁଣକୁ ନଷ୍ଟ କରି ଦିଆଯାଉଛି । ଫଳରେ କ୍ୟାନସର ଭଳି ମାରାତ୍ମକ ରୋଗ ସୃଷ୍ଟିର କାରଣ ପାଲଟୁଛି । ବହୁ ବୈଜ୍ଞାନିକ ଅନୁସନ୍ଧାନ ଫଳରେ ଜଣାଯାଇଛି ଯେ ପାନରେ ଏକ ପ୍ରକାର ବିଷାକ୍ତ ପଦାର୍ଥ ରହିଛି । ଏହି ପଦାର୍ଥଟି ମଣିଷର ବୁଦ୍ଧି ନଷ୍ଟ କରିବା ସଙ୍ଗେ ସଙ୍ଗେ ନିଶାକାରକ ଏବଂ ଶରୀରରେ ଅକ୍ସି ହେମୋଗ୍ଲୋବିନ୍‌ମାନଙ୍କର ସଂଖ୍ୟା କମାଇଦେବା ଫଳରେ ଶରୀର କମ୍ ଅମ୍ଳଜାନ ସଂଗ୍ରହ କରେ । ଏହି କ୍ଷତିକାରକ ପଦାର୍ଥଟି ପାନର ସମୁଦାୟ ଅଂଶରେ ନଥାଏ । କେବଳ ମଝି ଶିରାରେ ଥାଏ । ତେଣୁ ଗୋଟା ପାନ ନଖାଇ ପାନରୁ ମଝିଶିରା ବାହାର କରି ଖାଇବା ଉଚିତ୍ ।

ପାନଚାଷ ପାଇଁ ଦୋରସା ମାଟି ସବୁଠାରୁ ଉତ୍କୃଷ୍ଟ । ତେବେ ବାଲିମାଟି ଥିବା ଅଞ୍ଚଳରେ ଏହି ଚାଷ ବହୁଳ ପରିମାଣରେ କରାଯାଉଥିବାର ଦେଖାଯାଉଛି । ପାନଚାଷ ଉପରେ ଆମ ଦେଶର ଅନେକ ପରିବାର ନିର୍ଭରଶୀଳ । ପାନଚାଷୀମାନେ ସ୍ୱକୀୟ ପ୍ରଣାଳୀ ଓ ଅଭିଜ୍ଞତାକୁ ଭିତ୍ତିକରି ପାନଚାଷ କରୁଥିଲେ ମଧ୍ୟ ଏହାର ଉନ୍ନତି କଳ୍ପେ ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆଯାଇନାହିଁ। ସରକାରଙ୍କ ପ୍ରଚେଷ୍ଟା ମାଧ୍ୟମରେ ଉନ୍ନତ କୃଷି ପ୍ରଯୁକ୍ତିଗତ ଗବେଷଣା କରାଗଲେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ସହିତ କିଛି ବେକାରୀ ସମସ୍ୟା ଦୂରୀକରଣରେ ସହାୟକ ହୋଇପାରନ୍ତା ।

**ଆୟୁର୍ବେଦ ଶାସ୍ତ୍ରାନୁସାରେ ପାନର ବ୍ୟବହାର ଖାଇବା ପରେ କରାଯାଏ । ଏହା ଯେ ସଉକରେ ଖିଆଯାଏ, ତାହା ନୁହେଁ ଶରୀର ପ୍ରତି ଏହାର ଅନେକ ଉପକାର ରହିଛି । ଖାଦ୍ୟ ପରେ ପାନ ଚୋବାଇଲେ ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ । ଗ୍ରାସନଳୀର ସଂକୋଚନ ଓ ପ୍ରସାରଣ ମଧ୍ୟ ବଢ଼ିଥାଏ । ପାନ ବାୟୁନାଶକ । ଏହା ଦାନ୍ତରୋଗ, ଚର୍ମରୋଗ, ଶିରପୀଡ଼ା, ଶ୍ଳେଷାରୋଗ ପାଇଁ ଅବ୍ୟର୍ଥ ଔଷଧ ଅଟେ । ପାନରସରୁ ପ୍ରସ୍ତୁତ ତେଲ ଫୁସ୍‌ଫୁସ୍ ଓ ଡିପ୍‌ଥେରିଆ ରୋଗରେ ବ୍ୟବହାର କରାଯାଏ । ପାନପତ୍ରରେ ପୁରୁଣା ଗାଈଘିଅ ଗରମ କରି ବ୍ୟଥା ସ୍ଥାନରେ ଲଗାଇଲେ ବ୍ୟଥାର ଉପଶମ ହୋଇଥାଏ । ପୂର୍ବରୁ ଚୀନ୍‌ରେ ଏହାକୁ ଔଷଧ ଭାବେ ବ୍ୟବହାର କରୁଥିଲେ । ଏହି ପତ୍ର ଆମ ପାଟିରେ ଥିବା ହଜମକାରୀ ଲାଳର କାର୍ଯ୍ୟକାରିତା ବଢ଼ାଏ ।**

**ବାସୁଦେବପୁର, ଭଦ୍ରକ**
**ମୋ :- ୯୧୨୪୮୦୦୯୯୬**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ପରଲୋକରେ...

୩୦୦ରୁ ଅଧିକ ଫିଲ୍ମରେ ସେ ଅଭିନୟ କରିଥିଲେ । ୧୯୩୫ ଡିସେମ୍ବର ୮ ରେ ବ୍ରିଟିଶ ଶାସିତ ଭାରତର ପଞ୍ଜାବ ଲୁଧିଆନାରେ ଏକ ପଞ୍ଜାବୀ ଜାଠ୍ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ଜାଠ୍‌ର ସାହାସ ତାଙ୍କ ଅଭିୟନରେ ସ୍ପଷ୍ଟ ଦେଖିବାକୁ ମିଳିଥିଲା । ବ୍ୟକ୍ତିଗତ ଜୀବନରେ ସେ ବେଶ୍ ଜିନ୍ଦା ଦିଲ୍ ଥିଲେ । କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ସମସ୍ୟାକୁ ନେଇ ସେ ମୁମ୍ବାଇର ବ୍ରିଜ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ମୁମ୍ବାଇର ପୱନହଂସ ଶ୍ମଶାନରେ ଧର୍ମେନ୍ଦ୍ରଙ୍କ ଶେଷକୃତ ସମ୍ପନ୍ନ ହୋଇଛି । ତାଙ୍କ ଶେଷ ଦର୍ଶନ ପାଇଁ ପୱନ ହଂସ ଶ୍ମଶାନରେ ବହୁ ବଡ ବଡ କଳାକାର ପହଞ୍ଚିଥିଲେ । ବଡପୁଅ ସନି ଦେଓଲ ମୁଖାଗ୍ନି ଦେଇଥିଲେ । ୨୦୦୪ ରୁ ୨୦୦୯ ପର୍ଯ୍ୟନ୍ତ ସେ ରାଜସ୍ଥାନର ବିକେନାର ଲୋକସଭା ଆସନରେ ବିଜେପି ପ୍ରାର୍ଥୀ ଭାବେ ଲୋକସଭାକୁ ନିର୍ବାଚିତ ହୋଇଥିଲେ ।

## କ୍ୟାବିନେଟ୍‌ରେ...

ଅନୁମୋଦନ କରାଯାଇଛି । ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ଗଣମାଧ୍ୟମକୁ ସୂଚନା ଦେଇଥିଲେ । କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ଉଚ୍ଚ ମାଧ୍ୟମିକ ସ୍ତର କିମ୍ବା ସମାନ ସ୍ତର ଅଧୀନସ୍ଥ ସେବା ଓ ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ ୨୦୨୨ର ସିଡ୍ୟୁଲ-୧ରେ ଏକ ନୂତନ ପଦବୀ ତଥା ସ୍ୱରାଷ୍ଟ୍ର ବିଭାଗର ରାଜ୍ୟ ଅପରାଧ ବିଧି, ବିଜ୍ଞାନଗାର ଅଧୀନରେ ଥିବା କନିଷ୍ଠ ଅପରାଧ ବିଧି, ସହାୟକ ପଦବୀକୁ ଅନ୍ତର୍ଭୁକ୍ତ କରାଯିବ । ଓଡ଼ିଶା କର୍ମଚାରୀ ପ୍ରବଣ ଆୟୋଗ ୧୨ଟି ଭିନ୍ନ ପଦବୀଗୁଡ଼ିକ ଲାଗି ମିଳିତ ନିଯୁକ୍ତି ପରୀକ୍ଷାର ପରିଚାଳନା କରିବେ । ସେହିଭଳି ସରକାରଙ୍କ ଅଧୀନସ୍ଥ ଖ ବର୍ଗ ଓ ଗ ବର୍ଗ ଅନ୍ତର୍ଗତ ସ୍ୱତନ୍ତ୍ର ସେବା ଓ ପଦବୀରେ ନିଯୁକ୍ତି ନିମନ୍ତେ ମିଳିତ ସ୍ନାତକ ସ୍ତର, ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ ୨୦୨୨ର ସଂଶୋଧନ କରାଯାଇଛି । ଏହାଦ୍ୱାରା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ସମସ୍ତ ୩୯ଟି ସ୍ୱତନ୍ତ୍ର ପଦବୀଗୁଡ଼ିକୁ ମିଳିତ ସ୍ନାତକସ୍ତର ନିଯୁକ୍ତି ପରୀକ୍ଷାରେ ପରିଚାଳନା କରିବେ । ସେହିଭଳି ରାଜ୍ୟ ସରକାରଙ୍କ ଅଧିନସ୍ଥ ଖ ବର୍ଗ ଓ ଗ ବର୍ଗ ଅନ୍ତର୍ଗତ ବିଭିନ୍ନ ସେବା ଓ ପଦବୀ ନିଯୁକ୍ତିରେ ସଂଶୋଧନ ହୋଇଛି । ୨୦୨୨ ସିଡ୍ୟୁଲ ୧ରେ ଚାରୋଟି ନୂତନ ପଦବୀ ଅନ୍ତର୍ଭୁକ୍ତ କରାଯିବ । ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ସର୍ବମୋଟ୍ ୨୪ଟି ଭିନ୍ନ ପଦବୀଗୁଡ଼ିକ ଲାଗି ମିଳିତ ସ୍ନାତକସ୍ତର ନିଯୁକ୍ତି ପରୀକ୍ଷା ପରିଚାଳିତ କରିବେ । ସରକାରଙ୍କ ଅନୁମୋଦନ ପରେ ପ୍ରଥମ ବିଜ୍ଞପ୍ତି ପ୍ରକାଶ ପାଇବାମାତ୍ରେ ପର ମୁହୂର୍ତ୍ତରେ ଆୟୋଗ ପାଖରେ ଅଧିକ ବିଭିନ୍ନ ପଦବୀ ନିଯୁକ୍ତି ଲାଗି ଅଧିକରଣ ପତ୍ର ଆସିଲେ ସେହି କ୍ୟାଲେଣ୍ଡର ବର୍ଷର ଅନ୍ୟ ଏକ ବିଜ୍ଞପ୍ତି ପ୍ରକାଶ କରାଯିବ ।

## ପୁଣି...

ଅଲଗା ଜେରା କରାଯାଇ ତାଙ୍କ ବୟାନ ରେକର୍ଡ କରାଯାଇଛି । ପରୀକ୍ଷାର୍ଥୀମାନଙ୍କୁ ପ୍ରଥମେ ଜେରା କରି ସେମାନଙ୍କ ଠାରୁ ତଥ୍ୟ ହାସଲ କରାଯିବା ପରେ ଦଲାଲଙ୍କ ସହ ମୁହାଁମୁହି ଜେରା କରାଯିବ । ଇତିମଧ୍ୟରେ ୩ଜଣ ବ୍ୟୁରୋକ୍ରାଟ୍‌ଙ୍କୁ ନୋଟିସ ହୋଇଥିବା କୁହାଯାଉଥିବା ବେଳେ ବାସ୍ତବରେ ଓପିଆର୍‌ବି ଅଫିସରମାନେ ସନ୍ଦେହରେ ଅଛନ୍ତି ।

ପ୍ରଥମେ ଜେରା କରାଯାଇଥିବା ୧୦ଜଣ ପରୀକ୍ଷାର୍ଥୀଙ୍କ ବୟାନ ତଥ୍ୟ ଆଧାରରେ ଦ୍ୱିତୀୟ ପର୍ଯ୍ୟାୟରେ କେଉଁ ପରୀକ୍ଷାର୍ଥୀମାନଙ୍କୁ ଡକାଯିବ ସ୍ଥିର କରାଯାଇଥିଲା । ପଞ୍ଚସପଫର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି ଏହି ଘୋଟାଲାର ମାଷ୍ଟରମାଇଣ୍ଡ । ଦକ୍ଷିଣ ଓଡ଼ିଶା ଦାୟିତ୍ୱରେ ମୁନା ମହାନ୍ତି ଥିବାବେଳେ ଉତ୍ତର ଓଡ଼ିଶା ଦାୟିତ୍ୱରେ ଅରବିନ୍ଦ ଦାସ ଥିଲା । ଏମାନଙ୍କ ଅଧୀନରେ ୧୦ଜଣ ଲେଖାଏଁ ଏଜେଣ୍ଟ କାମ କରୁଥିଲେ । ପରୀକ୍ଷାର୍ଥୀଙ୍କୁ ଜେରା କରାଯିବା ପରେ ସେମାନଙ୍କ ତଥ୍ୟକୁ ଭିତ୍ତିକରି ଦଲାଲ ଓ ବ୍ୟୁରୋକ୍ରାଟ୍‌ମାନଙ୍କୁ ସିବିଆଇ ନୋଟିସ୍ କରିବ ବୋଲି ଖବର ମିଳିଛି । ତଥ୍ୟ ଆଧାରରେ ଦଲାଲ ଓ ପରୀକ୍ଷାର୍ଥୀଙ୍କୁ ମୁହାଁମୁହିଁ ଜେରା କରାଯାଇପାରେ ।

## ଚନ୍ଦକାରେ...

କର୍ମକ୍ଷେତ୍ରକୁ ଫେରିବା ପରିବର୍ତ୍ତେ ପୋଲିସ ତାଙ୍କ ମୃତ୍ୟୁ ଖବର ପାଇଥିଲା । ଗୋଡିବାରି ରାସ୍ତାକଡ ଜଙ୍ଗଲ ଭିତରେ ସ୍କୁଟର ଥୁଆ ହୋଇଥିବା ବେଳେ କିଛି ଦୂରରେ ଶତ୍ରୁଘ୍ନଙ୍କ କ୍ଷତାକ୍ତ ଶବ ପଡ଼ିଥିଲା ।

ଚନ୍ଦକା ଥାନା ପୋଲିସ ଖବର ପାଇବା ପରେ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଶବ ପଞ୍ଚନାମା କରିଛି । ଘଟଣାସ୍ଥଳକୁ ନନ୍ଦନକାନନ ଇନ୍ସପେକଟର ଯାଇ ଚନ୍ଦକା ପୋଲିସକୁ ସହାୟତା କରିଥିଲେ । ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ କିଛି ନମୁନା ସଂଗ୍ରହ କରିଛି । ପୋଲିସ ହତ୍ୟା ମାମଲା ପରିବର୍ତ୍ତେ ଅପମୃତ୍ୟୁ ମାମଲା ରୁଜୁ କରି ଦୁଇଜଣଙ୍କୁ ଅଟକ ରଖିବା ସହ ତଦନ୍ତ ଜାରି ରଖିଛି । ଏହି ଶବକୁ ମିଶାଇ ଚନ୍ଦକାରେ ୪ଟି ଶବର ସନ୍ଧାନ ପାଇଲାଣି ପୋଲିସ । ସେଥିମଧ୍ୟରୁ ଦୁଇଟି ଶବର ଅଭିଯୁକ୍ତମାନେ ହତ୍ୟା ମାମଲାରେ ଗିରଫ ହୋଇଥିବା ବେଳେ ପାଇକରାପୁରରୁ ମିଳିଥିବା ଶବ ସମ୍ପର୍କରେ ସଠିକ୍ ତଥ୍ୟ ମିଳିନାହିଁ । ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ପ୍ରତୀକ୍ଷା କରିଛି ।

## ବିଶ୍ୱରୁ...

ସୁନୀଲ କୁମାର ରାଘବଙ୍କ ନେତୃତ୍ୱରେ ମିଳିତ ଗବେଷଣା ମାଧ୍ୟମରେ ଏକ ପରବର୍ତ୍ତୀ ପିଢ଼ୀର ଟିକା ବିକଶିତ କରାଯାଇଛି । ଏହି ଟିକା ପ୍ରାର୍ଥୀ ବିଦ୍ୟମାନ ଟିବି ଟିକାର ସୁରକ୍ଷାତ୍ମକ ପ୍ରଭାବକୁ ବୃଦ୍ଧି କରିବା ସହିତ ଦୃଢ଼ ହ୍ୟୁମୋରାଲ୍ ଏବଂ କୋଷ-ମଧ୍ୟସ୍ଥତା ପ୍ରତିରକ୍ଷା ପ୍ରତିକ୍ରିୟାକୁ ଗତିଶୀଳ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହାର ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ସ୍ୱାସ୍ଥ୍ୟ ସମ୍ଭାବନାକୁ ଦୃଷ୍ଟିରେ ରଖି, ଜାତୀୟ ଗବେଷଣା ବିକାଶ ନିଗମ ଏହି ପ୍ରଯୁକ୍ତିବିଦ୍ୟାକୁ ସକ୍ରିୟ ଭାବରେ ଚିହ୍ନଟ ଏବଂ ମୂଲ୍ୟାଙ୍କନ କରିଥିଲା ଏବଂ ଏହାର ଉନ୍ନତିକୁ ସୁନିଶ୍ଚିତ କରିବା ପାଇଁ ଲାଇସେନ୍ସ ପ୍ରକ୍ରିୟାକୁ ସହଜ କରିଥିଲା ।

ଏହି ପ୍ରଯୁକ୍ତିବିଦ୍ୟା ବିନିମୟ ଆଇଏଲଏସ ଭୁବନେଶ୍ୱରରେ ଅନେକ ବରିଷ୍ଠ ବ୍ୟକ୍ତିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଆଇଏଲଏସ ନିର୍ଦ୍ଦେଶକ ଡକଟର ଦେବାଶିଷ ଦାସ,ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାକର, ଭୁବନେଶ୍ୱରର ଡିନ୍ (ପ୍ରାୟୋଜିତ ଗବେଷଣା ଏବଂ ଶିଳ୍ପ ପରାମର୍ଶଦାତା ପ୍ରଫେସର ଦିନକର ପାସଲା, ବରିଷ୍ଠ ଆଞ୍ଚଳିକ ପରିଚାଳକ ଏବଂ ମୁଖ୍ୟ ଆଉଟରିଚ୍ କାର୍ଯ୍ୟାଳୟ ଡକଟର ବି. କେ. ସାହୁ ଟେକ୍‌ଇନଭେନସନ୍ ଲାଇଫ କେୟାର ଲିମିଟେଡର ନିର୍ଦ୍ଦେଶକ ଏବଂ ସିଇଓ ସୟଦ ଏସ୍. ଅହମ୍ମଦ ବୈଜ୍ଞାନିକ ଏଫ୍. ଡକଟର ସୁନୀଲ କୁମାର ରାଘବ, ଭୁବନେଶ୍ୱରର ସ୍କୁଲ ଅଫ୍ ବେସିକ୍ ସାଇନ୍ସେସ୍ ପ୍ରଫେସର ଡକଟର ଆଶିଷ ବିଶ୍ୱାସ ଏବଂ ଅନ୍ୟାନ୍ୟ ସମ୍ମାନିତ ଅତିଥିମାନେ ଉପସ୍ଥିତ ଥିଲେ ।

ମାଇକୋବ୍ୟାକେଟରିଅମ୍ ଟ୍ୟୁବରକ୍ୟୁଲୋସିସ୍ ମୁକାବିଲା ପାଇଁ ଭାରତର ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ପ୍ରତିନିଧିତ୍ୱ କରେ । ଏହି ସହଯୋଗ ଭାରତର ଗବେଷଣା ଇକୋସିଷ୍ଟମର ଦୃଢ଼ତା ଏବଂ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜକୁ ସମାଧାନ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଲାଇସେନ୍ସପ୍ରାପ୍ତ ଶିଳ୍ପ ଅଂଶୀଦାର, ଟେକଇନଭେନସନ୍ ଲାଇଫକେୟାର ଲିମିଟେଡ୍, ଏହି ସ୍ୱଦେଶୀ ଟୀକା ପ୍ରଯୁକ୍ତିବିଦ୍ୟାକୁ ଏକ କାର୍ଯ୍ୟକ୍ଷମ ସାର୍ବଜନୀନ ସ୍ୱାସ୍ଥ୍ୟ ସମାଧାନରେ ପରିଣତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଟୀକା ବିକାଶ, ନିୟାମକ ପ୍ରସ୍ତୁତି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ନବସୃଜନରେ ଦୃଢ଼ ବିଶେଷଜ୍ଞତା ସହିତ, ଟେକଇନଭେନସନ୍ ଗଭୀର ବୈଷୟିକ ଶକ୍ତି ଏବଂ ପ୍ରତିଷ୍ଠିତ ଉତ୍ପାଦନ କ୍ଷମତା ଆଣିଥାଏ ।ଏହି ସହଭାଗୀତା ନିଶ୍ଚିତ କରେ ଯେ ମିଳିତ ଭାବରେ ବିକଶିତ ଟୀକା ପ୍ରାର୍ଥୀ ଗବେଷଣାରୁ ଉତ୍ପାଦ ବିକାଶ, ବୈଧତା ଏବଂ ଶେଷରେ ବାଣିଜ୍ୟୀକରଣ ପର୍ଯ୍ୟନ୍ତ ଦକ୍ଷତାର ସହିତ ଅଗ୍ରଗତି କରେ । ଏହା ଯକ୍ଷ୍ମା ଦୂର କରିବା ପାଇଁ ଭାରତର ମିଶନକୁ ସୁଦୃଢ଼ କରେ ଏବଂ ଜାତୀୟ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ପାଇଁ ସ୍ୱଦେଶୀ, ଗବେଷଣା-ଚାଳିତ ସ୍ୱାସ୍ଥ୍ୟସେବା ଉଦ୍ଭାବନର ପରିବର୍ତ୍ତନକାରୀ ସମ୍ଭାବନାକୁ ଗୁରୁତ୍ୱାରୋପ କରେ ।

# ଦ ଗ୍ରେଟ କେଏଫସି ଫେଷ୍ଟିଭାଲର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ କେଏଫସି ଏହାର ନୂତନ କ୍ୟାମ୍ପେନ ଦ ଗ୍ରେଟ କେଏଫସି ଫେଷ୍ଟିଭାଲ ସହିତ ଉତ୍ସବଗୁଡିକୁ ଆହୁରି ବୃଦ୍ଧି କରିବା ପାଇଁ ପ୍ରସ୍ତୁତ ହୋଇଛି । ଦ ଗ୍ରେଟ କେଏଫସି ଫେଷ୍ଟିଭାଲ ୨୯୯ ଟଙ୍କା ଲେଖାଏଁ ଏକ ଅତୁଳନୀୟ ମୂଲ୍ୟରେ ୪ଟି ପର୍ଯ୍ୟନ୍ତ ଫ୍ୟାନ-ଫେଭରାଇଟ ମିଲ ପ୍ରଦାନ କରୁଛି ଚିକେନ ପ୍ରେମୀମାନେ ଏବେ ସୀମିତ ସମୟ ପାଇଁ କ୍ରଂଚି, ଚିଜି ଚିଜା ଓ ଅଲ୍ ଚିକେନ, ନୋ ବନ ଡବଲ ଡାଉନ ବର୍ଗର ପୁଣିଥରେ ଉପଭୋଗ କରିପାରିବେ । ସେହିପରି ।ଏଜ ଓ ପେପ୍ସି ସହିତ ଗୋଲ୍ଡ ବର୍ଗର ଓ ୯ ପିସେସ ଚିକେନ ଭଳି ସିଗ୍ନେଚର ମେନ୍ୟୁ ଆଇଟମଗୁଡିକ ଗ୍ରେଟ କେଏଫସି ଫେଷ୍ଟିଭାଲ ମେନ୍ୟୁକୁ ପରିପୂର୍ଣ୍ଣ କରିଛି । ଏହି ମେନ୍ୟୁକୁ ଏକ କ୍ୟାମ୍ପେନ ଫିଲ୍ମ ସହ ଶୁଭାରମ୍ଭ କରାଯାଇଛି ।

ଏହି କ୍ୟାମ୍ପେନ ସମ୍ପର୍କରେ କେଏଫସି ଇଣ୍ଡିଆ ଓ ପାର୍ଟନର କଂଟ୍ରିସର ସିଏମଓ ଅପର୍ଣ୍ଣା ଭଓ୍ୱାଲ କହିଛନ୍ତି, ଦେଶବ୍ୟାପୀ ଉତ୍ସବପୂର୍ଣ୍ଣ ମନୋଭାବ ସର୍ବୋଚ୍ଚ ସ୍ତରରେ ରହିଛି ଏବଂ ଗ୍ରେଟ କେଏଫସି ଫେଷ୍ଟିଭାଲ ଏହାକୁ ଆହୁରି ବୃଦ୍ଧି କରିବା ପାଇଁ ଆସିଛି । ଏହା ଚିଜା ଓ ଡବଲ ଡାଉନ ଭଳି ଲିମିଟେଡ ଏଡିସନ ଫେଭରାଇଟଠାରୁ ଆରମ୍ଭ କରି ଗୋଲ୍ଡ ଜିଞ୍ଜର ଓ ୯ ପିସେସ ଚିକେନ ଭଳି ସର୍ବାଧିକ ଲୋକପ୍ରିୟ ମେନ୍ୟୁ ଆଇଟମ ପର୍ଯ୍ୟନ୍ତ ସବୁକିଛି ଚିକେନର ଏକ ଉତ୍କୃଷ୍ଟ ଉତ୍ସବ ଅଟେ ।

## AFFIDAVIT

By virtue of an affidavit sworn before The Executive Magistrate Nimapara dated. 24.11.2025, I Dibyabharati Barik. (New Name), Address AT-Niangoroda, PO-Badalasasan, P.S. Nimapara, Dist- Puri, PIN-752106 declare that I have changed my name from Bidya Bharati Barik (Old Name) to Dibyabharati Barik (New Name). Henceforth, I shall be known as Dibyabharati Barik (New Name) for all purpose.

**Dibyabharati Barik (New Name)**

## AFFIDAVIT

By virtue of an affidavit sworn before The Executive Magistrate Nimapara dated. 24.11.2025, I Basanta Manjari Barik (New Name), Address AT- Niangoroda, PO-Badalasasan, P.S- Nimapara, Dist- Puri, PIN-752106 declare that I have changed my name from Basantamanjari Dei (Old Name) to Basanta Manjari Barik (New Name). Henceforth, I shall be known as Basanta Manjari Barik (New Name) for all purpose.

Basanta Manjari Barik (New Name)

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION PHULBANI**

O-1576

**No. 4844 //RWDP Dated. 24.11.2025**

**1st Corrigendum of Online Tender/09/SERWD PHULBANI/2025-26**

1) The partial modification of Road works vide above identification has been made as follows.

| | | | |
|---|---|---|---|
| 1. | Date of availability of Tender | : | 26.11.2025 to 04.12.2025 upto 5.30 PM instead of 06.11.2025 to 18.11.2025 upto 5.30 PM. |
| 2 | Last Date & Time of seeking tender clarification | : | 03.12.2025 at 5.30 instead of 17.11.2025 at 5.30 PM. |
| 3. | Date of opening of Bid | : | 05.12.2025 at 11.00 AM instead of 19.11.2025 at 11.00 AM |

All other contents will remain unchanged.

**Sd/- Superintending Engineer, Rural Works Division, Phulbani**

## MAHARAJA SRIRAM CHANDRA BHANJA DEO UNIVERSITY

**SRIRAM CHANDRA VIHAR, TAKATPUR, BARIPADA-757003(ODISHA)**

**WALK-IN INTERVIEW**

**No. 610 /MSCBU(SFC-205/2019)/2025 Date: 24.11.2025**

A walk-in-interview for engagement of Guest Faculty on purely temporary basis in the subjects RS & GIS, Sanskrit, Yoga and Naturopathy, English, Geology, History, Political Science and Commerce will be conducted as per the scheduled dates. The interested candidates may access the University Website: www.nou.nic.in for details and further updates.

**By order of Vice-Chancellor,**
**Sd/-Chairman, PG Council**

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org.

CAD-2429

ପତ୍ର ସଂଖ୍ୟା ୨୫୨ **ବିଜ୍ଞାପନ** ତା : ୧୫.୧୧.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ୧. ଡାକ୍ତର ସରୋଜିନୀ ଶତପଥି, ସ୍ୱାମୀ– ବାଞ୍ଛାନିଧି ଆଚାର୍ଯ୍ୟ, ୨. ବାଞ୍ଛାନିଧି ଆଚାର୍ଯ୍ୟ, ପିତା–ଭୋଳାନାଥ ଆଚାର୍ଯ୍ୟ, ସା– ନୂଆଶାସନ, ପୋ/ଥାନା–ବଡଚଣା, ଜିଲ୍ଲା–ଯାଜପୁରଙ୍କୁ ଆବଣ୍ଟନ କରାଯାଇଥିଲା । ଏ ଦ୍ୱୟଙ୍କ ମଧ୍ୟରୁ ଡାକ୍ତର ସରୋଜିନୀ ଶତପଥିଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ଏହି ସମ୍ପତ୍ତିରେ ସେମାନଙ୍କ ନାମ ଦରଜ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ ।

| କ୍ରଂନଂ. | ମୃତଆବଣ୍ଟନଗ୍ରହୀତାଙ୍କନାମଓଠିକଣା | ଗୃହରବିବରଣୀ | ଉତ୍ତରାଧିକାରୀଙ୍କନାମ |
|---|---|---|---|
| ୧ | ନାମ–ସ୍ୱର୍ଗୀୟା ଡାକ୍ତରସରୋଜିନୀ ଶତପଥି ସ୍ୱାମୀ–ବାଞ୍ଛାନିଧି ଆଚାର୍ଯ୍ୟ, ସା–ନୂଆଶାସନ, ପୋ/ଥାନା–ବଡଚଣା, ଜିଲ୍ଲା–ଯାଜପୁର | ଗୃହନଂ–ଏଚଆଇ.ଜି(ଡୁପ୍ଲେକ୍ସ)–୪୮ (HIG-(D)-48) ବାଲାକୁନ୍ଦାଣ୍ଡ (ଶୈଳଶ୍ରୀବିହାର) ଚନ୍ଦ୍ରଶେଖରପୁର, ୭ମପର୍ଯ୍ୟାୟ, (୭ ଏକର), ଗୃହନିର୍ମାଣପ୍ରକଳ୍ପ ପୋ–ଶୈଳଶ୍ରୀବିହାର, ଥାନା–ଚନ୍ଦ୍ରଶେଖରପୁର ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା | ୧. ବାଞ୍ଛାନିଧିଆଚାର୍ଯ୍ୟ (ସ୍ୱାମୀ) ୨. ସେଲିନାଆଚାର୍ଯ୍ୟ (କନ୍ୟା) ୩. ସୋନୁଆଚାର୍ଯ୍ୟ (ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/0726/2526

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : https://oshb.org

CAD-2431

ପତ୍ର ସଂଖ୍ୟା ୨୪୬ **ବିଜ୍ଞାପନ** ତା : ୧୩.୧୧.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ–ସ୍ୱର୍ଗତ ଶେଖ ମହମ୍ମଦ, ପିତା – ସ୍ୱର୍ଗତ ଶେଖ ଅହମ୍ମଦ, ସା – ଫକୀରପଡା, ପୋ–ସୁହାଗପୁର ଥାନା–କାକଟପୁର, ଜିଲ୍ଲା–ପୁରୀ | ଘର ନଂ. ଏମ.ଆଇ.ଜି–୦୨ (MIG-02) ବରମୁଣ୍ଡା, ୨ୟ ପର୍ଯ୍ୟାୟ ଭୁବନେଶ୍ୱର ଜିଲ୍ଲା – ଖୋର୍ଦ୍ଧା | ୧. ରୋକେୟା ବେଗମ (ସ୍ତ୍ରୀ) ୨. ମହମ୍ମଦ ସୌଦ (ପୁତ୍ର) ୩. ଅବଦୁଲ ବାରି (ପୁତ୍ର) ୪. ସୁଲତାନା ନିଲୋଫର (ବି.କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**MAHANADI BARRAGE DIVISION, CUTTACK**
**Phone No. 0671-2440118**

A-951

**Email-eembarragedivnctc@gmail.com**

**'e'-procurement Notice No: -19 (MBD 72) /2025-26**

1. Name of work : **"3054 - Road works".**
2. Total No. of works : 1 (One) No of works.
3. Tender Cost : **20.33 lakhs**
4. Mode of Payment of EMD (Bid Security) & Bid Cost : The bidder shall transfer the required amount of EMD (Bid Security) and cost of Bid by online through electronic payment as per Govt, of Odisha WDOM No.17254/W dtd.05.12.2017 as mentioned in DTCN.
5. Period of Completion : 03 (Three) Calendar Months
6. Other details as follows
(i) Procurement Officer : Superintending Engineer, Mahanadi Barrage Division, Cuttack.
(ii) Availability of Tender online for Bidding : 25.11.2025 from 10.00 A.M to 04.12.2025 up to 5.00 P.M.
(iii) Date, Time & Venue of opening of Bid through Online : Dtd.05.12.2025 - 10.00 A.M. in the Office of the Superintending Engineer, Mahanadi Barrage Division, Cuttack.
(iv) Date of Transparent Lottery to be : Conducted (if required) On 12.12.2025 at 11.30 P.M in the office Chamber of the Superintending Engineer, Mahanadi Barrage Division, Gandarpur, Cuttack. (Bidders shall furnish their present e-mail id, address and Telephone No. for further correspondence)

Further details can be seen from the Govt, web site www.tendersodisha.gsov.in.

**Sd/- Superintending Engineer, Mahanadi Barrage Division, Cuttack**

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ନଂ.ST/OT/-AMC-IPS-STATCON-517, ତା.17.11.2025ରିଖ

**କାର୍ଯ୍ୟର ନାମ :** ତିନି ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ମେସର୍ସ Statcon Energiaa INDIA ଲିମିଟେଡ୍ ଦ୍ୱାରା ଉତ୍ପାଦିତ SMPS ଆଧାରିତ ସମନ୍ୱିତ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ (ଟଙ୍କାରେ):** 43,35,466.74, EMD (ଟଙ୍କାରେ) : 86,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/- ।

ବିଡ୍ ଆରମ୍ଭ ହେବା ତାରିଖ : ତା.25.11.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.12.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିଅର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍

PR-824/Q/25-26

## AFFIDAVIT

By virtue of an affidavit sworn before Executive Magistrate Kujanga, Dated. 7.11.25 I, Dipti Ranjan Bhuyan Address At/Po-Nuagan, Ps- Abhayachand Pur, Dist- Jagatsinghpur, Odisha-754141. declare that I have changed the name of my daughter from Arpita Bhuyan to Kumari Arpita Bhuyan. Henceforth, She shall be known as Kumari Arpita Bhuyan for all purpose.

**Applicant Name**
**Dipti Ranjan Bhuyan**

## AFFIDAVIT

I, Chinmayee Bhuyan, W/o- Bijayananda Bhuyan, KV-4, Krishna Nagar, Patrapada, Bhubaneswar-751019, Odisha Declare by this Affidavit No-4868, Dt- 21.11.2025 that now onwards I Shall be Known as **Chinmayee Gachhayat** for all Future Purposes.

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : https://oshb.org

CAD-2434

ପତ୍ର ସଂଖ୍ୟା ୨୫୦ **ବିଜ୍ଞାପନ** ତା : ୧୩.୧୧.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ–ସ୍ୱର୍ଗତ ଧରଣୀଧର ସାହୁ, ପିତା – ସ୍ୱର୍ଗତ ବିଶ୍ୱନାଥ ସାହୁ, ସା – ବୀରକିଶୋର ପୁର, ପୋ/ଥାନା–ଆଠଗଡ଼ ଜିଲ୍ଲା–କଟକ | ଘର ନଂ. ଏମ.ଆଇ.ଜି (ଏସ)–୧୫ (MIG-S-15) ପ୍ରଗତି ଏନକ୍ଲେଭ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା | ୧. ସଞ୍ଜୟ କୁମାର ସାହୁ (ପୁତ୍ର) ୨. ଶାନ୍ତନୁ କୁମାର ସାହୁ (ପୁତ୍ର) ୩. ଚନ୍ଦନ କୁମାର ସାହୁ (ପୁତ୍ର) ୪. ଜୋଛନାମୟୀ ସାହୁ (ବି.କନ୍ୟା) ୫. ଜ୍ୟୋତିର୍ମୟୀ ସାହୁ (ବି.କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**RE- QUOTATION CALL SHORT NOTICE FOR ENGAGEMENT OF TRAWLER FOR SEA PATROLLING DURING 2025-26 SEASON FOR PROTECTION & CONSERVATION OF OLIVE RIDLEY SEA TURTLES.**

**DTCN-03/2025-26 of Puri (WL) Division: Puri**

**MM-296 :** Sealed quotations in plain paper/letterheads are invited from the intending owners having seagoing SONA-type trawler with 400 HP with a valid license along with insurance cover for "Engagement on hire basis for Sea Turtle Protection duty during 2025-26 seasons." The period of engagement shall normally be from December 2025 to March 2026. The owners are to quote the monthly hire charges inclusive of all taxes, if any, but not the cost of fuel, which will be borne by this division. The detailed terms and conditions for the engagement of the trawler can be obtained from the Office of the undersigned during office hours from 25th November, 2025 onwards. The quotation for hiring of the trawler (400 HP) is to be submitted separately.

Sealed quotations are invited **from Dt.25/11/2025 at 10:00 AM to 05/12/2025, up to 3:00 PM.** The quotations will be opened on 06/12/2025 at 1:00PM in the conference hall of the undersigned. The undersigned reserves the right to accept or reject any quotation without assigning any reason thereof.

**Sd/- Divisional Forest Officer**
**Puri (WL) Division, Puri**

E-Mail: eerwdivisiondhenkanal@yahoo.co.in

**Government of Odisha**
**Office of the Superintending Engineer,**
**Rural Works Division, Dhenkanal.**

O- 1562

**e-Procurement Notice No. 15 / Building Works / 2025-26.**

| | | | |
|---|---|---|---|
| 1 | Name of the work | : | **Building Works** |
| 2. | Total No. of Works | : | **03(Three) Nos** |
| 3. | Estimated Cost | : | **Rs. 73.52 to 75.29 lakh (approx.)** |
| 4. | Clasa Contractor | : | **"B" Class** |
| 5. | Period of Completion | : | **08 (Eight) Months** |
| 6. | EMD Required | : | **As mentioned in the Annexure at Column-04** |
| 7. | o online for bidding | : | **27.11.2025 at 11.30 A.M to 11.12.2025 up to 5.00 P.M** |
| 8. | Last Date & Time of seeking tender clarification | : | **10.12.2025 upto 4.00 PM** |
| 9. | Date & Time of opening of tender (Technicals &Financial Bid) | : | **12.12.2025 Technical Bid at 11.00 AM & Financial Bid to be announced** |

**Other Details can be seen from the website http://tendersorissa.gov.in.**

**Sd/- Superintending Engineer**
**R.W. Division, Dhenkanal**

**OFFICE OF THE GENERAL MANAGER,**
**WATCO DIVISION, BERHAMPUR**

C-1534

**e-mail:gmwatcobam@gmail.com / Ph No. 06802233978**

**Government of Odisha "e" Procurement Notice**

**NATIONAL COMPETITIVE BIDDING**

**Bid Identification No. WATCOBAM-13/2025-26 DTD. 18.11.2025**

1. Name of work : Supply of spares for WILO Mather and Piatt V.T. Pump of Berhampur water supply system.
2. Estimated cost : 42.83 Lakh (appox.)
3. Period completion : 1 (one) month.
4. Date & Time of availability of bid document in the Portal : From 11.00 Hrs. of Dt. 26.11.2025. To 17.30 Hrs. of Dt. 08.12.2025.
5. Last date / Time for Bidding in the Portal : 17.30 Hrs. of Dt. 08.12.2025.
6. Date of opening of Tender : On Dt. 09.12.2025 at 11.00Hrs.
7. Name and address of the Officer inviting tender : General Manager, WATCO Division, Berhampur.

Further details can be seen from the e-procurement Portal: **https://tendersodisha.gov.in.**

**Sd/- General Manager,**
**WATCO Division, Berhampur**

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA,**
**DIST: KALAHANDI-766026, E-mail: semel uihep@ohpcltcl.com**
**ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)'**
**Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,**
**Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com**
**WEB: www.ohpcltd.com. CIN: U40101OR1995SGC003963**

**'e'- Procurement Notice**

CAD-2438

**NOTICE INVITING TENDER No.UIHEP/36/2025-26 DATED.21.11.2025**

The Unit Head, UIHEP, Mukhiguda, Dist.- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in Online mode from eligible contractors for the work as detailed in the table below.

| Sl. No. | Name of work | Approx. Estimated cost (in Rs.) | EMD (in Rs.) (online) | Class of Contractor | Cost of bid document (in Rs.) (online) | Period of contract |
|---|---|---|---|---|---|---|
| 1 | Annual up-keeping and cleaning of non-residential building of UIHEP, Mukhiguda | 6,44,293/- (Excluding GST) | 6,450 | **'D' & 'C'** Class Contractor registered with State Govt./ Central Govt./MES/Railways. | 4,000/- + GST @ 18% = 4,720/- | One (01) Calendar Year |

Availability of tender document in the portal: From 25.11.2025 (10:00 Hrs) to 04.12.2025 (up to 13:00 Hrs.)
Last date & time of submission of tenders in the portal: 04.12.2025 up to 13:00 Hrs.
The date & time of opening of the bid: 04.12.2025 at 16:30 Hrs (Only Technical Bid)
The bidders have to participate in ONLINE bidding only. Further details can be seen and tender document can be downloaded from the e-Procurement Portal **"https://tendersodisha.gov.in".**

**Sd/- Unit Head, UIHEP, Mukhiguda**

**OFFICE OF THE SUPERINTENDING ENGINEER**
**RURAL WORKS DIVISION, BALLIGUDA**

O-1420

**Government of Odisha e-Procurement Notice**
**Bid Identification No. Online Tender-12/EERWD BLG/2025-26**
**rw_balliguda@yahoo.com**

Letter No : 3998 // RWDBLG Date : 31.10.2025

| | | | |
|---|---|---|---|
| 1 | Name of the work | : | Building Works |
| 2 | Estimated cost | : | Rs.8.41 Lakhs to Rs.12.08 Lakhs |
| 3 | Period of Completion | : | As per Annexure |
| 4 | Date & Time of availability of Bid documents in the Portal | : | From 25.11.2025 at 10.00 AM to 02.12.2025 up to 5.00 PM |
| 5 | Last Date/ Time for receipt of Bids in the Portal | : | 02.12.2025 up to 5.00 PM |
| 6 | Name and address of the Officer Inviting Bid | : | Executive Engineer, Rural Works Division, Balliguda |

The Bidders have to participate in **ONLINE** bidding only. Further details can be displayed from the e-procurement portal website **https://www.tendersodisha.gov.in** . Any addendum / corrigendum / cancellation of tender can also be seen in the said website only.

**Sd/- Executive Engineer**
**Rural Works Division, Balliguda**

## AFFIDAVIT

By virtue of an affidavit sworn before Executive Magistrate, Daspalla Odisha on dated 24.11.2025 I, Sashidev Jani S/o-Jagat Jani Resident Of Village-Baijhari P.O-Jamusahi P.S- Daspalla Dist-Nayagarh, PIN-752084 declare that I have changed my minor Son's name from Srabani Kumar Jani to Sraban Jani Henceforth, He shall be known as Sraban Jani for all purposes.

**Sd/- Sashidev Jani**

## AFFIDAVIT

By virtue of an affidavit sworn before Executive Magistrate, Nayagarh Odisha on dated. 24.11.2025 I, Basanta Kumari Bhatta, W/o- Rajakishore Bhatta, Resident of Village-Badagorada, P.O-Kesharpur, P.S.- Sarankul, Dist-Nayagarh, PIN-752079 declare that I have changed my name from Basanti Bhatta to Basanta Kumari Bhatta. Henceforth, I shal, be known as Basanta Kumari Bhatta for all purposes.

**Sd/- Basanta Kumari Bhatta**

## AFFIDAVIT

By virtue of an affidavit sworn before Executive Magistrate, Nayagarh Odisha on dated. 24.11.2025 I, Pramod Kumar Pradhan, S/o- Akrur Pradhan, Resident of Village-Khalipatana, P.O- Bhagabanpur, P.S- Fategarh, Dist-Nayagarh, PIN-752077 declare that I have changed my minor Son's name from Dinesh Pradhan to Dinesh Kumar Pradhan. Henceforth, He shall be known as Dinesh Kumar Pradhan for all purposes.

**Sd/- Pramod Kumar Pradhan**

## AFFIDAVIT

By virtue of an affidavit sworn before Executive Magistrate, Nayagarh Odisha on dated. 24.11.2025 I, Tapan Kumar Patra, S/o- Laxmidhar Patra, Resident of Village- Ramachandrapur, P.O- Gopalpur, P.S.-Ranpur, Dist-Nayagarh, PIN-752025 declare that I have changed my minor Son's name from Srikanti Sourav Patra to Srikant Sourav Patra. Henceforth, He shall be known as Srikant Sourav Patra for all purposes.

**Sd/- Tapan Kumar Patra**

## ଦଲିଲ ହଜିଯାଇଛି

ଆମ୍ଭେ କମଳାମଣୀ ସେଠୀ, ସ୍ୱାମୀ ସ୍ୱର୍ଗତ ହରେକୃଷ୍ଣ ସେଠୀ, ସା–ପିଞ୍ଛାବଣିଆ, ପୋ–ହାତିଆଡ଼ିହା, ଥାନା–ରୁପ୍‌ସା, ଜିଲ୍ଲା–ବାଲେଶ୍ୱର ଗତ ତା. ୧୭.୧୧.୨୦୨୫ ରିଖରେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ବାଲେଶ୍ୱରଙ୍କ ଠାରେ ଏକ ସତ୍ୟପାଠ ଦ୍ୱାରା ଅବଗତ କରୁଅଛି କି, ଆମ୍ଭର ଅରଜିନାଲ ବିକ୍ରୟ ଦଲିଲ ନଂ– ୧୫୧ ତା. ୧୭.୦୧.୨୦୦୭ ରିଖ, ଯାହାକି ଖାତା ନଂ– ୨୩୪/୧୧୯, ମୌଜା– ପିଞ୍ଛାବଣିଆ ସମ୍ପର୍କିତ ଦଲିଲଟି ରୁପ୍‌ସା ଥାନା ଅନ୍ତର୍ଗତ ରୁପ୍‌ସା ବଜାରରେ ହଜିଯାଇଛି । ଉକ୍ତ ଘୋଷଣାନାମାକୁ ଆମ୍ଭେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଋଣ ନେବା ସକାଶେ ପେଠ କରିବୁ । ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ ବାବଦରେ ଦାବିଦାର ଅଟନ୍ତି ତେବେ ନୋଟିସ୍ ପ୍ରକାଶନର ୭ଦିନ ମଧ୍ୟରେ ଦାବି କରିପାରିବେ ।

**କମଳାମଣୀ ସେଠୀ**
**ମୋ : ୭୯୭୮୨୪୯୯୦୩**

## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

### "ପୂର୍ଣ୍ଣାଙ୍ଗ ଦ ଓଡ଼ିଶା ରିସର୍ଚ୍ଚ ଫାଉଣ୍ଡେସନ'

# 'ଭାରତ ସେବାଶ୍ରମ ସଂଘ' ପକ୍ଷରୁ ପ୍ରତିବିମ୍ବ ନୃତ୍ୟୋତ୍ସବ





ଭୁବନେଶ୍ୱର (ସବ୍ୟୁ): "ପୂର୍ଣ୍ଣାଙ୍ଗ ଦ ଓଡ଼ିଶା ରିସର୍ଚ୍ଚ ଫାଉଣ୍ଡେସନ' ଏବଂ "ଭାରତ ସେବାଶ୍ରମ ସଂଘ', ଭୁବନେଶ୍ୱରର ସମ୍ମିଳିତ ପ୍ରୟାସରେ ପ୍ରତିବିମ୍ବ ନୃତ୍ୟୋତ୍ସବ ୨୩ ତାରିଖରେ ଆୟୋଜିତ ହୋଇଥିଲା। ଏହି ନୃତ୍ୟୋତ୍ସବର ଆୟୋଜକ ପୂର୍ଣ୍ଣାଙ୍ଗ ଦ ଓଡ଼ିଶା ରିସର୍ଚ୍ଚ ଫାଉଣ୍ଡେସନର ନିର୍ଦ୍ଦେଶକ ଗୁରୁ ଅଭିଜିତ୍ ଦେବଙ୍କର ନିର୍ଦ୍ଦେଶନାରେ ଚୀନ୍, ଜର୍ମାନ୍ ତଥା ଭାରତର ଛାତ୍ରଛାତ୍ରୀ ଏହି ଉତ୍ସବରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଭାରତ ସେବାଶ୍ରମ ସଂଘର ପ୍ରମୁଖ ଶ୍ରୀ ଜଗନ୍ନାଥ ନନ୍ଦ ସ୍ୱାମୀଜୀ ଏବଂ ଓଡ଼ିଶୀ ନୃତ୍ୟଗୁରୁ ଶ୍ରୀମତୀ ମୁକ୍ତିଲତା ପାଲ ମୁଖ୍ୟ ଅତିଥି ଏବଂ ଗୁରୁ ଶ୍ରୀମତୀ ମିନାକ୍ଷୀ ବେହେରା, ଗୁରୁ ଶ୍ରୀମତୀ ମିନତୀ ପ୍ରଧାନ, ଗୁରୁ ସଚ୍ଚିଦାନନ୍ଦ ଦାସ ଏବଂ "ସମୟ' ସମ୍ବାଦପତ୍ରର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ବିଶେଷ ଅତିଥି ଭାବରେ ଯୋଗଦାନ କରିଥିଲେ। ଚୀନ୍, ଜର୍ମାନ ତଥା ଭାରତର ବିଭିନ୍ନ ଅଞ୍ଚଳର ନୃତ୍ୟଶିଳ୍ପୀଙ୍କଦ୍ୱାରା ପ୍ରଦର୍ଶିତ ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ, କଥକ ତଥା ଭାରତନାଟ୍ୟମ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା। ଏହି ଉତ୍ସବରେ ଶିଶୁ କଳାକାରମାନେ ଓଡ଼ିଶୀ ତଥା ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଶିକ୍ଷାର୍ଥୀମାନଙ୍କର ନୃତ୍ୟ କୁଶଳତାକୁ ଦର୍ଶକ ତଥା ଅତିଥିମାନେ ଖୁବ୍ ପ୍ରଶଂସା କରିଥିଲେ।

## କଲେଜ ହଷ୍ଟେଲ ରେ ଛାତ୍ରଙ୍କ ମୃତ୍ୟୁ

ଖୋର୍ଦ୍ଧା, (ସବ୍ୟୁ): ଆଦର୍ଶଥାନା ଅନ୍ତର୍ଗତ ପୁରୁସାହି ଠାରେ ଥିବା ଏକ ଘରୋଇ ବିଜ୍ଞାନ ମହାବିଦ୍ୟାଳୟ ହଷ୍ଟେଲ ପରିସରରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଙ୍କି ରଗଡି ର ଶ୍ରୀକୃଷ୍ଣ ପାତ୍ର (୧୭)। ଶ୍ରୀକୃଷ୍ଣ ଘରୋଇ ବିଜ୍ଞାନ ମହାବିଦ୍ୟାଳୟ ରେ +୨ ଦ୍ୱିତିୟ ବର୍ଷ ରେ ପଢୁଥିଲେ। କିନ୍ତୁ ସେ କିଛିଦିନ ହେବ ଅସୁସ୍ଥ ଥିଲେ। ସେ ଘରକୁ ଯାଇଥିବାବେଳେ ଗତକାଲି ସକାଳୁ ଆଣି ହଷ୍ଟେଲ ରେ ଛାଡିଥିଲେ। କାଲି ମଧ ଶ୍ରୀକୃଷ୍ଣ କ୍ଲାସ କରିଥିଲେ। ଅପରାହ୍ନ ୪ଟା ରୁ ଅସୁସ୍ଥ ଅନୁଭବ କରିଥିଲେ। ଏହାପରେ ସେ ରେଷ୍ଟ ନେଇଥିବାବେଳେ ରାତିରେ ଖାଇଥିଲା। କିନ୍ତୁ ରାତିରେ ଅସୁସ୍ଥ ଅନୁଭବ କରିବାରୁ ମେଡିକାଲ ରେ ଭର୍ତି କରାଯାଇଥିଲା। ରାତି ପ୍ରାୟ ଗୋଟାଏ ବେଳକୁ କଲେଜ କୁ ଫେରିଥିଲେ।ମାତ୍ର ସକାଳୁ ସେ ନଉଠିବାରୁ ତାଙ୍କୁ କର୍ତୃପକ୍ଷ ମେଡିକାଲ ନେଇଥିଲେ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଆଦର୍ଶଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାଯାଇଛି।

### ଗଣଦୁଷ୍କର୍ମ ପୀଡିତା ଡାକ୍ତରଖାନାରେ

# ନେତୃବୃନ୍ଦ ଦିଲ୍ଲୀ ନାଚ ଗୀତରେ : କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାରେ ଘଟିଥିବା ଗଣଦୁଷ୍କର୍ମ ମାମଲା ଉପରେ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ ହୋଇଥିଲା। ସାମ୍ବାଦିକ ସମ୍ମିଳନୀରେ ବୋଲଗଡ ବେଗୁନିଆ ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ନିଜ ମତ ରଖି କହିଲେ, ଖୋର୍ଦ୍ଧା ଜିଲ୍ଲାର ବାଘମାରି ଗ୍ରାମରେ ଘଟିଥିବା ଗଣଦୁଷ୍କର୍ମ ସାରା ରାଜ୍ୟ ପାଇଁ ଏକ ନିନ୍ଦନୀୟ ଘଟଣା। ଏକ ଦଳିତ ନାବାଳିକା ଝିଅକୁ ଦୁଷ୍କର୍ମ ହୋଇଛି ଏବଂ ସେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅବସ୍ଥା ଚିନ୍ତାଜନକ ଅଛି। ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ସରକାରଙ୍କ ନାରୀ ନିର୍ଯାତନା ଆଭିମୁଖ୍ୟକୁ କଡା ସମାଲୋଚନା କରି କହିଥିଲେ ଯେ, ବୀର, ସଂସ୍କୃତି ସମୃଦ୍ଧ ଖୋର୍ଦ୍ଧାରେ ଆଜି ନିଶା କାରବାର, ହତ୍ୟା ଡକାୟତି ଅପହରଣ ସାଙ୍ଗକୁ ଖଣି ଖାଦାନ ଦୁର୍ନୀତି ମାମଲାରେ ରାଜ୍ୟରେ ଦୁର୍ନାମ ଅର୍ଜନ କଲାଣି। ବର୍ତମାନ ପୁଣି ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବେଗୁନିଆ ଅଞ୍ଚଳର ବାଘମାରୀରେ ଜଣେ ନାବାଳିକା ଗଣ ଦୁଷ୍କର୍ମ ଭଳି ଜଘନ୍ୟକାଣ୍ଡ ଘଟି ଆମ ମୁଣ୍ଡ ତଳକୁ କରି ଦେଇଛି। ୪/୫ ଜଣ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ କରି ଖୋର୍ଦ୍ଧା ଡାକ୍ତରଖାନାରେ ବେହୋସ ଅବସ୍ଥାରେ ଛାଡି ପଳାଇଥିଲେ। ପୀଡ଼ିତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲରେ



ଭର୍ତ୍ତି କରାଯାଇଛି। ଦୁଃଖର ସହ କହିବାକୁ ପଡୁଛି ଯେ ଗୋଟିଏ ପଟେ ଗଣ ଦୁଷ୍କର୍ମର ଶିକାର ହୋଇ ଜଣେ ଝିଅ ମୃତ୍ୟୁ ସହ ସଂଗ୍ରାମ କରୁ ଥିବାବେଳେ ଅନ୍ୟପଟେ ଅନ୍ୟ ଏକ ଝିଅର ବାହାଘରରେ କ୍ଷମତାରେ ଥିବା ନେତୃବୃନ୍ଦ ଗୀତ ନାଚରେ ମସଗୁଲ ଅଛନ୍ତି। ପୀଡିତା ତଥା ପରିବାର ବର୍ଗଙ୍କୁ ତୁରନ୍ତ ଆର୍ଥିକ ସହାୟତା ସରକାର ଯୋଗାଇ ଦୋଷୀଙ୍କୁ ଗିରଫ କରି ଦଣ୍ଡ ବିଧାନ ପାଇଁ ସରକାରଙ୍କଠାରେ କଂଗ୍ରେସ ଦାବି କରୁଛି ବୋଲି ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ।

ବରିଷ୍ଠ ସଭାନେତ୍ରୀ ତଥା ପିସିସି ମୁଖପାତ୍ର ସୋନାଲି ସାହୁ କହିଲେ, ସରକାରଙ୍କଠାରୁ ନାରୀ ଆଉ ନ୍ୟାୟ ପାଇବେ ବୋଲି ଆଶା କରିବା ବୃଥା।

ଉପସ୍ଥିତ ଥିବା ରାଜ୍ୟ ମହିଳା କଂଗେସ ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ କହିଲେ, ଆମେ କ୍ୟାପିଟାଲ ହସ୍ପିଟାଲ ଯାଇ ଭେଟିଥିଲୁ। ଦୁଃଖ ଓ ପରିତାପର ବିଷୟ କି ପୀଡ଼ିତା ନାବାଳିକାକୁ ସ୍ଥାନୀୟ ବିଧାୟକ କି ଅନ୍ୟମାନେ କେହି ଭେଟିବାକୁ ଆସିନାହାନ୍ତି କି ସମବେଦନା ଜଣାଇ ନାହାନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ମହିଳା କଂଗ୍ରେସ ନେତ୍ରୀ ସ୍ୱାଗତିକା ପଟ୍ଟନାୟକ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ଚତୁର୍ଦ୍ଦଶ "ବାର୍ଷିକ ଉତ୍ସବ"

ଜଟଣୀ, (ସବ୍ୟୁ) : ଜଟଣୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ମଞ୍ଚ ସଭାପତି ଇଁ ଭକ୍ତବନ୍ଧୁ ଚୌଧୁରୀଙ୍କ ଆବାହକତ୍ୱରେ ସ୍ଥାନୀୟ ଅଗ୍ରୱାଲା ଧର୍ମଶାଳାଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବରିଷ୍ଠ ମହାସଂଘର ପ୍ରତିଷ୍ଠାତା ତଥା ମୁଖ୍ୟ ଉପଦେଷ୍ଟା କୃପାସିନ୍ଧୁ ସାହୁ ଯୋଗଦେଇ ବରିଷ୍ଠ ନାଗରିକମାନେ ଆମ ସମାଜର ଅମୂଲ୍ୟ ସମ୍ପଦ ବୋଲି ଉଦବୋଧନ ରଖିଥିଲେ। ହେଲପେଜ ଇଣ୍ଡିଆ ପ୍ରତିଭା ମାନଂକୁ ବରିଷ୍ଠ ସମ୍ମାନରେ ସମ୍ମାନିତ କରାଯାଇ ଥିଲା। ସେମାନେ ହେଲେ ପ୍ରହ୍ଲାଦ ସାହୁ,ବାମଦେବ ମିଶ୍ର, ନିରଞ୍ଜନ ମହାପାତ୍ର, ରାଧାମୋହନ ପଟ୍ଟନାୟକ, ପ୍ରହଲ୍ଲାଦ ଲେଙ୍କା, ପି ଜଗନ୍ନାଥ ପଟ୍ଟନାୟକ। ଜଟଣୀ ଥାନାର ଆରକ୍ଷୀ ଅଧିକ୍ଷକ ଷ୍ଟାଲିନ ବିଶ୍ୱାଳଙ୍କୁ ମଞ୍ଚ ପକ୍ଷରୁ ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଉପସଭାପତି ସତ୍ୟବାଦୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସଚ୍ଚିଦାନନ୍ଦ ପଟ୍ଟନାୟକ ସମ୍ପାଦକୀୟ



ଭୁବନେଶ୍ୱରର ଭାରତି ଚକ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଜଟଣୀ ଥାନା ଆରକ୍ଷୀ ନୀରିକ୍ଷକ ଷ୍ଟାଲିନ କୁମାର ବିଶ୍ୱାଳ ଯୋଗଦେଇ ବରିଷ୍ଠ ମାନଙ୍କର ସମସ୍ୟା କିପରି ସମାଧାନ ହୋଇପାରିବ ସେଥିପ୍ରତି ଚିନ୍ତା ବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମଞ୍ଚର ସଭାପତି ଭକ୍ତବନ୍ଧୁ ଚୌଧୁରୀଙ୍କ ରଚିତ ଗଳ୍ପ ସଙ୍କଳନ "ଅପ୍ରିୟ ସତ୍ୟ" ପୁସ୍ତକ ଉନ୍ମୋଚନ କରିଥିଲେ। ଏହା ସହିତ ମଞ୍ଚର ବୟୋଜ୍ୟେଷ୍ଠ ବିବରଣୀ ପାଠ କରିଥିଲେ। ପ୍ରହଲ୍ଲାଦ ସ୍ୱାଇଁ, ଅରୁଣ ମହାନ୍ତି ,ପଦ୍ମନାଭ ପାଣିଗ୍ରାହୀ, ପ୍ରଭାତ କୁମାର ସାହୁ, ବିଜୟ ତ୍ରୀପାଠୀ , ଶରତ ଚନ୍ଦ୍ର ଦାଶ, କାହ୍ନୁଚରଣ ସାହୁ ପ୍ରଭୃତି ମଞ୍ଚ ପରିଚଳନା କରିଥିଲେ। ଶରତ ଚନ୍ଦ୍ର ସାହୁ, ପଦ୍ମଲୋଚନ ସାହୁ, ଅର୍ଜୁନ ସାମନ୍ତରା, ଗୋବିନ୍ଦ ଚନ୍ଦ୍ର ସାହୁ, କେ ରାମାରାଓ ସହଯୋଗ କରିଥିଲେ। ପରିଶେଷରେ ବ୍ରଜବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଧର୍ମେନ୍ଦ୍ରଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

## ଚଳଚ୍ଚିତ୍ର ଜଗତ ପାଇଁ ଅପୂରଣୀୟ କ୍ଷତି : ମନମୋହନ

ଭୁବନେଶ୍ୱର, (ସବ୍ୟୁ): ବଲିଉଡ୍‌ର ହି-ମ୍ୟାନ୍, ପଦ୍ମଭୂଷଣ, ପୂର୍ବତନ ସାଂସଦ ଏବଂ କିମ୍ବଦନ୍ତୀ ଅଭିନେତା ଧର୍ମେନ୍ଦ୍ର ଦେଓଲଙ୍କ ମୁମ୍ବାଇସ୍ଥିତ ବାସଭବନରେ ୮୯ବର୍ଷ ବୟସରେ ଦେହାନ୍ତ ହୋଇଛି। ତାଙ୍କ ବିୟୋଗରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସ୍ୱର୍ଗତଃ ଧର୍ମେନ୍ଦ୍ରଙ୍କ ଦେହାନ୍ତରେ ଏକ ଯୁଗର ଅନ୍ତ ହୋଇଛି। ସେ ଜଣେ ଯୁଗଜନ୍ମା କଳାକାର ଭାବେ ଅନେକ ଚଳଚ୍ଚିତ୍ରରେ ତାଙ୍କ ନିପୁଣ ଅଭିନୟରେ ଶ୍ରେଷ୍ଠ ପୁରସ୍କାର ପ୍ରାପ୍ତ କରିବା ସହ ଅନେକ ସୁନାମ ଅର୍ଜନ କରିଥିଲେ। ତାଙ୍କର ଜୀବନ୍ତ ଅଭିନୟ ମାଧ୍ୟମରେ ଦେଶବାସୀଙ୍କ ହୃଦୟରେ ସେ ଯେଉଁ ସ୍ଥାନ ଅଧିକୃତ କରିଛନ୍ତି ତାହା ଚିର କାଳ ପାଇଁ ଅମର। ବଲିଉଡ୍‌ରେ ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶକଙ୍କୁ ମନୋରଞ୍ଜନର ଏକ ଖୋରାକ୍ ଯୋଗାଇଥିଲା ତାଙ୍କ ଅଭିନୟ। ସ୍ୱର୍ଗତଃ ଧର୍ମେନ୍ଦ୍ରଙ୍କ ବିୟୋଗ ଚଳଚ୍ଚିତ୍ର ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରୀ ସାମଲ କହିଛନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତଃ ଧର୍ମେନ୍ଦ୍ରଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗ ପ୍ରତି ଶ୍ରୀ ସାମଲ ସମବେଦନା ଜ୍ଞାପନ କରିଛନ୍ତି।

# ଶାସନ ସୁଦୃଢ଼ୀକରଣ ପାଇଁ ମହିଳା ସଶକ୍ତୀକରଣ ଏକ ରଣନୀତିକ ଆବଶ୍ୟକତା: କୂଟନୀତିଜ୍ଞ

ଭୁବନେଶ୍ୱର, (ସବ୍ୟୁ): ଶାସନ ସୁଦୃଢ଼ୀକରଣ ଓ ଏକ ଅନ୍ତର୍ଭୁକ୍ତ ସଂସ୍କୃତି ସୃଷ୍ଟି ନିମନ୍ତେ ମହିଳା ସଶକ୍ତୀକରଣ ଏକ ରଣନୈତିକ ଆବଶ୍ୟକ ବୋଲି ଭାରତରେ ଅବସ୍ଥାପିତ ୮ଟି ଦେଶର କୂଟନୀତିଜ୍ଞ ଓ ପ୍ରତିନିଧି ସୋମବାର ମତ ପ୍ରଦାନ କରିଛନ୍ତି। ଚିରାଚରିତ ପୁରାତନ ପ୍ରଥାକୁ ଭାଙ୍ଗି ମହିଳାମାନଙ୍କୁ ସମାନ ଅଧିକାର ଦେବା ସହ ବିକାଶ ଏବଂ ସୁଶାସନ ନିମନ୍ତେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିବାର ଆବଶ୍ୟକତା ରହିଛି ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ଆୟୋଜିତ 'ରିଡିଫାଇନିଂ ଲିଡରସିପ୍ : ଦ ରାଇଜ ଅଫ୍ ୱିମେନ୍ ଇନ୍ ଗ୍ଲୋବାଲ ଗଭର୍ଣ୍ଣାନ୍ସ' ଶୀର୍ଷକ ପ୍ରସଙ୍ଗରେ ଏହି ବକ୍ତାମାନେ ମତ ରଖିଛନ୍ତି।

ଶାସନ କ୍ଷେତ୍ରରେ ମହିଳାମାନଙ୍କର ଯୋଗଦାନର ଆବଶ୍ୟକତା ରହିଛି ଏବଂ ସେମାନେ ପୂର୍ଣ୍ଣମାତ୍ରାରେ ଏଥି ସହିତ ଜଡ଼ିତ ହେବା ଉଚିତ୍। କାରଣ ସେମାନେ ଯାହା ବି କାର୍ଯ୍ୟ କରିଥାନ୍ତି ସେଥିରେ ନୂତନ ଉଦ୍‌ଭାବନ ଏବଂ ନୂତନତ୍ୱର ଛାପ ରହିଥାଏ ବୋଲି କହିଛନ୍ତି ସ୍ପେନ୍‌ର ରାଷ୍ଟ୍ରଦୂତ ଜୁଆନ୍ ଆନ୍‌ଟୋନିଓ ମାର୍ଚେ ପୁଜୋଲ। ଶାସନର କେନ୍ଦ୍ର ସ୍ଥଳରେ ମଣିଷର ସମ୍ମାନ ରହିବା ଉଚିତ୍ ଏବଂ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ନେତୃତ୍ୱ କେବଳ କିଛି ହାତଗଣତିଙ୍କ ଦାୟିତ୍ୱ ନୁହେଁ। ଏହା ସାମୁହିକ ଏବଂ ଦୟାପୂର୍ବକ ହେବା ଉଚିତ୍ ବୋଲି ଶ୍ରୀ ପୁଜୋଲ କହିଛନ୍ତି।

ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ଗାଏନାର ରାଷ୍ଟ୍ରଦୂତ ଧର୍ମକୁମାର ସିରାଜ, ଆଲଜେରିଆର ରାଷ୍ଟ୍ରଦୂତ ଡକ୍ଟର ଆବଡେନୋର ଖେଲିଫି, ମାଲଦ୍ୱୀପର ହାଇକମିଶନର ଆଇସେତ ଆଜିମା, ସେସେଲ୍ସର ହାଇକମିଶନର ଶ୍ରୀମତି ହାରିସୋଆ ଲାଲାଟିଆନା ଆକୋଉଚେ, ଗାଏନା ଏମ୍ବାସୀର ଫାଷ୍ଟ ସେକ୍ରେଟାରୀ କେଶଭ ପରସାଉଦ ତେୱାରୀ, ଟିମୋର ଲେଷ୍ଟ ଏମ୍ବାସୀର ସେକେଣ୍ଡ ସେକ୍ରେଟାରୀ ଶ୍ରୀ ଆନ୍‌ଟୋନିଓ ମାରିଆ ଦେ ଜେସସ୍ ଦୋସ ସାନ୍ତୋଷ ଏବଂ ବଲିଭିଆ ଏମ୍ବାସୀର କାଉନ୍‌ସେଲର ଶ୍ରୀମତି ଆର୍ଲେଟ ଗାବ୍ରିଏଲା ବୁସ୍ତାମାଂଟେ ଗାର୍ସିଆ ବକ୍ତବ୍ୟ ରଖିଥିଲେ। ସୋଆର ଉପକୁଳପତି ପ୍ରଫେସର ନୀତା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ପ୍ରସଙ୍ଗକୁ ରୋଚକ ବୋଲି ଦର୍ଶାଇ ଶ୍ରୀ ସିରାଜ କହିଥିଲେ ଯେ ଗାଏନା ୮ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏକ ଛୋଟ ଦେଶ ହୋଇଥିଲେ ମଧ୍ୟ ମହିଳାମାନେ ଏଠାକାର ଶାସନ କ୍ଷମତାରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଛନ୍ତି। କାର୍ଯ୍ୟକ୍ରମ ଶେଷରେ ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




## ଓଷ୍ଟା ମହିଳା କର୍ମକର୍ତ୍ତାଙ୍କ ରାଜ୍ୟସ୍ତରୀୟ କର୍ମଶାଳା ଉଦ୍‌ଯାପିତ

କଟକ, (ସବ୍ୟୁ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ୨ ଦିନିଆ ମହିଳା କର୍ମକର୍ତ୍ତାମାନଙ୍କର ରାଜ୍ୟସ୍ତରୀୟ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳା ଓଷ୍ଟା ପରିସରରେ ଥିବା କୈଳାସ ଚନ୍ଦ୍ର ମହାପାତ୍ର ସଭାଗୃହରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଶିକ୍ଷୟିତ୍ରୀମାନଙ୍କ ଦଳଗତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ୧୨ ଟି ପ୍ରସ୍ତାବ ରାଜ୍ୟ କାର୍ଯ୍ୟକାରୀ କମିଟିରେ ଆଲୋଚନା ପାଇଁ ପଠାଯାଇଥିଲା।

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆନୁକୂଲ୍ୟରେ ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହିଳା କର୍ମକର୍ତ୍ତାଙ୍କ କର୍ମଶାଳାର ଅନ୍ତିମ ଦିବସରେ ସଂଗଠନର ସମୃଦ୍ଧିର ବିଭିନ୍ନ ଦିଗ ଓ ଶିକ୍ଷୟିତ୍ରୀମାନଙ୍କର ଭୂମିକା ଉପରେ ଏକ ଦଳଗତ ଆଲୋଚନା ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ଶିକ୍ଷାର ପ୍ରସାର ପାଇଁ ଓଷ୍ଟା ତା'ର ଜନ୍ମଲଗ୍ନରୁ ଲଢ଼େଇ ଜାରି ରଖିଛି। ସାମ୍ପ୍ରତିକ ସ୍ଥିତିରେ ସରକାର ବିଦ୍ୟାଳୟ ଗୁଡ଼ିକୁ ବର୍ଗୀକରଣ ନକରି ଏକ ରାଜ୍ୟ, ଏକ ପ୍ରକାର ବିଦ୍ୟାଳୟର ପ୍ରସ୍ତାବ ପ୍ରଦାନ କରିବା ସହିତ ଶିକ୍ଷୟିତ୍ରୀ ମାନଙ୍କର ଶିକ୍ଷୟିତ୍ରୀମାନଙ୍କର ବିଭିନ୍ନ ସମସ୍ୟା ଓ ଅନ୍ୟାନ୍ୟ ସାଂଗଠନିକ ପ୍ରସ୍ତାବ ଉପରେ ଆଜିର କର୍ମଶାଳାରେ ଆଲୋଚନା ହୋଇଥିଲା। ଆଲୋଚନାର ପ୍ରାରମ୍ଭରେ ସଂଗଠନର ସାଧାରଣ ସମ୍ପାଦକ ଦଳଗତ ଆଲୋଚନା ଉପରେ ଟିପ୍ପଣୀ ପ୍ରଦାନ କରିବା ସହିତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ବିଭିନ୍ନ ସମସ୍ୟାବଳୀ ସମ୍ପର୍କରେ ଗଠନମୂଳକ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ। ବର୍ତ୍ତମାନର ଜ୍ୱଳନ୍ତ ସମସ୍ୟା ମଧ୍ୟରେ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଗୁଡ଼ିକୁ ଅନୁଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଇଥିବା ଓ ନେବାକୁ ଥିବା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହିତ ପେନସନ୍ ପ୍ରଦାନ, ବିଭିନ୍ନ ଗ୍ରେଡ଼ ପେ ରେ ଥିବା ଅସଙ୍ଗତି ଦୂରୀକରଣ, ଚୁକ୍ତିଭିତ୍ତିକ ଶିକ୍ଷକ ମାନଙ୍କର ନୋସନାଲ୍ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି ଆଦି ବିଷୟରେ ଆଲୋଚନା କରାଯାଇଥିଲା।

ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ ନିଜର ଅଭିଭାଷଣରେ ସଂଗଠନର ଉନ୍ନତିରେ ମହିଳା କର୍ମକର୍ତ୍ତାମାନଙ୍କର ଭୂମିକା ଓ ସେମାନଙ୍କ ମଧ୍ୟରେ ବିଶ୍ୱାସ ଓ ବନ୍ଧୁତା ସମ୍ପର୍କରେ ଆଲୋଚନା କରି ସଂଗଠନକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱ ଦେଇଥିଲେ। କୋଷା।।ଧକ୍ଷ ଅଶୋକ କୁମାର ମହାପାତ୍ର ସଂଗଠନର ବିତ୍ତ ଓ ବିକାଶରେ ମହିଳାମାନଙ୍କର ଭୂମିକା ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ସଭାପତି ଅକ୍ଷୟ କୁମାର ମିଶ୍ର 'ଆମ ସଂଗଠନ ଇତିହାସ ଓ ବ୍ୟବସ୍ଥାରେ ମହିଳାମାନଙ୍କର ଭୂମିକା' ବିଷୟରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ଆମେ ଓ ଆମ ସମ୍ବିଧାନ ଶୀର୍ଷକରେ ଆଲୋକପାତ କରିଥିଲେ। ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ଆମ ମୁଖପତ୍ର ଓ ନାରୀ ସଶକ୍ତିକରଣ ଉପରେ ନିଜର ଅଭିଭାଷଣ ରଖିଥିଲେ। ଆନ୍ଦୋଳନ ସମ୍ପାଦକ ରମାକାନ୍ତ ମହାପାତ୍ର 'ଆନ୍ଦୋଳନରେ ଶିକ୍ଷୟିତ୍ରୀଙ୍କର ଭୂମିକା' ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ମହିଳା ଉପସଭାପତି ରାଜଲକ୍ଷ୍ମୀ ବେହେରା ନାରୀ ସଶକ୍ତିକରଣ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

### ବିଧବା ମହିଳାଙ୍କୁ ନ୍ୟାୟ ଦେବାରେ ଫେଲ ପୋଲିସ ପ୍ରଶାସନ

# ସମ୍ପତ୍ତି ହଡପ ଓ ହତ୍ୟା ଏତଲାକୁ ତିନିମାସ ହେବ ଚାପିରଖିଛି ଧର୍ମଶାଳା ପୋଲିସ

ଚଣ୍ଡିଖୋଲ/ଚଢେଇଧରା, (ସବ୍ୟୁ) ରାଜ୍ୟରେ ଏବେ ଲୋକଙ୍କ ସରକାର ଚାଲିଛି। କୌଣସି ପରିସ୍ଥିତିରେ ସାଧାରଣ ଲୋକ ନ୍ୟାୟ ଓ ଅଧିକାରରରୁ ବଞ୍ଚିତ ହେବେନାହିଁ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ହେଲେ ବିଡମ୍ବନାର ବିଷୟ ଯାଜପୁର ଜିଲ୍ଲାର ଧର୍ମଶାଳା ଥାନା ପୋଲିସ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ଖାତିର କରୁନଥିବା ଦେଖାଯାଇଛି। କୋଟିକୋଟି ଟଙ୍କାର ସମ୍ପତ୍ତି ହଡପ ପାଇଁ ତାଙ୍କ ସ୍ୱାମୀଙ୍କୁ ସୁଚିନ୍ତିତ ଭାବେ ହତ୍ୟା କରାଯାଇଥିବା ପରି ଏକ ସ୍ୱର୍ଶକାତର ଘଟଣାକୁ ନେଇ ଜଣେ ମହିଳା ଧର୍ମଶାଳା ଥାନାରେ ଲିଖିତ ଏତଲା ଦାୟର କରିଥିଲେ ମଧ ପୋଲିସ ଏତଲାକୁ ପଞ୍ଜିକୃତ ନକରି ଦୀର୍ଘ ତିନି ମାସରୁ ଉର୍ଦ୍ଧ୍ୱ ହେବ ଘଟଣାକୁ ଚାପିରଖିଥିବା ଅଭିଯୋଗ ହୋଇଛି। ଅଭିଯୋଗ କାରିଣୀ ଦୁଇ ପିଲାଙ୍କ ସହ ତାଙ୍କ ବାପଘରେ ଥିବା ସମୟରେ ଗତ ଅଗଷ୍ଟ ମାସ ୨ ତାରିଖରେ ତାଙ୍କ ଘରଡିହ ସହ ବହୁକୋଟି ଟଙ୍କାର ପୈତୃକ ସମ୍ପତ୍ତିକୁ ଚଞ୍ଚକତା କରି ତାଙ୍କ ବିବାହିତା ନଣନ୍ଦ ଓ ଦେଢଶୁର ନିଜ ନାମରେ କରିନେଇଥିଲେ ଏବଂ ଜମି କବଲାର ୧୩ ଦିନପରେ ଅଗଷ୍ଟ ୧୫ତାରିଖରେ ନଣନ୍ଦଙ୍କ ଘରେ ତାଙ୍କ ସ୍ୱାମୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଥିଲା। ଯେଉଁ ନଣନ୍ଦ ଚଞ୍ଚକତା କରି ତାଙ୍କ ସମ୍ପତ୍ତି ହଡପ କରିଛନ୍ତି ତାଙ୍କରି ଘରେ ସ୍ୱାମୀଙ୍କ ଅଶ୍ୱଭାବିକ ମୃତ୍ୟୁ ହୋଇଥିବାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସେ ଏତଲାରେ ଦର୍ଶାଇବା ସହ ତାଙ୍କୁ ଓ ତାଙ୍କ ପିଲାମାନଙ୍କୁ ଉପଯୁକ୍ତ ନ୍ୟାୟ ଦେବାକୁ ନେହୁରା ହୋଇଛନ୍ତି। ଇତି ମଧ୍ୟରେ ଅଭିଯୋଗ କାରିଣୀ ଓ ତାଙ୍କ ପରିବାର ୧୫ରୁ ଉର୍ଦ୍ଧ୍ୱଥର ଥାନାକୁ ଯାଇ ନ୍ୟାୟପାଇଁ ପୋଲିସକୁ ନେହୁରା ହୋଇଛନ୍ତି। ଏହାସହ ଯାଜପୁର ଏସପିଙ୍କୁ ସାକ୍ଷାତ କରି ନ୍ୟାୟଭିକ୍ଷା କରିଥିଲେ ମଧ ଅଦ୍ୟାବଧି ପୋଲିସ ତାଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଛି। ସେ ଦାୟର କରିଥିବା ଏତଲାକୁ ପଞ୍ଜିକୃତ କରି ଘଟଣାର ତଦନ୍ତ ସହ ଅଭିଯୁକ୍ତ ମାନଙ୍କୁ ଧରିବା ପରିବର୍ତ୍ତେ ଏହାକୁ ରଫାଦଫା କରିବା ପାଇଁ ପୋଲିସ ତାଙ୍କ ଉପରେ ଚାପ ପକାଇ ଚାଲିଥିବା ସଂପୃକ୍ତ ଏତଲାକାରୀ ଅଭିଯୋଗ କରିଛନ୍ତି। ତେବେ କେଉଁ ସ୍ୱାର୍ଥରେ ବା କାହା ଚାପରେ ପୋଲିସ ଏପରି ଏକ ଜଘନ୍ୟ ଘଟଣାକୁ ଦୀର୍ଘ ଦିନ ହେବ ଚପାଇ ରଖିଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ବାହାରେ ପ୍ରଘଟ ହେବାପରେ ଆଲୋଡନ ସୃଷ୍ଟି ହୋଇଛି।

ଯାଜପୁର ଜିଲ୍ଲା ଜେନାପୁର ଥାନା ରାମଚନ୍ଦ୍ରପୁର ଗ୍ରାମର ବିକ୍ରମ ବେହେରାଙ୍କ ଭଉଣୀ ଝରଣା ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଗଙ୍ଗାଧରପୁର ଗ୍ରାମର ମକରଧ୍ୱଜ ସାହୁଙ୍କ ପୁଅ ପ୍ରଶାନ୍ତ ସାହୁଙ୍କୁ ୨୦୦୪ ମସିହାରେ ବିବାହ କରିଥିଲେ। ପ୍ରଶାନ୍ତ ଓ ଝରଣାଙ୍କର ଏବେ ଗୋଟିଏ ୧୩ ବର୍ଷର ପୁଅ ଓ ଅନ୍ୟ ଏକ ୧୬ ବର୍ଷର ଝିଅ ଅଛନ୍ତି! ଶାଶୁ ଘରଲୋକେ ସ୍ୱାମୀକୁ ହାତକରି ଝରଣାଙ୍କ ଉପରେ ଅତ୍ୟାଚାର କରିବା ଯୋଗୁଁ ସେ ଜୀବନ ବିକଳରେ ଶାଶୁଘରୁ ଚାଲିଆସି ପୁଅଝିଅ ସହିତ ବାପଘରେ ରହୁଥିଲେ। ଝରଣାଙ୍କ ସ୍ୱାମୀ ପ୍ରଶାନ୍ତ ମଧ୍ୟ ନିଜ ଶଶୁର ଘରକୁ ନିୟମିତ ଆସି ସ୍ତ୍ରୀ ଓ ପିଲାମାନଙ୍କ ସହିତ ମିଶିବା ସହ ସେମାନଙ୍କ ଭଲମନ୍ଦ ବୁଝୁଥିଲେ। ଗତ ଜୁଲାଇ ୨୦ ତାରିଖରେ ଶେଷଥର ପାଇଁ ପ୍ରଶାନ୍ତ ଶଶୁର ଘରକୁ ଆସି ନିଜ ପିଲାମାନଙ୍କ ସହ କଥାହୋଇ କିଛିଦିନ ମଧ୍ୟରେ ସମସ୍ତଙ୍କୁ ଘରକୁ ନେଇ ଯିବାକୁ କହି ଯାଇଥିଲେ! ହେଲେ ଗତ ଅଗଷ୍ଟ ମାସ ୧୫ ତାରିଖ ରାତିରେ ଝରଣାଙ୍କ ଦେଢଶୁର ହଠାତ ତାଙ୍କୁ ଫୋନରେ କହିଲେ କି ତୁମ ସ୍ୱାମୀ ପ୍ରଶାନ୍ତ ମରିଯାଇଛି। ଏହି ଖବରପାଇ ନିଜ ପିଲାଙ୍କ ସହ ଝରଣା ଶାଶୁଘରେ ପହଞ୍ଚି ସ୍ୱାମୀ କେମିତି ମଲେ ସେ ସମ୍ପର୍କରେ ପଚାରିବା ସହ ତାଙ୍କ ଚିକିତ୍ସା କାଗଜପତ୍ର ଦେଖିବାକୁ ଚାହିଁଥିଲେ। ହେଲେ ଶାଶୁଘର ଲୋକେ ଡାକ୍ତର ରିପୋର୍ଟ ଦେଖାଇବା ପରିବର୍ତ୍ତେ ତାଙ୍କୁ ଗାଳିଗୁଲଜ କରିଥିଲେ! ତେବେ ସ୍ୱାମୀଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ସେ ସୁଧିକ୍ରିୟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ହେଲେ ସେ ବାପଘରେ ଥିବା ବେଳେ ତାଙ୍କ ଅଜାଣତରେ ସ୍ୱାମୀଙ୍କ ନାମରେ ଥିବା ତାଙ୍କ ଡିହବାଡି ସମେତ ବହୁ କୋଟି ଟଙ୍କାର ସମସ୍ତ ପୈତୃକ ସମ୍ପତ୍ତିକୁ ତାଙ୍କର ବିବାହିତା ନଣନ୍ଦ ନୟନା ସାହୁ ଓ ଦେଢଶୁର ପ୍ରଫୁଲ ସାହୁ ଚଞ୍ଚକଥା କରି ନିଜ ମାମରେ କରାଇ ନେଇଥିବା ଓ ତାଙ୍କ ସ୍ୱାମୀ ନିଜଘରେ ନୁହେଁ ତାଙ୍କ ନଣନ୍ଦଙ୍କ ଘରେ ଅଶ୍ୱଭାବିକ ଭାବେ ମୃତ୍ୟବରଣ କରୀଥିବା ଜାଣିବାକୁ ପାଇଥିଲେ। ଏହା ଜାଣିବା ପରେ ଝରଣା ପ୍ରଥମେ ହୋଇଥିବା ଜମି କବଲାକୁ ଯାଞ୍ଚ କରିଥିଲେ। ସେଥିରେ ତାଙ୍କ ସ୍ୱାମୀଙ୍କ ଦସ୍ତଖତ ନଥାଇ କେବଳ ଏକ ଟିପଚିହ୍ନ ଥିବା ଜଣା ପଡିଥିଲା। ଅପରପକ୍ଷରେ ତାଙ୍କ ସ୍ୱାମୀ ପଢାଲେଖା ସହ ସମସ୍ତ କାଗଜପତ୍ରରେ ପୂର୍ବରୁ ଦସ୍ତଖତ କରୁଥିଲା ବେଳେ ଓ ନିଜର ସ୍ତ୍ରୀ ଓ ଦୁଇ ପିଲା ଥିବା ସତ୍ତ୍ୱେ ସେ କିପରି କେବଳ ଟିପଚିହ୍ନ ଦେଇ ନିଜର ଘରଡିହ ସହ ସମସ୍ତ ପୈତୃକ ସମ୍ପତ୍ତିକୁ ଅନ୍ୟ ନାମରେ କବଲା କରାଇଦେଲେ ତାହା ଅଧିକ ସଂଦେହ ସୃଷ୍ଟି କରିଥିଲା। ଯାହାକୁ ନେଇ ସେ ସମସ୍ତ ବିଷୟ ଉଲେଖ କରି ସେଷ୍ଟେମ୍ବର ମାସ ୩୦ ତାରିଖରେ ଧର୍ମଶାଳା ଥାନାରେ ଏତଲା ଦେଇଥିଲେ। ହେଲେ ପୋଲିସ ଏପରି ଏକ ଜଘନ୍ୟ ଘଟଣାକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲା। ଏଥିରେ ବ୍ୟଥିତ ହୋଇ ଅଭିଯୋଗ କାରିଣୀ ପୁନର୍ବାର ଅକ୍ଟୋବର ମାସ ୧୦ ତାରିଖରେ ଧର୍ମଶାଳା ଥାନାକୁ ଯାଇ ପୁନର୍ବାର ଏକ ଲିଖିତ ଅଭିଯଗ କରିବା ସହ ତାଙ୍କୁ ନ୍ୟାୟ ଦେବାକୁ ଥାନା ଅଧିକାରୀଙ୍କୁ ନେହୁରା ହୋଇଥିଲେ। ଏହାପରେ ମଧ ପୋଲିସ କେଶ ପଞ୍ଜିକରଣ ନକରି ଚୁପହୋଇ ବସିବା କାରଣରୁ ଗତ ୨୫/୧୦/୨୦୨୫ ଦିନ ଅଭିଯୋଗ କାରିଣୀ ଯାଜପୁର ଏସପିଙ୍କୁ ସାକ୍ଷାତକରି ତାଙ୍କୁ ଉଚିତ ନ୍ୟାୟ ଦେବାକୁ ଲିଖିତ ଅଭିଯୋଗ କରିଥିଲେ। ତେବେ ଇତି ମଧ୍ୟରେ ଏତେବଡ ଘଟଣାକୁ ତିନି ମାସରୁ ଉର୍ଦ୍ଧ୍ୱ ସମୟ ବିତିଯିବା ପରେ ବି ଧର୍ମଶାଳା ଥାନା ପୋଲିସ ତାଙ୍କୁ ନ୍ୟାୟ ଦେବାତ ଦୂରର କଥା ଅଦ୍ୟାବଧି ତାଙ୍କ ଏତଲାକୁ ପଞ୍ଜିକୃତ କରିନଥିବା ଅଭିଯୋଗ କାରିଣୀ କହିଛନ୍ତି। ଅପରପକ୍ଷରେ ଏହି ଘଟଣାକୁ ରବାଦଫା କରିଦେବା ପାଇଁ ପୋଲିସ ତାଙ୍କ ଉପରେ ବାରମ୍ବାର ଚାପ ପକାଇ ଆସୁଥିବା ମଧ ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ଥାନା ଅଧିକାରୀଙ୍କୁ ପଚାରିବାରୁ ଏହି ଘଟଣାକୁ ପ୍ରଥମେ ତଦନ୍ତ କର ତା ପରେଯାଇ କେଶ ପଞ୍ଜିକରଣ ହେବ ବୋଲି ମୋତେ ଏସପି ଓ ଏସଡିପିଓ କହିଥିବାରୁ ମୁଁ କେଶ ପଞ୍ଜୀକୃତ କରିନାହିଁ ବୋଲି କହିଛନ୍ତି। ତେବେ ଏତଲା ପାଇବା ପରେ କେଶ ପଞ୍ଜୀକରଣ ହୋଇଥାଏ ଓ ତାପରେ ଏତଲାକୁ ଆଧାର କରି ସେହି କେଶର ତଦନ୍ତ ହେବାର ନିୟମ ତଥା ବିଧି ବ୍ୟବସ୍ଥା ରହିଥିବା ବେଳେ ଏହି ଘଟଣାରେ ନିୟମ ବହିର୍ଭୁତ କାର୍ଯ୍ୟ କରିବାକୁ ଥାନା ଅଧିକାରୀଙ୍କୁ ଯାଜପୁର ଏସପି ଓ ଏସଡିପିଓ କିପରି ନିର୍ଦ୍ଦେଶ ଦେଲେ,ନା ନିଜକୁ ବଞ୍ଚାଇବା ପାଇଁ ଥାନା ଅଧିକାରୀ ଏପରି କହିଛନ୍ତି ତାହାର ସତ୍ୟାସତ୍ୟ ଉପରେ ତର୍ଜମା ହେବା ସହିତ ଅଭିଯୋଗ କାରିଣୀ ବିଧବା ମହିଳା ଓ ତାଙ୍କ ଦୁଇ ପିଲାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ସାଧାରତରେ ଦାବି ହୋଇଛି।


# ପବନ ହଂସ ଶ୍ମଶାନ ଘାଟରେ ଭିଡ...........







# ହି ମ୍ୟାନଙ୍କୁ ନେଇ ଅନେକ କଥା ଓ ଗାଥା



ମୁମ୍ବାଇ : ବଲିଉଡର ହି-ମ୍ୟାନ୍ ଭାବରେ ଜଣାଶୁଣା ଅଭିନେତା ଧର୍ମେନ୍ଦ୍ରଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ହୋଇଥିଲା । ସେ ଦୀର୍ଘ ସମୟ ଧରି ବାର୍ଦ୍ଧକ୍ୟଜନିତ ରୋଗ ସହିତ ଲଢୁଥିଲେ । ସେ ତାଙ୍କ କ୍ୟାରିଅରରେ ବହୁ ଫିଲ୍ମରେ ଅଭିନୟ କରିଥିଲେ ।

ଫିଲ୍ମରେ ଅଭିନୟ ସହିତ, ସେ ତାଙ୍କର ଲୁକ୍ ପାଇଁ ମଧ୍ୟ ବହୁତ ଚର୍ଚ୍ଚାରେ ଥିଲେ । ତାଙ୍କୁ ସବୁଠାରୁ ସୁନ୍ଦର ଅଭିନେତା କୁହାଯାଉଥିଲା । ୩୦୦ରୁ ଅଧିକ ଫିଲ୍ମରେ କାମ କରିଥିବା ଧର୍ମେନ୍ଦ୍ରଙ୍କ ପ୍ରାରମ୍ଭିକ ଜୀବନ କଷ୍ଟକର ଥିଲା । ସେ କୋଟି କୋଟି ଟଙ୍କାର ସମ୍ପତ୍ତି ଛାଡ଼ି ଯାଇଛନ୍ତି ।

ଧର୍ମେନ୍ଦ୍ର ଇଣ୍ଡଷ୍ଟ୍ରିର ସୁନ୍ଦର ନାୟକ ଭାବରେ ଜଣାଶୁଣା ଥିଲେ । ପରିସ୍ଥିତି ଏପରି ଥିଲା ଯେ, ଦିଲୀପ କୁମାର ତାଙ୍କ ପରବର୍ତ୍ତୀ ଜୀବନରେ ଧର୍ମେନ୍ଦ୍ରଙ୍କ ପରି ହେବାକୁ ଚାହୁଁଥିଲେ ବୋଲି ମଧ୍ୟ କହିଥିଲେ । ଦିଲୀପ କୁମାର ତାଙ୍କ ବ୍ୟକ୍ତିତ୍ୱର ଜଣେ ପ୍ରଶଂସକ ଥିଲେ । ୧୯୯୭ ମସିହାରେ, ୪୨ତମ ଫିଲ୍ମଫେୟାର ପୁରସ୍କାରରେ, ଦିଲୀପ କୁମାର କହିଥିଲେ ଯେ, ଯେତେବେଳେ ସେ ଧର୍ମେନ୍ଦ୍ରଙ୍କୁ ଦେଖିଲେ, ସେ ମୋହିତ ହୋଇ ଯାଇଥିଲେଛ ଦେବ ଆନନ୍ଦ ତାଙ୍କୁ ଦେଖି ତାଙ୍କ ପରି ଏକ ମୁହଁ ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ । ଧର୍ମେନ୍ଦ୍ର ଦଶନ୍ଧି ଧରି ଇଣ୍ଡଷ୍ଟ୍ରିରେ ରାଜତ୍ୱ କରିଥିଲେ । ସେ ୬୦ ଦଶକର ଶେଷ ଭାଗରେ ଡେବ୍ୟୁ କରିଥିଲେ ଏବଂ ୯୦ ଦଶକ ପର୍ଯ୍ୟନ୍ତ ପରଦାରେ ରାଜତ୍ୱ କରିଥିଲେ ।

ଧର୍ମେନ୍ଦ୍ର ଅର୍ଜୁନ ହିଙ୍ଗୋରାନିଙ୍କ ନିର୍ଦ୍ଦେଶିତ ଦିଲ୍ ଭି ତେରା ହମ୍ ଭି ତେରେ ଫିଲ୍ମରୁ ତାଙ୍କ କ୍ୟାରିଅର୍ ଆରମ୍ଭ କରିଥିଲେ । ଏହି ଫିଲ୍ମ ପାଇଁ ଅଭିନେତାଙ୍କୁ ଶହେ ଟଙ୍କା ମଧ୍ୟ ଫିସ୍ ମିଳି ନଥିଲା ।ସେ ରିଆଲିଟି ଶୋ ଡ୍ୟାନ୍ସ ଦିୱାନେରେ ତାଙ୍କ ଫିସ୍ ବିଷୟରେ ଆଲୋଚନା କରିଥିଲେ । ସେ କହିଥିଲେ, ଯେତେବେଳେ ସେ ଦିଲ୍ ଭି ତେରା ହମ୍ ଭି ତେରେର ନିର୍ଦ୍ଦେଶକଙ୍କୁ ଭେଟିଥିଲେ, ସେତେବେଳେ ସେ ଭାବିଥିଲେ, ତାଙ୍କୁ ୫,୦୦୦ ଟଙ୍କା ସାଇନିଂ ରାଶି ମିଳିବ । କିନ୍ତୁ ସେଠାରେ ତିନି ଜଣ ଲୋକ ବସିଥିଲେ, ଏବଂ ସେ ସେମାନଙ୍କଠାରୁ କେବଳ ୧୭-୧୭ ଟଙ୍କା ପାଇଥିଲେ । ଅଭିନେତା କହିଥିଲେ, ସେ ସେମାନଙ୍କଠାରୁ ପାଇଥିବା ସେହି ୫୧ ଟଙ୍କାକୁ ମୂଲ୍ୟବାନ ମନେ କରନ୍ତି । ତାଙ୍କ ଚଳଚ୍ଚିତ୍ର ଡେବ୍ୟୁ ପରେ, ସେ ବହୁ ଫିଲ୍ମରେ କାମ କରିଥିଲେ ଏବଂ କୋଟି କୋଟି ଟଙ୍କାର ସମ୍ପତ୍ତି ଅର୍ଜନ କରିଥିଲେ ।

ପ୍ରଥମ ଫିଲ୍ମ ପାଇଁ ୫୧ ଟଙ୍କା ପାଇଥିବା ଧର୍ମେନ୍ଦ୍ର କୋଟି କୋଟି ଟଙ୍କାର ସମ୍ପତ୍ତିର ମାଲିକ । ସେ ୩୦୦ ରୁ ଅଧିକ ଫିଲ୍ମରେ କାମ କରି ୩୩୫ ଟଙ୍କା କୋଟିରୁ ଅଧିକ ଟଙ୍କା ସଂଗ୍ରହ କରିଛନ୍ତି । କିଛି ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ତାଙ୍କର ପ୍ରାୟ ୪୫୦ କୋଟି ମୂଲ୍ୟର ସମ୍ପତ୍ତି ରହିଛି । ଏଥିରେ ୧୦୦ ଏକରର ଏକ ଫାର୍ମହାଉସ୍, ୧୨ ଏକରର ଏକ ରିସର୍ଟ, ଘର ଏବଂ ବିଳାସପୂର୍ଣ୍ଣ କାର ଅନ୍ତର୍ଭୁକ୍ତ । ଏହା ବ୍ୟତୀତ, ଅଭିନେତାଙ୍କ ପାଖରେ ଗରମ ଧର୍ମ ଢାବା ମଧ୍ୟ ଅଛି । ସେଥିରୁ ସେ ତାଙ୍କର ବ୍ୟବସାୟ ଆରମ୍ଭ କରିଥିଲେ । ସେ ପରବର୍ତ୍ତୀ ସମୟରେ କର୍ଣ୍ଣାଲ ହାଇୱେରେ ହେମନ ନାମକ ଆଉ ଏକ ରେଷ୍ଟୁରାଣ୍ଟ ଖୋଲିଥିଲେ । ଏହା ବ୍ୟତୀତ, ଧର୍ମେନ୍ଦ୍ରଙ୍କର ମହାରାଷ୍ଟ୍ରରେ ୧୭ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଅଛି । ଏହା ବ୍ୟତୀତ, ସେ ମହାରାଷ୍ଟ୍ରରେ ଯଥାକ୍ରମେ ୮୮ ଲକ୍ଷ ଏବଂ ୫୨ ଲକ୍ଷ ମୂଲ୍ୟର କୃଷି ଏବଂ ଅଣ-କୃଷି ଜମିରେ ନିବେଶ କରିଥିବା କୁହାଯାଉଛି ।

ଧର୍ମେନ୍ଦ୍ରଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ କହିବାକୁ ଗଲେ, ସେ ଦୁଇଥର ବିବାହ କରିଥିଲେ । ତାଙ୍କର ପ୍ରଥମ ପନୀ ପ୍ରକାଶ କୌର ଥିଲେ, ଯାହାଙ୍କୁ ସେ କମ୍ ବୟସରେ ବିବାହ କରିଥିଲେ । ଏହି ସମ୍ପର୍କରୁ ତାଙ୍କର ଚାରି ସନ୍ତାନ ଅଛନ୍ତି । ସେମାନେ ହେଲେ ସନି ଦେଓଲ, ବବି ଦେଓଲ, ଅଜିତା ଦେଓଲ ଏବଂ ବିଜେତା ଦେଓଲ ।

ଚଳଚ୍ଚିତ୍ରରେ କାମ କରିବା ସମୟରେ, ସେ ହେମା ମାଳିନୀଙ୍କ ପ୍ରେମରେ ପଡ଼ିଥିଲେ । ତା'ପରେ ସେ ପ୍ରଥମ ପତ୍ନୀଙ୍କୁ ଛାଡପତ୍ର ନ ଦେଇ ଦ୍ୱିତୀୟ ଥର ପାଇଁ ହେମାଙ୍କୁ ବିବାହ କରିଥିଲେ । ଏହି ସମ୍ପର୍କରୁ ତାଙ୍କର ଦୁଇ ଝିଅ, ଈଶା ଏବଂ ଆହାନା ଅଛନ୍ତି ।

## ପାକିସ୍ତାନରେ ବିସ୍ଫୋରଣ : ୩ କମାଣ୍ଡୋଙ୍କ ସମେତ ୬ ମୃତ

ଇସଲାମବାଦ : ପାକିସ୍ତାନର ପେଶାୱାର ଠାରେ ଥିବା ଫ୍ରଣ୍ଟିୟର ପୋଲିସ୍ ମୁଖ୍ୟାଳୟ ନିକଟରେ ବଡ଼ ଅଘଟଣ । ୩ ବନ୍ଧୁକଧାରୀ ଆଖିବୁଜା ଗୁଳିମାଡ଼ କରିବା ସହ ସେମାନଙ୍କ ମଧ୍ୟରୁ ୨ ଜଣ କରିଛନ୍ତି ବିସ୍ଫୋରଣ । ପୋଲିସ ମୁଖ୍ୟାଳୟକୁ ଟାର୍ଗେଟ କରି ହୋଇଥିବା ହମଲାରେ ପାକିସ୍ତାନୀ ସେନାର ୩ ଜଣ କମାଣ୍ଡୋ ପ୍ରାଣ ହରାଇଛନ୍ତି ।

ସେହିପରି ଆକ୍ରମଣରେ ସାମିଲ ଥିବା ୩ ଜଣ ମଧ୍ୟ ନିହତ ହୋଇଛନ୍ତି । ଏହି ଗୁଳିମାଡ଼ ଓ ଡବଲ ବିସ୍ଫୋରଣରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି । ତେଣୁ ଆଗକୁ ମୃତ୍ୟୁସଂଖ୍ୟା ବିବାର ଯଥେଷ୍ଟ ଆଶଙ୍କା ରହିଛି ।

ମିଳିଥିବା ସୂଚନା ଅନୁସାରେ, ଆଜି ସକାଳ ୮ଟାରେ ପ୍ରଥମେ ଆକ୍ରମଣ ହୋଇଥିଲା । ପ୍ରଥମ ଆକ୍ରମଣକାରୀମାନେ ଅର୍ଦ୍ଧସାମରିକ ବାହିନୀର ମୁଖ୍ୟ ଗେଟ୍ ନିକଟରେ ଡବଲ ବିସ୍ଫୋରଣ କରିଥିଲେ । ଏହାପରେ ବନ୍ଧୁକଧାରୀମାନେ ଏହା ଭିତରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ । ସେମାନେ ଆଖିବୁଜା ଗୁଳି ମାଡ଼ କରିବାରୁ କମାଣ୍ଡୋ ଓ ପୁଲିସ୍ ୟୁନିଟ ପକ୍ଷରୁ ଏହାର ଜବାବ ଦିଆଯାଇଥିଲା । ଏହି ସମୟରେ ବିଲଡିଂ ପରିସରରେ ୩ ଆକ୍ରମଣକାରୀ ନିହତ ହୋଇଥିଲେ ।



କମ୍ପ୍ଲେକ୍ସର ପ୍ରବେଶ ପଥରେ ହୋଇଥିବା ହୋଇଥିବା ବିସ୍ଫୋରଣରେ ହିଁ ୩ ଜଣ କମାଣ୍ଡୋ ପ୍ରାଣ ହୋଇଥିଲେ । ୩ ଆକ୍ରମଣକାରୀ ଗୁଳି ବିନିମୟ ସମୟରେ ହିଁ ନିହତ ହୋଇଛନ୍ତି ।

ପେଶାୱାର କ୍ୟାପିଟାଲ ସିଟି ପୁଲିସ ଅଫିସର ଡ ମିଆଁ ସୟିଦ କହିଛନ୍ତି ଯେ ପୂରା ଅଞ୍ଚଳକୁ କର୍ଡନ କରାଯାଇଛି ଓ ସମ୍ଭାବ୍ୟ ବିପଦକୁ ଯାଞ୍ଚ କରାଯାଉଛି । ଆଉ କୌଣସି ଆତଙ୍କବାଦୀ ବିଲଡିଂ ଭିତରେ ରହିଛନ୍ତି କି ନାହିଁ, ତା'କୁ ନିଶ୍ଚିତ କରାଯାଉଛି ।

ଘଟଣା ପରେ ପୂରା ଅଞ୍ଚଳରେ ହାଇଆଲର୍ଟ ମଧ୍ୟ ଜାରି କରାଯାଇଛି । ବିଭିନ୍ନ ସ୍ଥାନରେ ଚେକିଂ ବ୍ଲକିଂକୁ ଜୋରଦାର କରାଯାଇଛି । ତେବେ ଏଯାଏ କୌଣସି ଗତିବିଧି ସମ୍ପର୍କରେ ସୂଚନା ମିଳିନାହିଁ । ତଥାପି ପୁଲିସ୍ ସୁରକ୍ଷା ବ୍ୟବସ୍ଥାକୁ ଅଧିକରୁ ଅଧିକ କଡ଼ାକଡ଼ି କରିଛି । ସମସ୍ତ ସନ୍ଦିଗ୍ଧ ଗତିବିଧି ଉପରେ ନଜର ରଖାଯାଇଛି ।

## ଭିସା ନମିଳିବାରୁ ଜୀବନ ହାରିଲେ ଡାକ୍ତରାଣୀ

ହାଇଦ୍ରାବାଦ: ଭିସା ଆବେଦନ ଖାରଜ ହେବାରୁ ଜୀବନ ହାରିଦେଲେ ଡାକ୍ତରାଣୀ । ହାଇଦ୍ରାବାଦରରେ ଘଟିଛି ଏଭଳି ଘଟଣା । ଏଠାରେ ରହୁଥିବା ଜଣେ ୩୮ବର୍ଷୀୟା ଡାକ୍ତରାଣୀ ଭିସା ଆବେଦନ ଖାରଜ ହେବା ପରେ ଜୀବନ ହାରିଥିବା ଜଣାଯାଇଛି । ସେ ଆମେରିକା ଯିବା ପାଇଁ ଭିସା ଆବେଦନ କରିଥିଲା, ଯାହା ଖାରଜ ହୋଇଯାଇଥିଲା । ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପ୍ରାଥମିକ ତଦନ୍ତରୁ ମାନସିକ ଚିନ୍ତା ଯୋଗୁଁ ସେ ଏପରି କରିଥିବା ଅନୁମାନ କରାଯାଉଛି । ମୃତକଙ୍କ ନାମ ହେଲା ରୋହିଣୀ ।

ସୂଚନା ମୁତାବକ, ଗୁଣ୍ଟୁର ଜିଲ୍ଲାର ମୂଳ ବାସିନ୍ଦା ହେଉଛନ୍ତି ରୋହିଣୀ । ସେ ହାଇଦ୍ରାବାଦର ପଦ୍ମା ରାଓ ନଗର ଆପାର୍ଟମେଣ୍ଟରେ ରହିଆସୁଥିଲେ । ଗତ ୨୨ ତାରିଖରେ ରୋହିଣୀଙ୍କ ଗୃହ ସହାୟିକା ତାଙ୍କ କବାଟ ବହୁତ ସମୟ ପର୍ଯ୍ୟନ୍ତ ବାଡେଇବା ପରେ ସେ କବାଟ ଖୋଲି ନଥିଲେ । କୌଣସି ଉତ୍ତର ନପାଇବାରୁ ଗୃହ ସହାୟିକାଜଣଙ୍କ ବ୍ୟସ୍ତ ହୋଇ ରୋହିଣୀଙ୍କ ପରିବାର ଲୋକଙ୍କୁ ଫୋନ କରି ଜଣାଇଥିଲେ । ପରିବାର ଲୋକ ଆସି କବାଟ ବାଡ଼ାଇଥିଲେ ମଧ୍ୟ ରୋହିଣୀ କବାଟ ଖୋଲିନଥିଲେ । ଏହା ପରେ ପରିବାର ଲୋକେ କବାଟ ଭାଙ୍ଗି ଭିତରକୁ ଯାଇଥିଲେ ଭିତରକୁ ଯିବା ପରେ ରୋହିଣୀ ଅଚେତ୍ ହୋଇ ତଳେ ପଡ଼ିଥିବା ଦେଖିଥିଲେ ପରିବାର ଲୋକେ । ଏନେଇ ଖବର ଦିଆଯିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ପରେ ଅତ୍ୟଧିକ ନିଦ ବଟିକା ଖାଇବାରୁ ତାଙ୍କର ମୃତ୍ୟୁ ହୋଇଥିବା କହିଛି ପୁଲିସ ।

ରୋହଣୀ ହାଇଦ୍ରାବାଦରେ ଡାକ୍ତର ଭାବରେ କାର୍ଯ୍ୟରତ ଥିଲେ । କିନ୍ତୁ ତାଙ୍କର ଆମେରିକାରେ କାମ କରିବାକୁ ଇଚ୍ଛା ଥିବାରୁ ସେ ଭିସା ପାଇଁ ଆବେଦନ କରିଥିଲେ । ଦୁର୍ଭାଗ୍ୟବଶତଃ ତାଙ୍କୁ ଆମେରିକା ଯିବା ପାଇଁ ଭିସା ମିଳିନଥିଲା । ଏଥିପାଇଁ ସେ ଚିନ୍ତିତ ହୋଇପଡିଥିଲେ । ଏହି ମାନସିକ ଅବସାଦରେ ରହି ସେ ମାତ୍ରାଧିକ ନିଦ ବଟିକା ନେବା ଦ୍ୱାରା ତାଙ୍କର ମୃତ୍ୟୁ ହୋଇଥିବା କହିଛି ପୁଲିସ । ହେଲେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ଏହାଛଡା ରୋହିଣୀଙ୍କ ବାସଭବନରୁ ତାଙ୍କ ହାତଲେଖା ଏକ ସୁଇସାଇଟ ନୋଟ ମଧ୍ୟ ଜବତ କରାଯାଇଛି, ଯେଉଁଥିରେ ସେ ଆମେରିକା ଯିବା ପାଇଁ ଭିସା ନମିଳିବାରୁ ଅବସାଦଗ୍ରସ୍ତ ଥିବା କଥା ଉଲ୍ଲେଖ କରିଛନ୍ତି ।

ରୋହିଣୀଙ୍କ ମା' ଲକ୍ଷ୍ମୀଙ୍କ ଅନୁଯାୟୀ, ରୋହିଣୀ ଜଣେ ମେଧାବୀ ଛାତ୍ରୀ ଥିଲେ । ସେ ୨୦୦୫ରୁ ୨୦୧୦ ମଧ୍ୟରେ କିର୍ଗିଜସ୍ତାନରେ ତାଙ୍କର ଏମବିବିଏସ୍ ସମାପ୍ତ କରିଥିଲେ । ଏପରିକି ସେ ଅବିବାହିତ ରହି ନିଜ ସ୍ୱପ୍ନକୁ ସଫଳ କରିବା ପାଇଁ ନିରନ୍ତର ପ୍ରଚେଷ୍ଟା କରୁଥିଲେ । ହାଇଦ୍ରାବଦରେ ଡାକ୍ତର ଥିବାବେଳେ ସେ ଆମେରିକାରେ ଡାକ୍ତର ହେବା ପାଇଁ ସ୍ୱପ୍ନ ଦେଖୁଥିଲେ ।

## ପଶ୍ଚିମବଙ୍ଗରେ ନିର୍ମାଣ ହେବ ବାବ୍ରି ମସ୍‌ଜିଦ୍

କୋଲକାତା: ପଶ୍ଚିମବଙ୍ଗରେ ନିର୍ମାଣ ହେବ ବାବ୍ରି ମସ୍‌ଜିଦ୍ । ବିଧାନସଭା ନିର୍ବାଚନ ପୂର୍ବରୁ ଏଭଳି ଘୋଷଣା କଲେ ତୃଣମୂଳ କଂଗ୍ରେସର ବିଧାୟକ ହୁମାୟୁନ୍ କବୀର । ତାଙ୍କର ଏହି ଘୋଷଣା ସହିତ ପଶ୍ଚିମବଙ୍ଗ ରାଜନୀତି ଏକ ସାମ୍ପ୍ରଦାୟିକ ମୋଡ଼ ନେଇଛି । ସେ ଘୋଷଣା କରିଛନ୍ତି ଯେ, ଡିସେମ୍ବର ୬ ତାରିଖରେ ମୁର୍ଶିଦାବାଦ ଜିଲ୍ଲାର ବେଲଡାଙ୍ଗାରେ ବାବ୍ରି ମସଜିଦ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

୩୩ ବର୍ଷ ପୂର୍ବେ ଡିସେମ୍ବର ୬ ତାରିଖରେ ଅଯୋଧାରେ ଥିବା ବାବ୍ରି ମସଜିଦ ଭଙ୍ଗା ଯାଇଥିଲା । ଏବେ ସେହି ତାରିଖରେ ମସଜିଦର ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ସେ ଘୋଷଣା କରିଛନ୍ତି । ହୁମାୟୁନ୍‌ଙ୍କ ଏହି ଘୋଷଣା ପରେ ରାମ ମନ୍ଦିର ଆନ୍ଦୋଳନ ସହ ଜଡିତ ବିଜେପି ନେତ୍ରୀ ଉମା ଭାରତୀ ଟିଏମସି ବିଧାୟକଙ୍କ ଏହି ବୟାନ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଆମେ ପୂଜା ନାମରେ ନିର୍ମିତ ମସଜିଦକୁ ସମ୍ମାନ କରିବୁ, କିନ୍ତୁ ବାବରଙ୍କ ନାମରେ ନିର୍ମିତ ମସଜିଦ ଭାଙ୍ଗିଦିଆଯିବ । ଡିସେମ୍ବର ୬ରେ ଅଯୋଧାରେ ଥିବା ବାବ୍ରି ମସଜିଦର ଅବସ୍ଥା ଯାହା ହୋଇଥିଲା ପଶ୍ଚିମବଙ୍ଗରେ ବାବ୍ରି ମସଜିଦ ନିର୍ମାଣ ହେଲେ ତା'ର ଅବସ୍ଥା ମଧ୍ୟ ସେଭଳି ହେବ ।

ହୁମାୟୁନ୍ କବୀର କହିଥିଲେ ଯେ, ଡିସେମ୍ବର ୬ତାରିଖରେ ବେଲଡାଙ୍ଗାରେ ବାବରୀ ମସଜିଦର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ।

## ଶପଥ ନେଲେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ



ନୂଆଦିଲ୍ଲୀ : ସୁପ୍ରିମ୍‌କୋର୍ଟର ୫୩ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଶପଥ ଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଆଜି ଶପଥ ଗ୍ରହଣ କରାଇଛନ୍ତି । ଶପଥ ଗ୍ରହଣ ସମାରୋହରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଗୃହମନ୍ତ୍ରୀ ଅମିତ ଶାହା, ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ନୂଆ ସିଜେଆଇଙ୍କ ସମ୍ମୁଖରେ ଏବେ ସୁପ୍ରିମ୍‌କୋର୍ଟରେ ବକେୟା ପଡ଼ିଥିବା ୯୦ ହଜାର ମାମଲାର ଫଇସଲା ଏକ ଚ୍ୟାଲେଞ୍ଜ ହେବ ବୋଲି ମତ ପ୍ରକାଶ ପାଉଛି ।

ପୂର୍ବ ସିଜେଆଇ ବିଆର ଗଭାଇଙ୍କ କାର୍ଯ୍ୟକାଳ ଗତକାଲି ଶେଷ ହୋଇଥିଲା । ସେ ସାଢ଼େ ୬ ମାସ ଏହି ପଦବୀରେ ରହିଥିଲେ । ତେବେ ସିଜେଆଇ ଭାବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ କାର୍ଯ୍ୟକାଳ ପ୍ରାୟ ଦେଢ଼ ବର୍ଷ ରହିବ । ସେ ୨୦୨୭ ଫେବୃଆରୀ ୯ରେ ଅବସର ଗ୍ରହଣ କରିବେ । ୧୯୬୨ ମସିହାରେ ହରିୟାଣାର ହିସାର ଠାରେ ସିଜେଆଇ ଜନ୍ମ ଗ୍ରହଣ କରିଥିଲେ ।୨୦୦୦ ଜୁଲାଇ ୭ରେ ହରିୟାଣାର ସର୍ବକନିଷ୍ଠ ଆଡ୍‌ଭୋକେଟ୍ ଭାବେ ତାଙ୍କୁ ନିଯୁକ୍ତି ମିଳିଥିଲା ଓ ୨୦୦୪ ଜାନୁଆରୀ ୯ରେ ପଞ୍ଜାବ ଓ ହରିୟାଣାର ହାଇକୋର୍ଟର ପ୍ରଥମେ ଜଜ୍ ହୋଇଥିଲେ । ୨୦୧୮ ଅକ୍ଟୋବରରେ ସେ ହିମାଚଳ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ ଗ୍ରହଣ କରିଥିଲେ । ୨୦୨୪ ନଭେମ୍ବରରୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସୁପ୍ରିମ୍‌କୋର୍ଟ ଲିଗାଲ ସର୍ଭିସ କମିଟିର ଚେୟାରମ୍ୟାନ୍ ଭାବେ କାର୍ଯ୍ୟ କରି ଆସୁଛନ୍ତି ।

## ଅବସର ନେଉ ନେଉ ସରକାରୀ ଗାଡ଼ି ତ୍ୟାଗ କଲେ ଜଷ୍ଟିସ ଗଭାଇ

ନୂଆଦିଲ୍ଲୀ : ବି.ଆର. ଗଭାଇ ଭାରତର ମୁଖ୍ୟ ବିଚାରପତି ଭାବରେ ଅବସର ଗ୍ରହଣ କରିଛନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ ସୋମବାର ଦିନ ଭାରତର ମୁଖ୍ୟ ବିଚାରପତି/ସିଜେଆଇ ଭାବରେ ଶପଥ ଗ୍ରହଣ କରିଥିଲେ ଏବଂ ତାଙ୍କ କାର୍ଯ୍ୟଭାର ଗ୍ରହଣ କରିଥିଲେ । ତେବେ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଶପଥ ଗ୍ରହଣ ଉତ୍ସବ ପରେ, ପୂର୍ବତନ ସିଜେଆଇ ବି.ଆର. ଗଭାଇ ଏକ ପଦକ୍ଷେପ ନେଇଥିଲେ ଯାହାକୁ ବ୍ୟାପକ ଭାବରେ ପ୍ରଶଂସା କରାଯାଇଛି । ନୂତନ ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଶପଥ ଗ୍ରହଣ ଉତ୍ସବ ସମାପ୍ତ ହେବା ପରେ, ବି.ଆର. ଗଭାଇ ସିଜେଆଇ ପାଇଁ ଉଦ୍ଦିଷ୍ଟ ସରକାରୀ କାର (ସରକାରୀ ମର୍ସିଡିଜ୍-ବେଞ୍ଜ୍ କାର) ଛାଡି ରାଷ୍ଟ୍ରପତି ଭବନରୁ ଏକ ବିକଳ୍ପ ଗାଡିରେ ଫେରିଥିଲେ । ତାଙ୍କ ଉତ୍ତରାଧିକାରୀ ସିଜେଆଇ ସୂର୍ଯ୍ୟକାନ୍ତ ଯେପରି ସୁପ୍ରିମକୋର୍ଟକୁ ଯିବା ପାଇଁ ସରକାରୀ ଗାଡ଼ି ବ୍ୟବହାର କରିପାରିବେ ତାହା ନିଶ୍ଚିତ କରିବା ପାଇଁ ସେ ଏହା କରିଥିଲେ ।

## ୧୫ ମାଓବାଦୀ ଆତ୍ମସମର୍ପଣ

ନୂଆଦିଲ୍ଲୀ : ମାଓବାଦୀ ଟପ୍ କମାଣ୍ଡର ହିଡମାର ମୃତ୍ୟୁ ପରେ ମାଓ ସଂଗଠନ ଦୁର୍ବଳ ହେବାରେ ଲାଗିଛି । ଆଜି ବସ୍ତରରେ ୧୫ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏହି ମାଓବାଦୀଙ୍କ ଉପରେ ୪୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା । ଏହି ହାଡ୍‌କୋର ମାଓବାଦୀମାନେ ପିଏଲ୍‌ଜିଏର ବ୍ୟାଟେଲିୟନ ନମ୍ବର ୧ରେ କାର୍ଯ୍ୟ କରୁଥିଲେ । ସୁକ୍‌ମା ଏସ୍‌ପି କହିଛନ୍ତି ଯେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ପିପିସିଏମ୍ କ୍ୟାଡରର ୪, ଏସ୍‌ସିଏମ୍ କ୍ୟାଡରର ୨, ଦଳୀୟ ସଦସ୍ୟ ୩ ଓ ଛାମୁଆ ସଂଗଠନର ୮ ସଦସ୍ୟ ଅଛନ୍ତି । ଏମାନଙ୍କ ମଧ୍ୟରେ ୫ ମହିଳା ଥିବାବେଳେ ୧୦ ପୁରୁଷ ଅଛନ୍ତି । ଏମାନଙ୍କ ନାମରେ ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ସମୁଦାୟ ୪୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଏହି ମାଓବାଦୀମାନଙ୍କ ଉପରେ ଥିଲା । ବସ୍ତର ରେଞ୍ଜର ଆଇଜି ସୁନ୍ଦରାଜ ପି କହିଛନ୍ତି ଯେ ସମନ୍ୱିତ ବିକାଶ, ସଡକ ଯୋଗାଯୋଗ ସମ୍ପ୍ରସାରଣ, ବିଦ୍ୟାଳୟ, ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ଏବଂ ଜୀବନ ଧାରଣର କାର୍ଯ୍ୟକ୍ରମ ଯୋଗୁ ଏବେ ମାଓବାଦୀମାନଙ୍କର ପ୍ରଭାବ କମିଛି । ସେମାନେ ଧୀରେ ଧୀରେ ଏକ ଘରକିଆ ହୋଇଯାଉଛନ୍ତି । ନଭେମ୍ବର ୧୮ରେ ଆନ୍ଧ୍ରରେ ହିଡମାର ଏନ୍‌କାଉଣ୍ଟର କରାଯାଇଥିଲା । ହିଡମା ମୋଷ୍ଟ ୱାଣ୍ଟେଡ୍ ମାଓ କମାଣ୍ଡର ରହିବା ସହ ସିପିଆଇ ମାଓବାଦୀର କେନ୍ଦ୍ରୀୟ କମିଟି ସଦସ୍ୟ ଥିଲା । ହିଡମା ଉପରେ ୧.୮ କୋଟି ଟଙ୍କାର ପୁରସ୍କାର ରାଶି ରହିଥିଲା ।

## ସନାତନ ଧର୍ମର ପ୍ରଚାର ପ୍ରସାର ପାଇଁ ଅଣ୍ଟା ଭିଡ଼ିଲେ ବିହାର ସରକାର

ପାଟଣା: ବିହାର ସରକାର କରିବେ ସନାତନ ଧର୍ମର ପ୍ରଚାର । ସନାତନ ଧର୍ମର ପ୍ରଚାର ପ୍ରସାର ପାଇଁ ବିହାର ସରକାର ରାଜ୍ୟର ସମସ୍ତ ଜିଲ୍ଲାରେ ସଂଯୋଜକଙ୍କୁ ମନୋନୀତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବିହାର ରାଜ୍ୟ ଧାର୍ମିକ ନ୍ୟାସ ପରିଷଦର ସଭାପତି ରଣବୀର ନନ୍ଦନ କହିଛନ୍ତି ଯେ ମୋଟ ୩୮ ଜଣ ସଂଯୋଜକଙ୍କୁ ମନୋନୀତ କରାଯିବ । ଏହି ସଂଯୋଜକମାନେ ସେମାନଙ୍କ ନିଜ ନିଜ ଅଞ୍ଚଳରେ ଥିବା ୨୪୯୯ ପଞ୍ଜିକୃତ ମନ୍ଦିର ଏବଂ ମଠର ମହନ୍ତଙ୍କ ସହ ସମନ୍ୱୟ ରକ୍ଷା କରି କାମ କରିବେ ।

ବିହାର ସରକାରଙ୍କ ଆଇନ ବିଭାଗ ଅଧୀନରେ ଥିବା ଏହି ପରିଷଦ ରାଜ୍ୟର ପଞ୍ଜିକୃତ ମନ୍ଦିର, ମଠ ଏବଂ ଟ୍ରଷ୍ଟର ସମ୍ପତ୍ତିର ରେକର୍ଡ ରଖେ ଏବଂ ସେମାନଙ୍କର କାର୍ଯ୍ୟକଳାପ ଉପରେ ମଧ୍ୟ ନଜର ରଖେ । ତେବେ ଏହି ସଂଯୋଜକମାନେ ଏହା ମଧ୍ୟ ସୁନିଶ୍ଚିତ କରିବେ ଯେ ସେମାନଙ୍କ ନିଜ ନିଜ ଜିଲ୍ଲାର ସମସ୍ତ ପଞ୍ଜିକୃତ ମନ୍ଦିର ଏବଂ ମଠରେ ପ୍ରତି ମାସ ପୂର୍ଣ୍ଣିମା ଏବଂ ଅମାବାସ୍ୟା ଦିନ 'ସତ୍ୟନାରାୟଣ କଥା' ଏବଂ 'ଭଗବତୀ ପୂଜା' ହେଉଛି କି ନାହିଁ । ପଞ୍ଜିକୃତ ମନ୍ଦିର ଓ ମଠ ଏହି ଦୁଇଟି ପୂଜାର ଗୁରୁତ୍ୱ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ବାର୍ତ୍ତା ପ୍ରସାର କରିବେ ଏବଂ ଲୋକଙ୍କୁ ସଚେତନ କରିବେ ।




ସନାତନ ଧର୍ମର ଅଧିକ ପ୍ରଚାର ପ୍ରସାର ପାଇଁ ଏକ ଧାର୍ମିକ କ୍ୟାଲେଣ୍ଡର ପ୍ରକାଶ ପାଇବ । ଯେଉଁଥିରେ ସନାତନ ଧର୍ମର ସମସ୍ତ ପର୍ବ, ବିଭିନ୍ନ ପୂଜା ଏବଂ ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟକଳାପ ଉଲ୍ଲେଖ ରହିବ । ଏହି କ୍ୟାଲେଣ୍ଡରଗୁଡ଼ିକ ପଞ୍ଜିକୃତ ମନ୍ଦିର ଏବଂ ମଠ ମାଧ୍ୟମରେ ରାଜ୍ୟ ସାରା ଲୋକଙ୍କୁ ବଣ୍ଟାଯିବ ।



**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଭିନନ୍ଦନ** : କବାଡି ବିଶ୍ୱକପ୍ ୨୦୨୫ ଜିତି ଦେଶକୁ ଗର୍ବିତ କରିଥିବାରୁ ଆମର ଭାରତୀୟ ମହିଳା କବାଡି ଦଳକୁ ଅଭିନନ୍ଦନ। ସେମାନେ ଉତ୍କୃଷ୍ଟ ଦୃଢ଼ତା, ଦକ୍ଷତା ଏବଂ ସମର୍ପଣ ପ୍ରଦର୍ଶନ କରିଛନ୍ତି। ସେମାନଙ୍କର ବିଜୟଅଗଣିତ ଯୁବପିଢ଼ିଙ୍କୁ କବାଡି ଖେଳିବାକୁ, ବଡ଼ ସ୍ୱପ୍ନ ଦେଖିବା ଏବଂ ଉଚ୍ଚ ଲକ୍ଷ୍ୟ ରଖିବାକୁ ପ୍ରେରଣା ଦେବ।

# ଗୌହାଟି ଟେଷ୍ଟ


# ୩୧୪ ରନ ଆଗରେ ଦକ୍ଷିଣ ଆଫ୍ରିକା

ଗୌହାଟି, ୨୪।୧୧(ଏଜେନ୍ସି) : ପ୍ରଥମ ଟେଷ୍ଟ ହାରିଥିଲା। ଏବେ ଦ୍ୱିତୀୟ ଟେଷ୍ଟରେ ଟିମ ଇଣ୍ଡିଆର ସ୍ଥିତି ଅତ୍ୟନ୍ତ ଗମ୍ଭୀର। ନିଜ ମାଟି, ନିଜ ପରିବେଶ ଓ ଘରୋଇ ଦର୍ଶକଙ୍କ ସାମ୍ନାରେ ଭାରତୀୟ ଟିମ ଖେଳୁଛି। ତଥାପି ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର ଦବଦବା ଦେଖିବାକୁ ମିଳିଛି। ଭାରତୀୟ ଟିମର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବା ଦୁଇ ତିନି ଜଣଙ୍କ ଛାଡ଼ି ଦେଲେ ଅନ୍ୟ କେହି ବି ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ସାମ୍ନା କରିବାରେ ସକ୍ଷମ ହୋଇ ନାହାନ୍ତି। ବୋଲର ବି ଦ୍ୱିତୀୟ ଟେଷ୍ଟରେ ଧରାଶାୟୀ ହୋଇଛନ୍ତି। ଏକାକୀ ମାର୍କୋୟାନସେନ ଭାରତୀୟ ବ୍ୟାଟର ଓ ବୋଲରଙ୍କୁ ଚିତ କରି ଦେଇଛନ୍ତି।

୧-୦ରେ ପଛରେ ଥିବା ଭାରତ ଏବେ ଦ୍ୱିତୀୟ ଟେଷ୍ଟରେ ଏମିତି ଏକ ସ୍ଥିତିରେ ପହଞ୍ଚି ଯାଇଛି, ଯେଉଁଠାରେ ଦଳ ମ୍ୟାଚ୍ ହାରିବ କିମ୍ବା ଅତି ବେଶୀରେ ଡ୍ର କରିବାକୁ ସକ୍ଷମ ହେବ। ଡ୍ରର ଆଶା ମଧ୍ୟ ପ୍ରଥମ ଇନିଂସ ବ୍ୟାଟିଂ ପରେ କ୍ଷୀଣ ହୋଇଯାଇଛି। ତଥାପି ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ଇଚ୍ଛାରେ ଖେଳୁଥିବା ଭାରତୀୟ ଟିମ ଡ୍ର ଆଶାରେ ହିଁ ରହିବ। କାରଣ ପ୍ରଥମ ଇନିଂସରେ ଭାରତୀୟ ଟିମ ମାତ୍ର ୨୦୧ ରନରେ ଅଲଆଉଟ ହୋଇଯାଇଛି। ଆଉ ଦକ୍ଷିଣ ଆଫ୍ରିକା ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ବିନା ୱିକେଟରେ ୨୬ ରନ କରି ନେଇଛି। ଏଥିସହ ଦଳର ଲିଡ ଏବେ ୩୧୪ରେ ପହଞ୍ଚି ଯାଇଛି। ପ୍ରଥମ ଇନିଂସରେ ଦଳ ବିଶାଳ ୪୮୯ ରନ କରିଥିଲା। ଦକ୍ଷିଣ ଆଫ୍ରିକାର ପ୍ରତିଟି ବ୍ୟାଟରଙ୍କ ଠାରୁ ଆରମ୍ଭ କରି ଟେଲେଣ୍ଡର ଭାରତୀୟ ବୋଲରଙ୍କୁ ପ୍ରବଳ ଧୋଇଥିଲେ। ତୃତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ରିୟାନ ରିକେଲଟ ୧୩ ଓ ଆଡେନ ମାର୍କରମ ୧୨ ରନ କରି ଅପରାଜିତ ରହିଛନ୍ତି। ଦ୍ୱିତୀୟ ଇନିଂସରେ ଭାରତୀୟ ବୋଲରମାନେ ୮ ଓଭର ବୋଲିଂ କରିଥିଲେ ହେଁ କୌଣସି ୱିକେଟ ପାଇନାହାନ୍ତି। ମ୍ୟାଚ୍ ଶେଷ ହେବାକୁ ଆହୁରି ଦୁଇ ଦିନ ବାକି ଥିବା ବେଳେ କ୍ଲିନ ସୁଇପକୁ ଏଡାଇବାକୁ ଭାରତ ଗମ୍ଭୀର ସ୍ଥିତିରୁ ବାହାରି ପାରୁଛି କି ନାହିଁ, ତା' ଉପରେ ସମସ୍ତଙ୍କ ନଜର ରହିଛି। ପ୍ରଥମ ଇନିଂସରେ ୪୮୯ ରନ କରି ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଦିନର ଖେଳ ଶେଷ ହେବା ପୂର୍ବରୁ ଅଲଆଉଟ ହୋଇଯାଇଥିଲା। ଭାରତ ଦ୍ୱିତୀୟ ଦିନରେ ବିନା ୱିକେଟରେ ୯ ରନ କରିଥିବା ବେଳେ ଷ୍ଟମ୍ପ ଅପସାରଣ ହୋଇଥିଲା। ଲାଗୁଥିଲା ଦକ୍ଷିଣ ଆଫ୍ରିକା ଭଳି ଭାରତ ମଧ୍ୟ ବ୍ୟାଟିଂରେ ଜଲୱା ଦେଖାଇବ। କିନ୍ତୁ ତୃତୀୟ ଦିନରେ ମାର୍କୋୟାନସେନ ନିଜର ଜଲୱା ଦେଖାଇଛନ୍ତି। ବ୍ୟାଟିଂ ବେଳେ ଶତକରୁ ୭ ରନ ସେ ରହିଯାଇଥିଲେ। କିନ୍ତୁ ବୋଲିଂରେ ସେ ଭାରତର ୬ ବ୍ୟାଟରଙ୍କୁ ଆଉଟ କରି ନିଜର ଦକ୍ଷତା ଦେଖାଇଛନ୍ତି। ତାଙ୍କ ବୋଲିଂ ଆଗରେ ଭାରତୀୟ ବ୍ୟାଟର ସତେ ଯେମିତି ଆତ୍ମସମର୍ପଣ କରିଛନ୍ତି। ତୃତୀୟ ଦିନରେ ଯଶସ୍ୱୀ ଜୈସୱାଲ ନିଜ ଷ୍ଟାଇଲରେ ୫୮ ରନର ଇନିଂସ



ଖେଳିଥିଲେ ହେଁ କେଏଲ ରାହୁଲ ମାତ୍ର ୨୨ ରନ କରି ଦିବସର ପ୍ରଥମ ବ୍ୟାଟର ଭାବେ ପ୍ୟାଭିଲିୟନ ଫେରିଥିଲେ। ତାଙ୍କୁ କେଶବ ମହାରାଜ ଆଉଟ କରିଥିଲେ। ଦଳୀୟ ସ୍କୋର ୯୫ ଥିବା ବେଳେ ଭାରତ ଜୈସୱାଲଙ୍କୁ ହରାଇଥିଲା। ସିମନ ହାର୍ମର ତାଙ୍କ ୱିକେଟ ନେଇଥିଲେ। ସାଇ ସୁଦର୍ଶନ ୧୫ ରନ କରି ହାର୍ମରଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଭାରତ ଏହି ଠାରୁ ଆରମ୍ଭ ହୋଇଥିଲା ଭାରତର ବିପର୍ଯ୍ୟୟ। ଏକଦା ୯୫ ରନରେ ୧ ୱିକେଟ ହରାଇଥିବା ଭାରତ ୧୨୨ ରନରେ ୭ ୱିକେଟ ହରାଇ ଦେଇଥିଲା। ୟାନସେନ ଜଣଙ୍କ ପରେ ଜଣେ ବ୍ୟାଟରଙ୍କ ୱିକେଟ ନେଇ ଭାରତର ବ୍ୟାଟିଂ ଲାଇନ ଅପକୁ ଛିନଛତ୍ର କରି ଦେଇଥିଲେ। ଧ୍ରୁବ ଜୁରେଲ(୦), କାମଚଳା ଅଧିନାୟକ ଋଷଭ ପନ୍ତ(୭), ରବୀନ୍ଦ୍ର ଜାଡେଜା(୬) ଓ ନୀତୀଶ କୁମାର ରେଡ୍ଡୀ(୧୦)ଙ୍କ ୱିକେଟ ତାଙ୍କ ଖାତାକୁ ଯାଇଥିଲା। ଭାରତକୁ ୟାନସେନ ବ୍ୟାକଫୁଟକୁ ଠେଲି ଦେଇଥିଲେ। ଦଳୀୟ ସ୍କୋର ୧୨୨/୭ ଥିବା ବେଳେ ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବ ଲେଇ କରି ଫଲୋଅନ ଏଡ଼ାଇବାକୁ ଚେଷ୍ଟା କରିଥିଲେ। ଭାରତକୁ ବିଶାଳ ୨୮୯ କରି ଫଲୋଅନ ଏଡ଼ାଇବାର ଥିଲା। ସୁନ୍ଦର ଓ କୁଲଦୀପ ଯୋଡ଼ି ନିଜ କ୍ଷମତା ଅନୁସାରେ ବହୁତ ଚେଷ୍ଟା କଲେ। ଉଭୟ ପ୍ରାୟ ୩୫ ଓଭର ବ୍ୟାଟିଂ କରି ଦଳର ସ୍କୋରକୁ ୧୯୪ରେ ପହଞ୍ଚାଇଥିଲେ। ହେଲେ ପ୍ରଥମ ମ୍ୟାଚର ହିରୋ ହାର୍ମର ୪୮ ରନ କରିଥିବା ସୁନ୍ଦରଙ୍କୁ ଆଉଟ କରି ଏହି ଯୋଡ଼ିକୁ ଭାଙ୍ଗିଥିଲେ। ପରବର୍ତ୍ତୀ ଓଭରରେ ୟାନସେନ ଆସି କୁଲଦୀପ(୧୯)ଙ୍କୁ ଆଉଟ କରିଥିଲେ। ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜ ଶେଷ ୱିକେଟ ପାଇଁ ୭ ରନ ଯୋଡ଼ିବାରୁ ଦଳୀୟ ସ୍କୋର ୨୦୧ରେ ପହଞ୍ଚିଥିଲା। ଏହି ସମୟରେ ୟାନସେନ ୫ ରନ କରିଥିବା ବୁମରାଙ୍କୁ ଆଉଟ କରି ଭାରତର ପ୍ରଥମ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ। ଭାରତ ଫଲୋଅନ ଖାଇଥିଲେ ହେଁ ଦକ୍ଷିଣ ଆଫ୍ରିକା ପୁଣି ବ୍ୟାଟିଂ କରିବାକୁ କହି ନଥିଲା। ଭାରତ ବଦଳରେ ଦକ୍ଷିଣ ଆଫ୍ରିକା ତା'ର ଦ୍ୱିତୀୟ ଇନିଂସ ଆଜି ଆରମ୍ଭ କରିଛି। ତୃତୀୟ ଦିନରେ ଦଳ ୮ ଓଭରରେ ୨୬ ରନ କରିବା ସହ ଲିଡକୁ ୩୧୪ ରନରେ ପହଞ୍ଚାଇ ଦେଇଛି।




**ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଅଭିନନ୍ଦନ** : ବିଶ୍ୱ ବକ୍ସିଂ କପ୍ ଫାଇନାଲ୍ସ ୨୦୨୫ ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଆମର ଅବିଶ୍ୱସନୀୟ ଖେଳାଳିମାନଙ୍କୁ ହୃଦୟର ସହିତ ଅଭିନନ୍ଦନ। ୯ ସ୍ୱର୍ଣ୍ଣ, ୬ ରୌପ୍ୟ ଏବଂ ୫ କାଂସ୍ୟ ସମେତ ଅଭୂତପୂର୍ବ ୨୦ ପଦକ ଆଣି ସେମାନେ ଅସାଧାରଣ ପ୍ରତିଭା, ଦୃଢ଼ ସଂକଳ୍ପ ଏବଂ ଲଢୁଆ ମନୋଭାବ ପ୍ରଦର୍ଶନ କରିଛନ୍ତି। ଏହି ସଫଳତା ଆମର ବକ୍ସରମାନଙ୍କ ଅକ୍ଳାନ୍ତ କଠିନ ପରିଶ୍ରମ, ସେମାନଙ୍କ ପ୍ରଶିକ୍ଷକଙ୍କ ପ୍ରତିବଦ୍ଧତା ଏବଂ ସେମାନଙ୍କୁ ସଶକ୍ତ କରୁଥିବା ଦୃଢ଼ ସମର୍ଥନ ପ୍ରଣାଳୀକୁ ପ୍ରତିଫଳିତ କରେ। ଆମର ସମସ୍ତ ଚାମ୍ପିଅନଙ୍କୁ ମୋର ଶୁଭକାମନା। ସେମାନେ ନୂତନ ମାଇଲଖୁଣ୍ଟ ହାସଲ କରି ଦେଶକୁ ଗର୍ବିତ କରନ୍ତୁ।

## ଚର୍ଚ୍ଚାରେ ସେନୁରାନ ମୁଥୁସାମି

ଗୌହାଟି, ୨୪।୧୧(ଏଜେନ୍ସି): ସେନୁରାନ୍ ମୁଥୁସାମିଙ୍କ ଶତକ ଏବେ ଖୁବ୍ ଚର୍ଚ୍ଚାରେ। ତାଙ୍କ ପୂର୍ବ ପୁରୁଷ ତଥା ସମ୍ପର୍କୀୟ ଏବେ ବି ତାମିଲନାଡୁର ନାଗପଟିନମରେ ରହୁଛନ୍ତି। ମୁଥୁସାମି କିନ୍ତୁ ନିଜକୁ ଜଣେ " ଦକ୍ଷିଣ ଆଫ୍ରିକୀୟ' ବିବେଚନା କରନ୍ତି। ମାତ୍ର ୧୧ ବର୍ଷ ବୟସରେ ପିତାଙ୍କୁ ହରାଇଥିବା ମୁଥୁସାମି ଦ୍ୱିତୀୟ ଥର ପାଇଁ ଭାରତ ଆସିଛନ୍ତି। ୨୦୧୯ରେ ସେ ଭାରତ ଗସ୍ତ କରି ବିରାଟ କୋହଲିଙ୍କୁ ପ୍ରଥମ ଟେଷ୍ଟ ଶିକାର କରିଥିଲେ। ଜଣେ ବ୍ୟାଟିଂ ଅଲରାଉଣ୍ଡର ଭାବେ ଖେଳିଥିବା ମୁଥୁସାମି ରବିବାର ଶତକ ସ୍ୱପ୍ନ ପୂରଣ କରିବାରୁ ତାଙ୍କ ପିତାଙ୍କ ସ୍ୱପ୍ନ ବି ପୂରଣ ହୋଇଛି।

## କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ମକୁନ୍ଦ ପ୍ରସାଦ ଓ ଅଟ୍ରି ବିଜୟୀ

ଖୋର୍ଦ୍ଧା,୨୪।୧୧(ସବ୍ୟୁ): ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ପ୍ରଥମ ମ୍ୟାଚରେ ମକୁନ୍ଦ ପ୍ରସାଦ ଦଳ କୁମାରବସ୍ତ ଦଳକୁ ୪ ୱିକେଟରେ ପରାସ୍ତ କରିଛି । କୁମାରବସ୍ତ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ରେ ୧୧୧ ରନ୍ ସଂଗ୍ରହ କରିଥିଲେ । ଜବାବରେ ମକୁନ୍ଦ ପ୍ରସାଦ ଦଳ ୧୪ ଓଭର ରେ ଆବଶ୍ୟକ ୧୧୨ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲ। ଶ୍ରେଷ୍ଠ ଖେଳାଳି ପଙ୍କଜ ନାୟକଙ୍କୁ ସମାଜସେବୀ ସଂଗ୍ରାମ ରାମଚନ୍ଦ୍ର ଛୋଟରାୟ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ (ନନ ଆଧାର) ଟସ୍ ରେ ବିଜୟ ଲାଭ କରି ଅଟ୍ରି ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା ।ପ୍ରଥମେ ବ୍ୟାଟିଂ କରି ଅଟ୍ରି ଦଳ ନିର୍ଦ୍ଧାରିତ ୨୦ ଓଭର ରୁ ସମସ୍ତ ୱିକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲେ ।ଦଳ ପକ୍ଷରୁ ପ୍ରଦୀପ ରାଉତ ୫୮ ରନ୍



ସଂଗ୍ରହ କରିଥିଲେ। ଜବାବରେ ଭୁବନେଶ୍ୱର ଦଳ ନିର୍ଦ୍ଧାରିତ ୨୦ଓଭର ରେ ୭ ୱିକେଟ ହରାଇ ୧୭୫ ରନରେ ସିମିତ ରହି ପରାଜିତ ହୋଇଥିଲା। ଦଳ ପକ୍ଷରୁ ରିତିକ ମହାନ୍ତି ୩ ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ସମାଜସେବୀ ରାମଚନ୍ଦ୍ର ସାମନ୍ତରାୟଙ୍କଠୁ ପୁରସ୍କାର ଗ୍ରହଣ କରିଥିଲେ। ଖେଳଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ,ସୋଭାକର ପାତ୍ର ଓ ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା,ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ। ୨୫/୧୧/୨୫ପ୍ରଥମ ମ୍ୟାଚ୍ ଗଙ୍ଗପଡ଼ା ବନାମ ଯଦୁପୁର ଏବଂ ଦ୍ୱିତୀୟ ମ୍ୟାଚ ଢେଙ୍କାନାଳ ବନାମ ମଞ୍ଚେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଦୁର୍ଯ୍ୟୋଧନ ପରିଡା ଜଣାଇଛନ୍ତି।

## ଜ୍ୟୋତିବନ୍ତ ମେମୋରିଆଲ ଫୁଟବଲ : ଏନ ଏନ କ୍ଲବ ଗଞ୍ଜା ଚାମ୍ପିଅନ

ରାଜକନିକା, (ସବ୍ୟୁ): ରାଜକନିକା ବ୍ଲକ ଜାଗୁଲାଇପଡା ଗ୍ରାମର ଯୁବ କ୍ରୀଡ଼ାବିତ ଦିବଂଗତ ଜ୍ୟୋତି ବନ୍ତ ବିଶ୍ୱାଳଙ୍କ ସ୍ମୃତି ରେ ଜେ ଏସ ସି କ୍ଲବ, ଜାଗୁଲାଇପଡା ଆୟୋଜନା ରେ ସ୍ଥାନୀୟ ଖେଳ ପଡିଆ ରେ ଚାଲି ଥିବା ୪ର୍ଥ ବାର୍ଷିକ ଜ୍ୟୋତିବନ୍ତ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛ। ଏହି ଫାଇନାଲ ଖେଳ ଆୟୋଜକ ଜେ ଏସ ସି ଜାଗୁଲାଇପଡା ବନାମ ଏନ.ଏନ କ୍ଲବ ଗଞ୍ଜା ମଧ୍ୟରେ ହୋଇଥିଲା। ଏଥିରେଏନ.ଏନ କ୍ଲବ ଗଞ୍ଜା ୧-୦ ଗୋଲ ରେ ବିଜୟ ଲାଭ କରି ଚମ୍ପିୟାନ ହୋଇଛି, ଅନୁଷ୍ଠାନର ଉପଦେଷ୍ଟା ନିରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ମହିଳା ଫୁଟବଲ ଦଳର ପ୍ରଶିକ୍ଷକ ମହମଦ ସାହିଦ ଜବାର ମୁଖ୍ୟ ବକ୍ତା ଭାବେ କ୍ରୀଡ଼ାବିତ ଗୋଲକିହାରୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଲିଲିଭା ମଲ୍ଲିକ, ଅବସରର ପ୍ରାପ୍ତ ସୈନିକ ଅକ୍ଷୟ କୁମାର ନାଥ ପ୍ରମୁଖ ଯୋଗ ଦେଇ ବିଜେତା ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଲଲାଟେନ୍ଦୁ ବେହେରା ସମ୍ପାଦକୀୟ ବିବରଣୀ ପାଠ କରି ଥିବା ବେଳେ ,ଉପଦେଷ୍ଟା ଗଣନାଥ ପଢିହାରୀ ଅତିଥି ପରିଚୟ ଓ ଦିନେଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଞ୍ଜ ଫୁଟବଲ୍ ଟ୍ରଫି : ଉଦ୍‌ଘାଟନୀ ମ୍ୟାଚରେ ବିହାର ବିଜୟୀ

ଭଞ୍ଜନଗର, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଜେଲ ପଡିଆରେ ସୋମବାର ଠାରୁ ଭଞ୍ଜ ଟ୍ରଫି-୨୦୨୫ ସର୍ବ ଭାରତୀୟ ଟୁର୍ନାମେଣ୍ଟ ଆଜିଠାରୁ ଆରମ୍ଭ ହୋଇଯାଇଛି । ଉଦଘାଟନୀ ମ୍ୟାଚରେ ଭଞ୍ଜନଗର ଫୁଟବଲ ଏକାଡେମୀ ଓ ବକ୍ସର (ବିହାର) କାମାକ୍ଷା ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ବିହାର ୨-୧ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରଥମ ଦଳ ଭାବେ ପହଞ୍ଚିଛି । ଆଜିର ମ୍ୟାଚର ରେଫରୀ ଶିବ ଶଙ୍କର ପଣ୍ଡା ଥିବାବେଳେ ଲାଇନ୍ସ ମ୍ୟାନ୍ ଦେବବ୍ରତ ବେହେରା, ସୁଜିତ ରାଜହଂସ, ଦିଲ୍ଲୀପ କୁମାର ରାଉତ, ମ୍ୟାଚ କମିଶନର ପି. ଆନନ୍ଦ ରାଓ ଓ ପି. ରମେଶ ଥିଲେ । ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଭାଗ ନେଇଛି । ସେଗୁଡିକ ହେଲା ଆଜିର ଦୁଇ ଟିମ୍ ସହ କୋରାପୁଟ, ସୁନ୍ଦରଗଡ଼, ସମ୍ବଲପୁର, ଭଞ୍ଜନଗର ମରାଠା ଏକାଦଶ, ଫୁଲବାଣୀ ଓ ହାଇଦ୍ରାବାଦ । ଆସନ୍ତାକାଲି ମଙ୍ଗଳବାର କୋରାପୁଟ ବ୍ରଦରସ ଫୁଟବଲ କ୍ଲବକୁ ସୁନ୍ଦରଗଡ଼ ଦୋସ୍ତି ଫୁଟବଲ କ୍ଲବ ଭେଟିବ । ପ୍ରତ୍ୟେକ ଦିନ ଅପରାହ୍ନ ୨ ଟା ୩୦ରେ ଖେଳ ହେଉଛି । ଆଜିର ପ୍ରଥମ



ମ୍ୟାଚ ନାଇଜେରିଆନ ଖେଳାଳିଙ୍କୁ ଦେଖିବାକୁ ମିଳିଥିଲା । ଯାହାକୁ ନେଇ ଦର୍ଶକମାନେ ଉତ୍ସାହିତ ଥିଲେ । ଉଦଘାଟନୀ ମ୍ୟାଚ ଭଞ୍ଜନଗର ଏନ୍ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ପ୍ରସାଦ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ମାନସ ଜେନା, ଭାଜପା ରାଜ୍ୟ ପରିଷଦ ସଭ୍ୟା ଭୋଲି ସାହୁ , ଶିବ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କୋଷାଧ୍ୟକ୍ଷ ଗିରିଜା ଶଙ୍କର ଭୂୟାଁ ସଭା ସଂଯୋଜନା କରିଥିଲେ । କିଛି ବର୍ଷ ହେଲା ଭଞ୍ଜ ଟ୍ରଫି ବନ୍ଦ ରହିଥିଲା । ଆଜି ପୁଣି ଆରମ୍ଭ ହୋଇଥିବାର ଯୁବ ଖେଳାଳିଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା ।

## ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟବଲ ବୋଲଗଡ଼ ବିଜୟୀ

ନିରାକାରପୁର : ଖୋର୍ଦ୍ଧା ଜିଲ୍ଲା ଗୟାବନ୍ଧ ଖେଳ ପଡିଆରେ ବାପୁଜୀ କ୍ଲବ ଆନୁକୁଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଆଜି ରିଜିମ ଷ୍ଟାର ତରତୁଆ ବନାମ ବୋଲଗଡ଼ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷ ପର୍ଯ୍ୟନ୍ତ ଉଭୟଙ୍କ ସ୍କୋର ଶୂନ୍ୟ ରହିବାରୁ ଟ୍ରାଇବ୍ରେକର ସହଯୋଗ ନିଆଯାଇଥିଲା। ଏଥିରେ ରିଜିମ ଷ୍ଟାର ତରତୁଆକୁ ୩-୨ ଗୋଲରେ ବୋଲଗଡ଼ ଫୁଟବଲ କ୍ଲବ ହରାଇ ବିଜୟୀ ହୋଇଥିଲା । ଆଜିର ଖେଳକୁ ଶରତ କୁମାର ଛୋଟରାୟ, ଚିତ୍ତରଞ୍ଜନ ପରିଡ଼ା, ବୈକୁଣ୍ଠ ମହାପାତ୍ର ଓ ଲକ୍ଷ୍ମୀଧର ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ। ଆଜି ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ, ସମାଜସେବୀ ଚିତ୍ତ ରଞ୍ଜନ କୁମାର ଭୋଳ, ସମିତି ସଭ୍ୟ ନେତ୍ରାନନ୍ଦ ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ରେମାନନ୍ଦ ପରିଡ଼ା ଓ ରାଜ କିଶୋର ବେହେରା ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭ୍ୟ ପବିତ୍ର କୁମାର ବେହେରା, ଆଲୋକ କୁମାର ଭୁଜବଳ, ୱାହିଦ ଖାଁ, ଗୌସ ଖାଁ ଓ ନରେନ୍ଦ୍ର କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଡେଫ ଅଲମ୍ପିକରେ ଲୋମା ସ୍ୱାଇଁଙ୍କୁ କାଂସ୍ୟ ପଦକ

ଭୁବନେଶ୍ୱର, ୨୪।୧୧(ସବ୍ୟୁ) : ଜାପାନରେ ଚାଲିଥିବା ଡେଫ ଅଲମ୍ପିକ ଗେମ୍ସରେ ଆଜି ଓଡିଶାର ଆନ୍ତର୍ଜାତୀୟ କରାଟେ କା ଲୋମା ସ୍ୱାଇଁ କରାଟେ କ୍ରିଡାରେ କାଂସ୍ୟ ପଦକ ହାସଲ କରିଛନ୍ତି । ୫୦ କେଜିରୁ କମ ମହିଳା ବିଭାଗ ଫାଇଟରେ ଲୋମା ଦ୍ଵିତୀୟ ରାଉଣ୍ଡରେ ପରାସ୍ତ ହୋଇ ରେପାଚେଜ ତୃତୀୟ ରାଉଣ୍ଡ ରେ ବ୍ରାଜିଲ ପ୍ରତିଦ୍ୱୋନ୍ଦି ଙ୍କୁ ହରାଇ କାଂସ୍ୟ ପଦକ ନିଶ୍ଚିତ କରିଥିଲେ । ଲୋମା କରାଟେ ଇଣ୍ଡିଆ ଅର୍ଗାନାଇଜେସନର ସାଧାରଣ ବର୍ଗର ବରିଷ୍ଟ ଫାଇଟ ବିଭାଗରେ ରୋପ୍ୟ ପଦକ ପାଇ ସାରିଥିବା ସ୍ଥଳେ ୩ ଗୋଟି ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ହାସଲ କରିଛନ୍ତି । କରାଟେ ବ୍ୟତିତ ଲୋମାଙ୍କୁ ଜିତଷ୍ଟୁ କ୍ରିଡାରେ ଜାତୀୟ ଚାମ୍ପିଅନ ହୋଇଛନ୍ତି। ଜଗତସିଙ୍ଗପୁର ଭୂତମୁଣ୍ଡାଇର ସଞ୍ଜୟ କୁମାର ସ୍ୱାଇଁ ଓ ଜୋତିର୍ମୟୀ ସ୍ୱାଇଁଙ୍କର କନିଷ୍ଟ କନ୍ୟା ଲୋମା ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ରେ ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କରାଟେ ପ୍ରଶିକ୍ଷଣ ନେଉଛନ୍ତି । ଏହି ପ୍ରତିଯୋଗିତାରେ ଲୋମାଙ୍କ ସହ ସେନସେଇ ସୁନୀଲ ରାଠି , ଏସ୍ଏଆଇ କୋଚ ଭାବେ ଗସ୍ତ କରିଥିଲେ । ଅନେକ ରାଜ୍ୟ , ଜାତୀୟ ଓ ଆନ୍ତର୍ଜାତୀୟ କରାଟେ ପ୍ରତିଯୋଗିତାରେ ଅନେକ ପଦକ ବିଜେତା ଲୋମା ସ୍ୱାଇଁଙ୍କୁ ଓଡିଶା ସରକାରଙ୍କ କ୍ରିଡା ବିଭାଗ ଦ୍ୱାରା ତାଙ୍କର କ୍ରିଡା ଉପଲବ୍ଧି ନିମନ୍ତେ ଜଗତସିଂପୁର କଲେକ୍ଟରେଟ ରେ ଗ୍ରୁପ "C" ରେ ନିଯୁକ୍ତି ଦେଇଛନ୍ତି । ଲୋମାଙ୍କର ଏହି ସଫଳତା ନିମନ୍ତେ ଜାତୀୟ କରାଟେ ସଂଘର ସଭାପତି ହାନସି ଭରତ ଶର୍ମା , ଓଡିଶା ରାଜ୍ୟ କରାଟେ ଡୋ ସଂଘର ସମ୍ପାଦକ ଡ. ଗୌରି ମହାନ୍ତି ଓ ସମସ୍ତ କର୍ମକର୍ତ୍ତା ଏବଂ ଉତ୍କଳ କରାଟେ ସ୍କୁଲର କ୍ରୀଡାବିତ ମାନେ ତାଙ୍କୁ ଅନେକ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।



## ବାଜିରାଉତ ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ


# କଟକ ଇଲେଭେନ ୪-୦ ଗୋଲରେ ବିଜୟୀ

ଢେଙ୍କାନାଳ : ଢେଙ୍କାନାଳ ଜିଲ୍ଲା ତଥା ଦେଶର ସର୍ବକନିଷ୍ଠ ସହୀଦ ବାଜିରାଉତଙ୍କ ଜନ୍ମ ଶତବାର୍ଷିକ ଅବସରରେ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଆଜିର ଖେଳରେ କଟକ ଇଲେଭେନ ୪-୦ ଗୋଲରେ ମୁମ୍ବାଇ ଏମୟୁନାଇଟେଡ ଏଫସିକୁ ପରାସ୍ତ କରି କ୍ୱାଟର ଫାଇନାଲକୁ ପ୍ରବେଶ କରିଛି । ଜିଲ୍ଲା କ୍ରୀଡା ସଙ୍ଘ ଏବଂ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ଓ ଢେଙ୍କାନାଳ ଜିଲ୍ଲାପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ହେଉଛି। କଟକ ଇଲେଭେନ ବନାମ ଏମୟୁନାଇଟେଡ ମୁମ୍ବାଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଟକ ଇଲେଭେନ ୪-୦ଗୋଲରେ ମୁମ୍ବାଇ ଏମୟୁନାଇଟେଡ ଏଫସିକୁକୁ ପରାସ୍ତ କରି କ୍ୱାଟର ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ କାର୍ତ୍ତିକ ହାଟାଂଲ ତିନୋଟି ଗୋଲ ଦେଇଥିବା ବେଳେ ଦ୍ୱିତୀୟ ଗୋଲ ସୁରେଶ ଖାଦିଆ ଦେଇଥିଲେ । ଆଜିର ଉତ୍ସବରେ ଅତିରକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରା, ଜିଲ୍ଲା ସାମ୍ବାଦିକ ସଙ୍ଘ କାର୍ଯ୍ୟକାରୀ ସଭାପତି ରତନ ନାୟାର, ସାମ୍ବାଦିକ ସଙ୍ଘ ଉପସଭାପତି ଅଥୟ କୁମାର ସାହୁ, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଶିଶିର ଶତପଥୀ, ବିନୋଦ ମହାନ୍ତି,ନାରାୟଣ ପଟ୍ଟନାୟକ, ଓଡିଶା ଗ୍ରାମ୍ୟବ୍ୟାଙ୍କ ପରିଚାଳକ ଦେବାଶିଷ ପୁରୋହିତ, ପରିଚାଳକ ଅପରେସନ ସୋନାଲି ସାଗରିକା ମହାନ୍ତି, ଦେବାଶିଷ ପରିଡା ଅତିଥି ଭାବରେ ଯୋଗଦେଇଥିଲେ ।ଆଜିର ମ୍ୟାଚକୁ ରେଫରୀ ଭାବରେଦେବରାଜ ସ୍ୱାଇଁ,ମହେଶ ପ୍ରଧାନ, ଶଶିକାନ୍ତ ଦାଶିଆ ,ଅରୁଣ ନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ କମିଶନର ଭାବରେ ମାୟାଧର ସାହୁ ଯୋଗଦେଇଥିଲେ । ଆଜିର ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଭାବରେ କଟକ ଇଲେଭେନର କାର୍ତ୍ତିକ ହାଟାଂଲଙ୍କୁ ପୂର୍ବତନ ସନ୍ତୋଷ ଟ୍ରଫି କ୍ୟାପଟେନ ନିପେନ୍ଦ୍ର କୁମାର ଦାସ ଓ ରଣଜିତ ଟିଗା, ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳୀ ଏମୟୁନାଇଟେଡ ମୁମ୍ବାଇର କ୍ୟାପଟେନଙ୍କୁ ଭୁବନେଶ୍ୱର ନୱା ଇମେଜ ଟେକେନ କେୟାର ତରଫରୁ ୨ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ମ୍ୟାଚରେ କ୍ରୀଡା ସମ୍ପାଦକ ନଳିନୀକୁମାର ଦାସ, ଉପସଭାପତି ସଞ୍ଜୟ କୁମାରଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର, ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ପ୍ରତାପ ମହାନ୍ତି, ବାବୁ ପାଢୀ, ସୁନିଲ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର, ବାବୁଲି ସାହୁ, ପ୍ରତୀକ ଭଞ୍ଜ, ବେସାରତ ଖାଁ, ପର୍ଶୁରାମ ମିଶ୍ର, ସରୋଜ ପାଢୀ, ମନୋଜ ଦାସ,ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଅଜୟ ବାରିକ, ଦିପ୍ତିରଞ୍ଜନ ସେଠୀ, ବିଭୁ ପଟ୍ଟନାୟକ, ମାନସ ମହାରଣାଙ୍କ ସହିତ ଅନ୍ୟମାନେ ସହଯୋଗ କରିଥିଲେ । ଘୋଷଣ ଭାବରେ ପର୍ଶୁରାମ ମିଶ୍ର,ପ୍ରେମାନନ୍ଦ ମହାନ୍ତି, ଆଡଭୋକେଟ ସରୋଜ କୁମାରପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କ୍ୱାଟର ଫାଇନାଲ ମ୍ୟାଚ କେରଳ ପୋଲିସ ଏବଂ ଆସାମ ରାଇଫଲ ସୁଲଙ୍ଗ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ରୀଡା ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି ।



## ଅଣ୍ଡର ୨୩ ମହିଳା କ୍ରିକେଟ ଓଡ଼ିଶା ଦଳରେ ଭଦ୍ରକର ପୂଜାରାଣୀ

ଭଦ୍ରକ, (ସବ୍ୟୁ): ବିସିସିଆଇ ଦ୍ୱାରା ଅନୁଷ୍ଠିତ ହେବାକୁ ଥିବା ଅଣ୍ଡର ୨୩ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ୩ଟି ମ୍ୟାଚ୍ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ ତା'ର ମହିଳା କ୍ରିକେଟ ଦଳ ଖେଳାଳୀଙ୍କ ନାମ ଘୋଷଣା କରିଛି । ଯେଉଁ ଦଳରେ ଭଦ୍ରକର ଉଦୀୟମାନ ମହିଳା କ୍ରିକେଟର ପୂଜାରାଣୀ ଦାସ ସ୍ଥାନ ପାଇଛନ୍ତି । ୨୦୨୫-୨୬ସିଜିନ୍ ଘରୋଇ ଟି-୨୦ ମ୍ୟାଚ ପାଇଁ ଏହି ଦଳ ଘୋଷିତ ହୋଇଛି । ଏ ନେଇ ଓସିଏ ପକ୍ଷରୁ ଜିଲ୍ଲା କ୍ରିକେଟ ଆସୋସିଏସନ୍‌କୁ ବିଧିବଦ୍ଧ ଭାବେ ଅବଗତ କରାଯିବା ସହିତ ପୂଜାରାଣିଙ୍କୁ ତୁରନ୍ତ କୋଚ୍‌ଙ୍କୁ ରିପୋର୍ଟ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଏ ନେଇ ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷରୁ ଖୁସି ବ୍ୟକ୍ତ କରାଯିବା ସହିତ ତାଙ୍କର ଉନ୍ନତ କ୍ରୀଡ଼ା ପଦର୍ଶନ ପାଇଁ ଆସୋସିଏସନ



ପକ୍ଷରୁ ଉପେନ୍ଦ୍ର ବାରିକ, ଧୀରେନ ପଲାଇ,ଅତିସ୍ କୁମାର ବେହେରା, ଭବତୋଷ ଦାସ, ଲକ୍ଷ୍ମୀକାନ୍ତ ଷଡ଼ଙ୍ଗୀ, ବେୟାମକେଶ ସେନାପତି ପ୍ରମୁଖ ଆଶା ପୋଷଣ କରିଛନ୍ତି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଆବିର୍ଭାବ : ୧୭.୦୫.୧୯୫୭



ତିରୋଧାନ : ୧୫.୧୧.୨୦୨୫

ସ୍ୱର୍ଗୀୟା ଅନୀତା ଦଣ୍ଡପାଟ

ସ୍ୱାମୀ- ସ୍ୱର୍ଗତ ସୁଧାଂଶୁ ଶେଖର ଦଣ୍ଡପାଟ

କାଶିଆବେଡା, ବଡଶୋଳ, ମୟୂରଭଞ୍ଜ

ଅଭୁଲ ସେ ଅନୁଭୂତି ... ଅପାସୋରା ଗାଥା...

ସ୍ମୃତି ସବୁ ଗଚ୍ଛିଧନ ବାଜି ଜୀବନର...

ଶୋକସନ୍ତପ୍ତ :

ପୁଅ ଦୀପକ, ଦୀନେଶ, ପୁଅବୋହୂ ସ୍ୱପ୍ନା, ସୁନୀତା, ଝିଅ ଲତିକା, ଜ୍ୱାଇଁ ଲାଲମୋହନ, ଦିଅର ରାମରାଞ୍ଜନ, ଯାଆ ସୁଲେଖା, ନାତି ଓମ ପ୍ରକାଶ, ରାଜା, ସାଇ, କ୍ରିଶ, ନାତୁଣୀ ହର୍ଷିତା, ପୂଜା, ପଲକ, ଦ୍ରୁଷ୍ଟି ଓ ସମସ୍ତ ବନ୍ଧୁ ପରିଜନ ବର୍ଗ

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି